


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୦୫ ଅଗଷ୍ଟ ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 05 AUGUST 2020

Vol.No. 30 ■ No. 197 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



SAI SADHANA SCIENCE HIGHER SECONDARY SCHOOL, UDALA

A Fully +2 Science Residential College

Dibyasingpur, Udala,

Dist: Mayurbhanj




2nd Admission is going on

SUMMER COURSE:- 2nd Batch Admission Starts from: Dt.19.03.2020 and Class Starts From:- 2nd April (Thursday)

ଏହି SUMMER COURSE FEE କେବଳ ମାତ୍ର ୪୦୦୦ଟଙ୍କା ରେ ଖାଇବା,ରହିବା ଓ ପଢ଼ିବା ର ସୁବ୍ୟବସ୍ଥା ରହିଛି ।

*For better development of students are taught by highly and well experienced faculties.*

Contact No:

9437294587, 9438232419, 9437443950, 9937557158,9438317887

S d- P.C Bindhani

Chairman


# ଆଜି ଅଯୋଧ୍ୟାରେ ହେବ ରାମ ମନ୍ଦିର ନିର୍ମାଣ ଲାଗି ଭୂମିପୂଜନ

ନୂଆଦିଲ୍ଲୀ,୪।୮ (ନି.ପ୍ର): ଆଜି ରାମଜନ୍ମଭୂମି ଅଯୋଧ୍ୟାରେ ହେବ ରାମ ମନ୍ଦିର ନିର୍ମାଣ ଲାଗି ଭୂମିପୂଜନ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଭୂମି ପୂଜନ ସମ୍ପନ୍ନ କରିବେ । ସୁନିର୍ବାଚିତ ୧୭୫ ଅତିଥିଙ୍କ ଗହଣରେ ଏହି ଭୂମି ପୂଜନ ସମାରୋହ ଅନୁଷ୍ଠିତ ହେବ । କଡା ସୁରକ୍ଷା ବିଳୟ ମଧ୍ୟରେ ଏହି ବହୁପ୍ରତୀକ୍ଷିତ ଧର୍ମୀୟ ଉତ୍ସବ ସମ୍ପନ୍ନ ହେବ । ଆସନ୍ତୁ ନିର୍ମିତ ହେବାକୁ ଯାଉଥିବା ରାମ ମନ୍ଦିର ସମ୍ପର୍କରେ କିଛି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସମ୍ପର୍କରେ ଅବଗତ ହେବ । ୧୦ ଏକର ପରିମିତ ଅଞ୍ଚଳ ଉପରେ ମନ୍ଦିର ନିର୍ମାଣ ହେବ । ଏହି ମନ୍ଦିରର ୫ଟି ଗମ୍ବଜ ରହିବା ସହ



ଗୋଟିଏ ଶିଖର ରହିବ । ମନ୍ଦିରର ଉଚ୍ଚତା ୧୬୧ ଫୁଟ । ରାମ ମନ୍ଦିର ୩୬୦ଟି ସ୍ତମ୍ଭ ବା ଖମ୍ବ ଉପରେ ଦଣ୍ଡାୟମାନ ହେବ । ମନ୍ଦିର ନକ୍ସା ପ୍ରସ୍ତୁତ କରିଛନ୍ତି ଦେଶର ଜଣାଶୁଣା ବାସ୍ତୁକାର ଚନ୍ଦ୍ରକାନ୍ତଭାଇ ସୋମପୁରା । ସେ ଗୁଜୁରାଟର ପ୍ରସିଦ୍ଧ ଅକ୍ଷରଧାମ ମନ୍ଦିରର ମୁଖ୍ୟସ୍ଥପତି ଥିଲେ । ସୋମପୁରାଙ୍କର ଜେଜେବାପା ପ୍ରଭାବକରଜୀ ସୋମପୁରା ପ୍ରସିଦ୍ଧ ସୋମନାଥ ମନ୍ଦିରର ସ୍ଥପତି ଥିଲେ । ଶିଳ୍ପ ଶାସ୍ତ୍ରର ନିୟମ ଅନୁସାରେ ନିର୍ମିତ ହେବାକୁ ଥିବା ରାମ ମନ୍ଦିରରେ ରାଜସ୍ଥାନରେ ବଂଶୀ ପର୍ବତାବଳୀରୁ ସ୍ୱତନ୍ତ୍ର ଭାବେ ପଥର ଅଣାଯିବ । ▶▶ପୃଷ୍ଠା ୭

# ପ୍ରକାଶ ପାଇଲା ସିଭିଲ୍ ସର୍ଭିସ୍ ପରୀକ୍ଷା ଫଳ : ଟପ୍ ୧୦ରେ ୨ ଓଡିଆ

ଭୁବନେଶ୍ୱର,୪।୮ (ନି.ପ୍ର): ସିଭିଲ୍ ସର୍ଭିସ୍ ପରୀକ୍ଷା ଫଳାଫଳ ଆଜି ପ୍ରକାଶ ପାଇଛି । ଆଇଏଏସ୍, ଆଇପିଏସ୍, ଆଇଆରଏସ୍, ଆଇଏଫ୍‌ସ ଆଦି ବିଭିନ୍ନ ବର୍ଗର ପରୀକ୍ଷାର୍ଥୀଙ୍କୁ ମିଶାଇ ସମୁଦାୟ ୮୨୯ ଜଣ କୃତକାର୍ଯ୍ୟ ହୋଇଛନ୍ତି । ଏହି ପରୀକ୍ଷାରେ ଚଳିତବର୍ଷ ଟପ୍ପର ହୋଇଛନ୍ତି ପ୍ରଦୀପ ସିଂହ। ସେହିପରି ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି ଜତିନ କିଶୋର ଏବଂ ପ୍ରତିଭା ଶର୍ମା । ଆଇଏଏସ୍ ତାଲିକାର ଟପ ଟେନରେ ଦୁଇ ଓଡିଆ ରହିଛନ୍ତି । ଓଡିଶାର ଅଭିଷେକ୍ ସରାଫ ଅଷ୍ଟମ ସ୍ଥାନରେ ଥିବାବେଳେ ସଞ୍ଜିତା ମହାପାତ୍ର ୧୦ମ ସ୍ଥାନରେ ରହିଛନ୍ତି । ସଞ୍ଜିତା ପୂର୍ବରୁ ଓଡିଶା ସିଭିଲ ସର୍ଭସ ପରୀକ୍ଷାରେ ସଫଳ ହୋଇଥିଲେ । ଓଡିଶାର ଅଂଶୁମାନ ରାଜ ୧୦୭, ଅନୁପ ଦାସ ୧୨୦, ଶୈଳଜା ଦାସ ୧୯୦, ରାହୁଲ ମିଶ୍ର ୨୦୨,ହେମା ନାୟକ ୨୨୫,ଆରୁଷି ମିଶ୍ର ୨୨୯,ଆଶିଷ ଦାସ ୨୯୧, ଅଙ୍କିତ ଶଙ୍କର ମିଶ୍ର ୨୯୪ ତମ ର୍ୟାଙ୍କ୍ ହାସଲ କରିଛନ୍ତି । ସେହିପରି ସୋନାଲୀ ମିଶ୍ର ୩୦୦, ଦିବ୍ୟା ମିଶ୍ର ୩୧୨, ଅର୍ଘ୍ୟ ପଟ୍ଟନାୟକ ୩୬୧, ଜୁବିନ୍ ମହାପାତ୍ର ୩୭୯, ସମୀର କୁମାର ଜେନା ୪୪୧, ମାନସ ରଂଜନ ସାହୁ ୫୬୭, ଶିବମ୍ ମିଶ୍ର ୭୧୨,ଓମ୍ ପ୍ରସାଦ ମହାନ୍ତି ୭୧୫ ଓ ବିଭୂତି ଭୂଷଣ ନାୟକ ୮୧୯ ତମ ର୍ୟାଙ୍କ୍ ପାଇଛନ୍ତି । ସମୁଦାୟ ୮୨୯ ଜଣ କୃତକାର୍ଯ୍ୟ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୩୦୪ ଜଣ ସାଧାରଣ ବର୍ଗର ହୋଇଥିବା ବେଳେ ୭୮ ଜଣ ଓଡବ୍ଲୁସ୍, ୨୫୧ ଜଣ ଓବିସି, ୨୨୯ ଜଣ ଅନୁସୂଚିତ ଜାତି ଓ ୬୭ ଅନୁସୂଚିତ ଜନଜାତି ବର୍ଗର ବୋଲି ସୂଚନା ଦିଆ ଯାଇଛି ।

# ରାଜନୈତିକ ଶତ୍ରୁତାରୁ ସଂଘବଦ୍ଧ ଆକ୍ରମଣ: ୧ ମୃତ, ଜଣେ ଗୁରୁତର



ବାଲେଶ୍ୱର,୪।୮ (ନି.ପ୍ର): ପୂର୍ବ ଶତ୍ରୁତାରୁ ଗତକାଲି ରାତିରେ ବୁଆଁଳ ପଞ୍ଚାୟତରେ ସଂଘବଦ୍ଧ ଆକ୍ରମଣ ଯୋଗୁଁ ଜନୈକ ଯୁବକର ମୃତ୍ୟୁ ହୋଇଥିବା ବେଳେ ଅନ୍ୟଜଣଙ୍କୁ ଗୁରୁତର ଅବସ୍ଥାରେ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ମୃତ ଯୁବକ ଜଣକ ହେଲେ ସଦର ଥାନା ଅନ୍ତର୍ଗତ ବୁଆଁଳ ପଞ୍ଚାୟତ ପାରିକୁଳ ଗ୍ରାମର ଶ୍ରୀଧର ପାତ୍ରଙ୍କ ପୁତ୍ର ତପନ କୁମାର ପାତ୍ର (୨୭) । ମୋବାଇଲ ଟାୱାର କାର୍ଯ୍ୟ କରୁଥିବା ପାରିକୁଳ ଗାଁ'ର ମୁରଲୀଧର ମହାପାତ୍ରଙ୍କ ପୁତ୍ର ପ୍ରିୟବ୍ରତ ମହାପାତ୍ର(୩୪) ଓ ତପନ ପାତ୍ର ଏକ ସ୍କୁଟିରେ ଗତକାଲି ସଂଧ୍ୟାରେ ବେଲବାରିଆକୁ କାମ କରିବାକୁ ଯାଇ ରାତି ପ୍ରାୟ ୯ ଟାରେ ଘରକୁ ଫେରୁଥିବା ବେଳେ ଏହି ଆକ୍ରମଣ ହୋଇଥିଲା । ସେମାନେ କୁଡ଼ିଆ ଗ୍ରାମର ଛତ୍ରପୁର ଛକ ଅତିକ୍ରମ କରୁଥିବା ବେଳେ ସେଠାରେ ଛିଡ଼ା ହୋଇଥିବା ମହେଶ୍ୱର ଜେନାଙ୍କ ପୁତ୍ର ବିଜୟ ଜେନା ସେମାନଙ୍କୁ ଅଟକାଇଥିଲା । ପ୍ରିୟବ୍ରତ ଗାଡ଼ି ଅଟକାଇବା କ୍ଷଣି ଷ୍ଟ୍ରିଟ ଲାଇଟ୍ ନିକଟରେ ଛିଡ଼ା ହୋଇଥିବା ମୁନା ଦାସ ହଠାତ ଦୌଡ଼ି ଆସି ଏକ ତେଲେଙ୍ଗା କଟୁରୀରେ ତାଙ୍କ ହାତରେ ଓ ▶▶ପୃଷ୍ଠା ୭

# ଶହୀଦ କୋଭିଡ ଯୋଦ୍ଧା ମାନଙ୍କ ପ୍ରାପ୍ୟ ପ୍ରଦାନରେ ସାମାନ୍ୟତମ ଅବହେଳା ବରଦାସ୍ତ କରାଯିବ ନାହିଁ : ମୁଖ୍ୟମନ୍ତ୍ରୀ

## ଶହୀଦ କୋଭିଡ ଯୋଦ୍ଧାଙ୍କ ସ୍ମରଣରେ ଆଜି ହେବ ନୀରବ ପ୍ରାର୍ଥନା ଓ ଶପଥ ପାଠ

ଭୁବନେଶ୍ୱର,୪।୮ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ଭିଡିଓ କନ୍‌ଫରେନ୍‌ସିଂ ଜରିଆରେ ଏକ ଉଚ୍ଚସ୍ତରୀୟ ବୈଠକରେ ଅଧ୍ୟକ୍ଷତା କରି ଶହୀଦ କୋଭିଡ ଯୋଦ୍ଧା ମାନଙ୍କ ପରିବାର ଯେପରି ସହାୟତା ପାଇବାରେ ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି, ସେଥିପ୍ରତି ଯତ୍ନବାନ ହେବାକୁ ନିର୍ଦ୍ଦେଶ ଦେଇଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଯେଉଁ କୋଭିଡ ଯୋଦ୍ଧାମାନେ କୋଭିଡ ଯୁଦ୍ଧରେ ପ୍ରାଣବଳି ଦେଇଛନ୍ତି, ସେମାନଙ୍କୁ ସମସ୍ତ ପ୍ରାପ୍ୟ ପ୍ରଦାନ କରିବା ପାଇଁ ରାଜ୍ୟ ସରକାରଙ୍କ ମନ୍ତ୍ରୀଗଣ ଓ ସେମାନଙ୍କ ବିଭାଗ ଦାୟିତ୍ୱରେ ରହିବେ । ଏ କ୍ଷେତ୍ରରେ ସାମାନ୍ୟତମ ଅବହେଳାକୁ ମଧ୍ୟ ବରଦାସ୍ତ କରିବେ ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । କୋଭିଡ ହସ୍‌ପିଟାଲ ଓ କୋଭିଡ କେୟାର ହୋମ୍‌ରେ ପ୍ରଦାନ କରାଯାଉଥିବା ସମସ୍ତ ଚିକିତ୍ସା ଓ ସେବାର ମାନ ଉପରେ ସମସ୍ତେ ଧ୍ୟାନ ଦେବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ଏହାସହିତ ଆମ୍ବୁଲାନ୍‌ସ ବ୍ୟବସ୍ଥାରେ ମଧ୍ୟ ଉନ୍ନତି ଆଣିବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି । ଏବେ ବି ମଧ୍ୟ ଗୃହ ସଂଗରୋଧ ସଂପର୍କରେ ବିଭିନ୍ନ ପ୍ରକାର ଭ୍ରାନ୍ତଧାରଣା ଲୋକଙ୍କ ମନରେ ରହୁଛି । ତେଣୁ ଏଥିପାଇଁ ଏକ ପ୍ରଭାବୀ ସୂଚନା, ମନୋରଂଜନ ଓ ସଂଚାର କାର୍ଯ୍ୟକ୍ରମର ଆବଶ୍ୟକତା ରହିଛି । ଏହାକୁ ସର୍ବାଧିକ ପ୍ରାଥମିକତା ଦେବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି । ପର୍ଯ୍ୟବେକ୍ଷକମାନେ ଜିଲ୍ଲା ଅଧିକାରୀମାନଙ୍କ ସହିତ କୋଭିଡ ଯୁଦ୍ଧରେ ସଂପୂର୍ଣ୍ଣ ଭାବେ ସାମିଲ ହୋଇ କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଛନ୍ତି । ଆସନ୍ତାକାଲି ରାଜ୍ୟରେ କୋଭିଡ ରୋଗରୁ ଆରୋଗ୍ୟ ଲାଭ କରିଥିବା ଲୋକଙ୍କ ସଂଖ୍ୟା ୨୫ ହଜାର ଅତିକ୍ରମ କରିବ ବୋଲି ମୁଖ୍ୟମନ୍ତ୍ରୀ



ସୂଚନା ଦେଇଥିଲେ । କୋଭିଡ ଯୋଦ୍ଧାଙ୍କ ତ୍ୟାଗ ଓ ନିଷ୍ଠାପର କାର୍ଯ୍ୟକୁ ସମ୍ମାନ ଜଣାଇବା ପାଇଁ ଆସନ୍ତାକାଲି ଏକ କାର୍ଯ୍ୟକ୍ରମର ଆୟୋଜନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି । ଏହି କାର୍ଯ୍ୟକ୍ରମର ଦୁଇଟି ଅଂଶ ରହିବ । ତାହା ହେଲା କୋଭିଡ ଯୁଦ୍ଧରେ ପ୍ରାଣବଳି ଦେଇଥିବା କୋଭିଡ ଯୋଦ୍ଧାମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଓ ନୀରବ ପ୍ରାର୍ଥନା ଏବଂ ଓଡିଶାର ଜନସାଧାରଣଙ୍କ ଦ୍ୱାରା ଶପଥ ପାଠ । ଏଥିରେ କୋଭିଡ ଯୋଦ୍ଧାଙ୍କ କାର୍ଯ୍ୟକୁ ଉଚ୍ଚପ୍ରଶଂସା ସହିତ ସେମାନଙ୍କ କାର୍ଯ୍ୟରେ ସହଯୋଗ ଏବଂ ଲୋକଙ୍କ ଜୀବନର ସୁରକ୍ଷା ପାଇଁ ଜାରି ହୋଇଥିବା ସମସ୍ତ କୋଭିଡ ନିୟମକୁ କଡାକଡି ଭାବରେ ପାଳନ କରିବା ▶▶ପୃଷ୍ଠା ୭

## ଯୁକ୍ତ ୨ ବିଜ୍ଞାନ ଓ ବାଣିଜ୍ୟର ପରୀକ୍ଷା ଫଳ ଅଗଷ୍ଟ ମାସ ତୃତୀୟ ସପ୍ତାହ ସୁଦ୍ଧା ପ୍ରକାଶ ପାଇବ

ଭୁବନେଶ୍ୱର,୪।୮ (ନି.ପ୍ର): ଯୁକ୍ତ -୨ ବିଜ୍ଞାନ ଓ ବାଣିଜ୍ୟର ପରୀକ୍ଷା ଫଳ ଅଗଷ୍ଟ ମାସ ତୃତୀୟ ସପ୍ତାହ ସୁଦ୍ଧା ପ୍ରକାଶ ପାଇବ ବୋଲି ସୂଚନା ଦେଇଛନ୍ତି ବିଦ୍ୟାଳୟ ଓ ଜନ ଶିକ୍ଷା ମନ୍ତ୍ରୀ ସମୀର ରଂଜନ ଦାଶ । ସେ କହିଛନ୍ତି ଯେ ବିଜ୍ଞାନ ଓ ବାଣିଜ୍ୟ ପରୀକ୍ଷା ଖାତା ମୂଲ୍ୟାଙ୍କନ ଶେଷ ହୋଇଛି ବର୍ତ୍ତମାନ ଟାବୁଲେସନ କାମ ଚାଲିଛି । ସେ କହିଛନ୍ତି ଯେ ପ୍ଲସ ୨ କଳା ପରୀକ୍ଷା ଫଳ ଅଗଷ୍ଟ ମାସ ଶେଷ ସପ୍ତାହରେ ପ୍ରକାଶ ପାଇବ ।

## କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଆରୋଗ୍ୟ କାମନା କଲେ ଜୁଏଲ

ରାଉରକେଲା,୪।୮ (ନି.ପ୍ର): କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି ପୂର୍ବତନ କେନ୍ଦ୍ର ମନ୍ତ୍ରୀ ତଥା ସୁନ୍ଦରଗଡ ସାଂସଦ ଜୁଏଲ ଓରାମ । ସେ ଟ୍ୱିଟ କରି କହିଛନ୍ତି ଯେ ଶ୍ରୀ ପ୍ରଧାନଙ୍କୁ କରୋନା ପଜିଟିଭ ହୋଇଥିବା ଖବର ଶୁଣି ମୁଁ ଦୁଃଖିତ । ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି ସେ ଖୁବଶୀଘ୍ର ସୁସ୍ଥ ହୋଇ ଦେଶର ସେବା କାର୍ଯ୍ୟରେ ପୁଣି ଆଗକୁ ବଢନ୍ତୁ ।

## କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରଙ୍କୁ କରୋନା

ନୂଆଦିଲ୍ଲୀ/ଭୁବନେଶ୍ୱର,୪।୮ (ନି.ପ୍ର): କେନ୍ଦ୍ର ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କରୋନା ସଂକ୍ରମିତ ହୋଇଛନ୍ତି । ନିଜେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଟୁଇଟ୍ କରି ଏହା ଜଣାଇଛନ୍ତି । ତାଙ୍କୁ ଚିକିତ୍ସା ପାଇଁ ଗୁରୁଗ୍ରାମର ମେଦାନ୍ତ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । କେନ୍ଦ୍ରମନ୍ତ୍ରୀ ତାଙ୍କ ଟୁଇଟ୍ ରେ ଉଲ୍ଲେଖ କରିଛନ୍ତି ଯେ " କୋଭିଡ୍ -୧୯ ର ଲକ୍ଷଣ ଦେଖାଯିବା କାରଣରୁ ମୁଁ ପରୀକ୍ଷା କରିଥିଲି । ରିପୋର୍ଟ ପଜିଟିଭ୍ ଆସିଛି । ଡ଼ାକ୍ତରଙ୍କ ପରାମର୍ଶ କ୍ରମେ ମୁଁ ହସ୍ପିଟାଲରେ ଭର୍ତି ହୋଇଛି ଏବଂ ସୁସ୍ଥ ଅଛି । "

# ଲଘୁଚାପ ପ୍ରଭାବରେ ୯ ତାରିଖ ଯାଏଁ ପୁରା ଓଡିଶାରେ ବର୍ଷିବ

## ଜିଲ୍ଲାପାଳମାନଙ୍କୁ ସତର୍କ ରହିବାକୁ ଏସଆରସିଙ୍କ ଚିଠି

ଭୁବନେଶ୍ୱର,୪।୮ (ନି.ପ୍ର): ଉତର-ପୂର୍ବ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଘନୀଭୂତ ହୋଇଛି । ଏହାର ପ୍ରଭାବରେ ସମଗ୍ର ଓଡିଶାରେ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ଆଇଏମଡି ପୂର୍ବାନୁମାନ କରିଛି । ଏହାସହ ପବନର ବେଗ ଘଂଟା ପ୍ରତି ୪୦ରୁ ୫୦ କିମି ରହିବ । ୯ ତାରିଖ ପର୍ଯ୍ୟନ୍ତ ବର୍ଷା ଲାଗି ରହିବ ବୋଲି ଆଇଏମଡି ଆକଳନ କରିଛି । ଏହି ସମୟ ମଧ୍ୟରେ ବର୍ଷା



ଯୋଗୁଁ ତଳିଆ ଅଂଚଳରେ ପାଣି ପଶିଯିବାର ସମ୍ଭାବନା ଥିବାରୁ ଜିଲ୍ଲା ପ୍ରଶାସନକୁ ସଜାଗ ରହିବାକୁ ଚିଠି ଲେଖି ନିର୍ଦ୍ଦେଶ ଦେଇଛନ୍ତି ସ୍ୱତନ୍ତ୍ର ରିଲିଫ୍ କମିଶନ (ଏସଆରସି) । ସେହିପରି ସମୁଦ୍ର ମଧ୍ୟକୁ ମତ୍ସ୍ୟଜୀବୀ ମାନଙ୍କୁ ବାରଣ କରାଯାଇଛି । ଏସଆରସି ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ୫ ତାରିଖ ସକାଳ ମଧ୍ୟରେ ମୟୂରଭଂଜ , ବାଲେଶ୍ୱର, ଭଦ୍ରକ, ଯାଜପୁର, ▶▶ପୃଷ୍ଠା ୭

# ରାଜ୍ୟରେ ଆଉ ୯ ଜଣଙ୍କର କରୋନାରେ ମୃତ୍ୟୁ : ମୃତ୍ୟୁ ସଂଖ୍ୟା ୨୧୬ ହେଲା

ଭୁବନେଶ୍ୱର,୪।୮ (ନି.ପ୍ର): ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ପୁଣି ୯ ଜଣ କରୋନା ସଂକ୍ରମିତଙ୍କର ମୃତ୍ୟୁ ଘଟିଛି । ଏହା ଫଳରେ ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୨୧୬ କୁ ବୃଦ୍ଧି ପାଇଛି ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ମୃତକ ମାନଙ୍କ ମଧ୍ୟରେ ଛଅ ଜଣ ଗଂଜାମ ଜିଲ୍ଲାର ହୋଇଥିବା ବେଳେ ପୁରୀ, ଯାଜପୁର ଓ ଖୋର୍ଦ୍ଧା ଜିଲ୍ଲାରୁ ଜଣେ ଜଣେ ଅଛନ୍ତି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଗଂଜାମ ଜିଲ୍ଲାର ୪୦ ବର୍ଷୀୟ ପୁରୁଷଙ୍କ ମୃତ୍ୟୁ ଘଟିଛି । ସେ ମଧୁମେହ ରୋଗରେ ପୀଡିତ ଥିଲେ । ସେହିପରି ପୁରୀ ଜିଲ୍ଲାର ଜଣେ ୫୭ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେ ସେଲେବ୍ରୋ ଭାସ୍କୁଲାର ଆକ୍ସିଡେଂଟରେ ପୀଡିତ ଥିଲେ । ଗଂଜାମ ଜିଲ୍ଲାର ଜଣେ ୫୦ ବର୍ଷୀୟ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଥିବା ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ସେହିପରି ଭାବେ ଯାଜପୁର ଜିଲ୍ଲାର ଜଣେ ୪୦ ବର୍ଷୀୟ କରୋନା ଆକ୍ରାନ୍ତ ପୁରୁଷଙ୍କ ମୃତ୍ୟୁ ଘଟିଛି । ଗଂଜାମ ଜିଲ୍ଲାର ଜଣେ ୫୬ ବର୍ଷୀୟ କରୋନା ଆକ୍ରାନ୍ତ ପୁରୁଷଙ୍କ ମୃତ୍ୟୁ ଘଟିଛି । ସେ ମଧୁମେହ ରୋଗରେ ପୀଡିତ ଥିଲେ । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଗଂଜାମ ଜିଲ୍ଲାର ଜଣେ ୬୦ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେ ମଧୁମେହ ଓ ହାଇପର ଟେନସନ ରୋଗରେ ପୀଡିତ ଥିଲେ । ଗଂଜାମ ଜିଲ୍ଲାର ଅନ୍ୟ ଜଣେ ୭୫ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେ ମଧ୍ୟ ମଧୁମେହ ଓ ହାଇପର ଟେନସନରେ ପୀଡିତ ଥିଲେ । ଖୋର୍ଦ୍ଧା ଜିଲ୍ଲାର ଜଣେ ୫୫ ବର୍ଷ ବୟସ୍କା କରୋନା ଆକ୍ରାନ୍ତ ମହିଳାଙ୍କ ମୃତ୍ୟୁ ବରଣ କରିଛନ୍ତି ।

# ଭୂଷଣ ଷ୍ଟିଲ୍ ନାଁରେ ମିଳିମିଶି ଖାଇଗଲେ ୧୪୦ କୋଟି: କଂଗ୍ରେସ

ଭୁବନେଶ୍ୱର,୪।୮ (ନି.ପ୍ର): ରାଜ୍ୟ ବିଧାନସଭାରେ ପାରିତ ହୋଇଥିବା ପ୍ରବେଶ କର ଆଇନ୍‌ର ବୈଧତା ସଂପର୍କିତ ମାମଲାରେ ରାଜ୍ୟ ସରକାର ଜିତିବା ଏବଂ ଭୂଷଣ ଷ୍ଟିଲ୍ ଆଣ୍ଡ ପାୱାର କମ୍ପାନୀ ହାରିବା ପରେ ରାଜ୍ୟ ସରକାରଙ୍କର ଇଚ୍ଛାଶକ୍ତିର ଅଭାବ କି ରାଜନେତା ଏବଂ ବରିଷ୍ଠ ଅମଲାମାନଙ୍କର କମ୍ପାନୀ ପ୍ରତି ଅହେତୁକ ଦରଦ ପାଇଁ ରାଜ୍ୟର ପ୍ରାୟ ୧୪୦ କୋଟି ଟଙ୍କା ବୁଡି ଯାଇଛି ବୋଲି କଂଗ୍ରେସ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ମୁଖପାତ୍ର ନିଶିକାନ୍ତ ମିଶ୍ର ଅଭିଯୋଗ କରିଛନ୍ତି । ରାଜ୍ୟ ବିଧାନସଭାରେ ପ୍ରଣୀତ ଆଇନ୍ ଓଡିଶା ପ୍ରବେଶ କର ଆଇନ୍‌ର ବୈଧତାକୁ ନେଇ ଭୂଷଣ ଷ୍ଟିଲ୍ ଆଣ୍ଡ ପାୱାର ସୁପ୍ରିମ୍‌କୋର୍ଟରେ ଚ୍ୟାଲେଞ୍ଜ କରି ହାରିବା ପରେ କ୍ଷତିରେ ଚାଲୁଥିବା ଭୂଷଣ ଷ୍ଟିଲ୍ ଆଣ୍ଡ ପାୱାର କମ୍ପାନୀ ଋଣ ସୁଝି ନପାରିବାରୁ ▶▶ପୃଷ୍ଠା ୭

# ଗୋଟିଏ ଦିନରେ ଆଉ ୧୪୮୪ କରୋନା ଆକ୍ରାନ୍ତ ଚିହ୍ନଟ : ମୋଟ ମାମଲା ୩୭୬୮୧କୁ ବୃଦ୍ଧି

ଭୁବନେଶ୍ୱର,୪।୮ (ନି.ପ୍ର): ରାଜ୍ୟରେ ଆଉ ୧୪୮୪ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏହାକୁ ମିଶାଇ ରାଜ୍ୟରେ କରୋନା ରୋଗୀଙ୍କ ସଂଖ୍ୟା ୩୭୬୮୧ କୁ ବୃଦ୍ଧି ପାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା ୧୪୮୪ ଜଣଙ୍କ ମଧ୍ୟରୁ ୮୮୯ ଜଣ ସଂଗରୋଧ କେନ୍ଦ୍ରରୁ ହୋଇଥିବା ବେଳେ ୫୯୫ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୮ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଗଂଜାମ ଜିଲ୍ଲାରେ ସବୁଠାରୁ ଅଧିକ ୨୮୮ ଟି ନୂଆ ମାମଲା ସାମନାକୁ ଆସିଛି । ଅନୁଗୁଳ ଜିଲ୍ଲାରେ ୧୪, ବାଲେଶ୍ୱର ଜିଲ୍ଲାରେ ୩୭ ଜଣ, ବରଗଡ ଜିଲ୍ଲାରେ ୧୦, ଭଦ୍ରକ ଜିଲ୍ଲାରେ ୪୦, ବଲାଙ୍ଗିର ଜିଲ୍ଲାରେ ୫.ବୌଦ୍ଧ ଜିଲ୍ଲାରେ ୨,କଟକ ଜିଲ୍ଲାରେ ୧୨୧ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି ଢେଙ୍କାନାଳ ଜିଲ୍ଲାରେ ୫୧, ଗଜପତି ଜିଲ୍ଲାରେ ୩୮, ଜଗତସିଂହପୁର ଜିଲ୍ଲାରେ ୨୦, ଯାଜପୁର ଜିଲ୍ଲାରେ ୩୯. ଝାରସୁଗୁଡା ଜିଲ୍ଲାରେ ୩, କଳାହାଣ୍ଡି ଜିଲ୍ଲାରେ ୪୭. କନ୍ଧମାଳ ଜିଲ୍ଲାରେ ୬୨, କେନ୍ଦ୍ରାପଡା ଜିଲ୍ଲାରେ ୧୨,କେନ୍ଦୁଝର ଜିଲ୍ଲାରେ ୬୬ ▶▶ପୃଷ୍ଠା ୭

# ସରଧାପୁର ବିଦ୍ୟାଳୟ ପ୍ରଧାନ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ନୂଆପଡା,୦୪।୮ (ନି.ପ୍ର): ନୂଆପଡା ଜିଲ୍ଲା ସିନାପାଲି ବ୍ଲକ ଅନ୍ତର୍ଗତ କଇଁଟପଦର ଆଞ୍ଚଳିକ ସାଧନ କେନ୍ଦ୍ର ଅଧିନ ସରଧାପୁର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମହେନ୍ଦ୍ର ସୁନାନୀଙ୍କୁ ସ୍ଥାନୀୟ ହଲଦୀମୁଣ୍ଡା ବିଦ୍ୟାଳୟ ଠାରେ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ସେ ଶିକ୍ଷକତା କର୍ମରୁ ଗତ ୩୧ ତାରିଖ ଦିନ ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ କରୋନା ମୁକାବିଲା କଟକଣା ତଥା ସରକାରଙ୍କ ନିର୍ଦ୍ଦେଶାବଳୀ ପାଳନ କରି ଏକ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା ଆୟୋଜନ କରାଯାଇଥିଲା । କାର୍ଯ୍ୟକ୍ରମରେ ହେମନ୍ତ କୁମାର ନିଆଲ ଅଧ୍ୟକ୍ଷତା କରିଥିବା ବେଳେ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ପଞ୍ଚାନନ ଖମାରୀ ମୁଖ୍ୟଅତିଥି, ବିଶିଷ୍ଟ ଶିକ୍ଷାବିତ ସତ୍ୟବ୍ରତ ଗହିର ମୁଖ୍ୟବକ୍ତା, ହଲଦୀମୁଣ୍ଡା ପ୍ରାଥମିକ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଭାଗ୍ୟବନ୍ତ ସାହୁ ସମ୍ମାନୀତ ଅତିଥି ଭାବରେ ଯୋଗଦାନ କରିଥିଲେ । ସ୍ଥାନୀୟ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଶୋଭାରାମ ଜଗତ ସଭାକାର୍ଯ୍ୟ ପରିଚାଳନା କରିଥିଲେ । ଏହି ସଭାରେ ଉପସ୍ଥିତ ଅତିଥି ବୃନ୍ଦ ବିଦାୟୀ ଶିକ୍ଷକ ମହେନ୍ଦ୍ର ସୁନାନୀଙ୍କ ଶିକ୍ଷକତା ଜୀବନୀ, ଛାତ୍ର ବତ୍ସଳତା, ଗୋଷ୍ଠୀ ସମ୍ପର୍କ ତଥା ସମାଜସେବା ଉପରେ ବିଶେଷ ମତ ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମରେ ବିଦାୟୀ ଶିକ୍ଷକଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ବିଭାଗୀୟ କିରାଣୀ କମଳଲୋଚନ ମାଝୀ ଉପସ୍ଥିତ ରହି କାର୍ଯ୍ୟମୁକ୍ତ ପତ୍ର, ଗ୍ରାଚ୍ୟୁଇଟି, ପେନସନ ଆଦେଶ ପତ୍ର ପ୍ରଭୃତି କାଗଜାତ ବିଦାୟୀ ଶିକ୍ଷକଙ୍କୁ ପ୍ରଦାନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଦେବେନ୍ଦ୍ର ସୁନାନୀ, ରମଣ ହେର୍ଣ୍ଣା, ସୋମନାଥ ନାଏକ, ଧର୍ମୁ ଗଉଡ, ବିପିନବିହାରୀ ନାଏକ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ଦେବେନ୍ଦ୍ର ସୁନାନୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ପି.କେ.ଡି.ଏ ର ବିନା ଅନୁମତିରେ ସହରରେ ବଢିଚାଲିଛି କୋଠା ନିର୍ମାଣ

ପୁରୀ,୦୪।୮ (ନି.ପ୍ର): ପୁରୀ ସହରରେ ବିଭନ୍ନ ସ୍ଥାନ ତଥା ସିଟି ରୋଡ୍ ଓ ଅନ୍ୟାନ୍ୟ ମୁଖ୍ୟ ରାସ୍ତା ଅଞ୍ଚଳ ସହ ବଡଦାଣ୍ଡରେ ମଧ କୋଠା ନିର୍ମାଣ କାର୍ଯ୍ୟ ଦୃତ ଗତିରେ ଆଗେଇ ଚାଲିଛି।ବଡଦାଣ୍ଡର ଏକ ପ୍ରମୁଖ ଅଚଂଳ ମାଉସୀ ମା ମନ୍ଦିର ଅଞ୍ଚଳରେ ବିନା ଅନୁମତିରେ ଏକ ଗୃହ ନିର୍ମାଣ ଦୃତ ଗତିରେ ଆଗେଇ ଚାଲିଛି। ଗୃହ କର୍ତ୍ତା ଶାସକ ଦଳର ଏକ ଆଗ ଧାଡିର ନେତା ହୋଇଥିବା ଯୋଗୁଁ ପି .କେ.ଡି.ଏ ତାଙ୍କ ବିରୁଦ୍ଧରେ ଅଦ୍ୟାବଧି କୌଣସୀ ନୋଟିସ୍ ଜାରି କରିନଥିବା ଅଭିଯୋଗ ହେଉଛି।ସରକାରୀ ନିୟମ ଅନୁଯାଇ ଆପାର୍ଟମେଣ୍ଟ କରିବା ନିମନ୍ତେ ଯେଉଁ ନିୟମ ରହିଛି, ସେହି ନିୟମ କୁଲ୍ଲଘନ କରି କେତେକ କ୍ଷମତା ଶଳୀ ବ୍ୟକ୍ତି ଆପାର୍ଟମେଣ୍ଟ କରୁଥିବା ଅଭିଯୋଗ ହେଉଛି। ଜିଲ୍ଲା ପ୍ରଶାସନ ଓ ପି କେ ଡିଏ କର୍ତ୍ତୃପକ୍ଷ ଏ ଦିଗରେ ଅନୁସନ୍ଧାନ କରି ବିନା ଅନୁମତିରେ ନିର୍ମାଣ କାର୍ଯ୍ୟ କରୁଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ନିର୍ମାଣ କାର୍ଯ୍ୟକୁ ବନ୍ଧ କରିବା ନିମନ୍ତେ ନିର୍ଦ୍ଦେଶ ଦେବାପାଇଁ ବିଭିନ୍ନ ମହଲରୁ ଦାବି ହୋଇଛି।

# ନଦୀରୁ ମହିଳାଙ୍କୁ ଉଦ୍ଧାର କଲେ ଯୁବକ

ଧର୍ମଶାଳା,୦୪।୮ (ନି.ପ୍ର): ଯାଜପୁର ଜିଲା ବରୀ ବ୍ଲକ ବାଲୁଙ୍ଗାପାଟଣା ନଦୀରେ ଅଘଟଣ। ନଦୀର ପ୍ରଖର ସ୍ରୋତରେ ଭାସି ଯାଉଥିବା ଜଣେ ମହିଳାଙ୍କୁ ଉଦ୍ଧା କଲେ ସ୍ଥାନୀୟ ଅଂଚଳର ସାହାସିକ ଯୁବକ । ଏଭଳି ଘଟଣା ସ୍ଥାନୀୟ ଅଂଚଳରେ ଚର୍ଚ୍ଚାର ବିଷୟ ପାଲଟିଛି । ଉକ୍ତ ଯୁବକକୁ ବିଭିନ୍ନ ମହଲରୁ ପ୍ରଶଂସାର ସୁଅ ଛୁଟିଛି। ସୂଚନା ମୁତାବକ ଆଜି ମଧ୍ୟହ୍ନରେ ବରୀ ବ୍ଲ ରତଳାଙ୍ଗ ପଂଚାୟତ ବାଲୁଙ୍ଗାପାଟଣା ଗ୍ରାମ ନିକଟସ୍ଥ ବାଲୁଙ୍ଗନଦୀର ପ୍ରଖର ସ୍ରୋତରେ ଜଣେ ଭାସିଯାଉଥିବା ସ୍ଥାନୀୟ ଲୋକେ ଦେଖିଥିଲେ । ହେଲେ କେହି ପାଣିରୁ ଉଦ୍ଧାର କରିବାକୁ ସାହାସ କରି ନ ଥିଲେ । ଫଳରେ ଭଅଁରା ପଂଚାୟତ ଭୁରୁଙ୍ଗା ଗ୍ରାମର ଜଣେ ସାହସୀ ଯୁବକ ଭ୍ରମର ମଲ୍ଲିକ(୩୩)ପାଣି ଭିତକୁ ଡେଇଁ ଜଣକୁ ଉଦ୍ଧାର କରି ନଦୀ ଉପରକୁ ଆଣିଥିଲେ । ପାଣିରେ ଭାସୁଥିବା ଜଣ ଜଣେ ମହିଳା ହୋଇଥିବା ଜଣାପଡିଛି । ସ୍ଥାନୀୟ ଉଦୟନାଥପୁର ଗ୍ରାମର ସୀତାରାଣୀ ଦାସ(୬୨) ବୋଲି ଜଣାପଡିଛି । ସେ ନଦୀ ଭିତରକୁ କିପରି ଆସିଲେ ଯାହାକୁ ନେଇ ଏବେ ସନ୍ଦେହ କରାଯାଉଛି। ସୀତାରାଣୀଙ୍କୁ ତୁରନ୍ତ ଗୁରୁତର ଅବସ୍ଥାରେ ସ୍ଥାନୀୟ ମେଡିକାଲ ନିଆଯାଇଥିଲା। ଚିକିତ୍ସା ପରେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଭଲ ଥିବା ଜଣାପଡିଛି । ଅନ୍ୟ ପକ୍ଷେ ଭ୍ରମରଙ୍କ ଏଭଳି ସାହାସିକ ମନୋଭାବକୁ ନେଇ ବରୀର ବିଭିନ୍ନ ମହଲରୁ ପ୍ରଶଂସାର ସୁଅ ଛୁଟିଛି । ଭ୍ରମଣ ସ୍ଥାନୀୟ ଅଂଚଳରେ କବାଡି ବେପାର କରେ । ତାଙ୍କୁ ତୁରନ୍ତ ସାହସିକ ପୁରସ୍କାର ଦେବା ଲାଗି ବରୀ ତଥା ଜିଲାର ବିଭିନ୍ନ ଅନୁଷ୍ଠାନ, ସ୍ୱେଚ୍ଛାସେବୀ ସଂଗଠନ,ସାମାଜିକ କର୍ମୀ ଓ ବୁଦ୍ଧିଜୀବି ମହଲରେ ଦୃଢ ଦାବି ହେଉଛି ।

# ଗଙ୍ଗାଧର ଜୟନ୍ତୀ ଓ ରାକ୍ଷୀପୂର୍ଣ୍ଣିମା ଉତ୍ସବ ପାଳିତ

ନୂଆପଡା,୦୪।୮ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ସହରର ମୁକ୍ତାପୁର ଠାରେ ଉତ୍କଳ ସାହିତ୍ୟ ସମାଜ ଓ ବ୍ରଜରାଜ ସାହିତ୍ୟ ସଂସଦ ତରଫରୁ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ଓ ରକ୍ଷାବନ୍ଧନ ଉତ୍ସବ ପାଳିତ ହୋଇଯାଇଛି । ସମାଜିକ ଦୂରତା ମଧ୍ୟରେ ପ୍ରଥମେ ରକ୍ଷା ବନ୍ଧନରେ ବୃକ୍ଷର ସୁରକ୍ଷା ପାଇଁ ରାକ୍ଷୀ ବାନ୍ଧିଥିଲେ । ଏହାପରେ ସ୍ୱଭାବକବି ଗଙ୍ଗଧାରଙ୍କ ଫଟୋକୃତିରେ ଦୀପ, ଧୂପ ଓ ମାଲ୍ୟାର୍ପଣ ପରେ ଗଙ୍ଗାଧର ସାହିତ୍ୟ କୃତି ଓ ସମାଜକୁ ଗଙ୍ଗାଧରଙ୍କ ଅବଦାନ ଉପରେ ଆଲୋଚନା ହୋଇଥିଲା । ଆବାହକ ମେଜର ଡଃ ରାମଚନ୍ଦ୍ର ମିଶ୍ର ପ୍ରାରମ୍ଭିକ ସୂଚନା ଦେଇଥିଲେ । ଅତିଥି ଭାବରେ ଆଇନଜୀବୀ ଚିତ୍ତରଞ୍ଜନ ସିଂଦେଓ, ଡଃ ଗୀତାଶ୍ରୀ ପ୍ରିୟମ୍ବଦା, ପ୍ରହାସିନୀ ପାଢୀ, ପରମେଶ୍ୱର ବାରିକ, ସୁଜିତ କୁମାର ପ୍ରଧାନ, ହେମନ୍ତ କୁମାର ବେହେରା, ଶୋଭିତ ମିଶ୍ର ପ୍ରମୁଖ ଯୋଗଦାନ କରିଥିଲେ । ଶେଷରେ ତପନରଞ୍ଜନ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ । ସେହିପରି ଖଡିଆଳ ସାହିତ୍ୟ ସମିତି ତରଫରୁ ଖଡିଆଳ ରାଜ ଦରବାର ହଲ ଠାରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି । ଏଥିରେ ଗବେଷକ ଡ. ଜିତାମିତ୍ର ପ୍ରସାଦ ସିଂ ଦେଓ ଅଧ୍ୟକ୍ଷତା କରିଥିବା ବେଳେ ସମିତିର ପରିଚାଳନା ସମ୍ପାଦକ ତଥା କବି ଗୌରାଙ୍ଗ କୁମାର ସାହୁ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ସମ୍ପାଦକ ଇରଫାନ ମହମ୍ମଦ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଯୁଗ୍ମ ସମ୍ପାଦକ ଆଦିତ୍ୟ ନାରାୟଣ ପଣ୍ଡା ଓ ସଦସ୍ୟ ଖରତ ଚନ୍ଦ୍ର ବାରିକ ଉପସ୍ଥିତ ଥିଲେ । ସମସ୍ତେ ଗଙ୍ଗାଧରଙ୍କ କୃତି ଉପରେ ଆଲୋଚନା କରିଥିଲେ । କୋଭିଡ ଆଇନ ଅନୁସାରେ ସାମାଜିକ ଦୂରତ୍ୱ ପାଳନ କରିବା ସହ ସମସ୍ତେ ମାକ୍ସ ପରିଧାନ କରି ଜୟନ୍ତୀ ପାଳନ କରିଥିଲେ ।

# କେନ୍ଦୁଝର ଜଙ୍ଗଲି ଆଦିବାସୀ ଙ୍କର ସୁସ୍ୱାଦୁ ଖାଦ୍ୟ ଜଙ୍ଗଲ ର କଲେଇ ପୋକ

କେନ୍ଦୁଝର,୦୪।୮ (ନି.ପ୍ର): ବଣ ପାହାଡ ଜଙ୍ଗଲ ପରିବେଷ୍ଟିତ ଆଦିବାସୀ ବହୁଳ କେନ୍ଦୁଝର ଜିଲ୍ଲା ର ପ୍ରାୟତଃ ଜଙ୍ଗଲିଆ ଅଞ୍ଚଳରେ ବସ ବାସ କରୁଥିବା ଆଦିବାସୀ ମାନଙ୍କର ପାରମ୍ପରିକ ନିଆରା ଓ ସୁସ୍ୱାଦୁ ଖାଦ୍ୟ ହେଉଛି ଭଗବାନଙ୍କର ସୃଷ୍ଟି 'କଲେଇ' ପୋକ । କେହି କେହି ଏହାକୁ କହ୍ଲେଇ ପୋକ ବୋଲି କହି ଥାଆନ୍ତି । ଏହି କଲେଇ ପୋକ ପ୍ରକୃତିର ନିୟମନୁଶାରେ ବର୍ଷକ ରେ ମାତ୍ର ଗୋଟିଏ ସମୟରେ ବାହାରିଥାନ୍ତି । ଯେଉଁଥିପାଇଁ ଏହି ସୁସ୍ୱାଦୁ ଖାଦ୍ୟକୁ ଖାଇବା ପାଇଁ ସେମାନେ ଚାତକ ଭଳି ଚାହିଁ ରହିଥଆନ୍ତି। ଆଦିବାସୀ ମାନଙ୍କର ପ୍ରୀୟ ଖାଦ୍ୟ ଏହି କଲେଇ ପୋକ କୁ ସଂଗ୍ରହ କରିବାର ଏକ ନିଆରା ବ୍ୟବସ୍ଥା ମଧ୍ୟ ସେମାନେ କରି ରଖିଛନ୍ତି । କେନ୍ଦୁଝର ଜିଲ୍ଲାର ବଣ ପାହାଡିଆ ବିଶେଷତଃ ଜଙ୍ଗଲ ଅଞ୍ଚଳରେ ବସ ବାସ କରୁଥିବା ଆଦିବାସୀ ସଂପ୍ରଦାୟ ପ୍ରାୟତଃ ଜଙ୍ଗଲରୁ ନିଜର ନିତ୍ୟ ବ୍ୟବହାର୍ଯ୍ୟ ଓ ଖାଦ୍ୟ ପଦାର୍ଥ ସାମଗ୍ରୀ ସଂଗ୍ରହ କରିଥିନ୍ତି । କେବଳ ସେତିକି ନୁହେ ଜଙ୍ଗଲରୁ କାଠ , ପତ୍ର , ଟୋଲ , ମହୁଲ , ଶାଳମଞ୍ଜି, କେନ୍ଦୁ , ପଣସ ଆଦି ବିଭିନ୍ନ ପ୍ରକାର ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରି ନିଜର ଗୁଜୁରାଣ ମେନ୍ଟାଇ ଥାଆନ୍ତି । ଏତଦ୍ ବ୍ୟତିତ ଆଦିବାସୀ ସଂପ୍ରଦାୟଙ୍କର ସାଧାରଣ ଖାଦ୍ୟ ଭଳି କିଛି ପାରମ୍ପାରିକ ଖାଦ୍ୟ ମଧ୍ୟ ରହିଛି । କଲେଇ ପୋକ ବା ଝଡି ପୋକ ସେମଧ୍ୟରୁ ଏକ । ଯାହା ସେମାନଙ୍କର ଅତି ପ୍ରିୟ ଖାଦ୍ୟ ଭାବେ ଜଣାଶୁଣା । କେତେବେଳେ କଞ୍ଚା ତ ପୁଣି କେତେବେଳେ କଲେଇ ପୋକର ପରକୁ ଛଡାଇ ତାକୁ ଭାଜି ମୁଢି ସହ ତ , ଆଉ କେତେବେଳେ ଚାଉଳକୁ ବାଟି ତା ସହ ମିଶାଇ ତରକାରୀ କରି ଭାତ ସହ ତାକୁ ଖାଇବକୁ ପ୍ରାୟତଃ ସେମାନେ ପସନ୍ଦ କରିଥାଆନ୍ତି । ଖରା ଦିନ ପରେ ଆସୁଥିବା ବର୍ଷା ଦିନକୁ ହିଁ ଚାତକ ପରି ଚାହିଁ ରହିଥାନ୍ତି ଏହ ଆଦିବାସୀ ମାନେ । ଆଉ ବର୍ଷକୁ ଥରେ ମାତ୍ର ଠିକ୍ ଏହି ବର୍ଷା ସମୟରେ ହିଁ ଏହି ଝଡିପୋକ ବା କଲେଇ ପୋକର ସ୍ୱାଦ ଚାଖିବାକୁ ସେମାନେ ପାଇଥାଆନ୍ତି । ଏହି କଲେଇ ପୋକ ସାଧାରଣତଃ ଉଇ ହୁଙ୍କା ରୁ ବାହାରି ଥାଆନ୍ତି । ପ୍ରଚଣ୍ଡ ଖରା ଓ ଗରମ ପରେ ଝଡି ବର୍ଷା ହେଲେ ଉଇ ହୁଙ୍କା ରୁ ଏହି କହ୍ଲେଇ ବା ଝଡି ପୋକ ବାହାରି ଉଡି ବୁଲିଥାଆନ୍ତି । ଆଉ ଆଦିବାସୀ ମାନେ ନିଜ ନିଜ ପରିବାର ସଦସ୍ୟଙ୍କ ସହ ସେହି ଉଇ ହୁଙ୍କା ନିକଟରେ ପ୍ରାୟତଃ ଡେରା ପକାଇ ଥାଆନ୍ତି । କଲେଇ ପୋକମାନେ ଅଧିକ ସଂଖ୍ୟାରେ ହୁଙ୍କାରୁ ବାହାରିବା ପାଇଁ ସେମାନେ ସୁନାରୀ' ନାମକ ଏକ ଫଳ ର ରସ କୁ ଉଇ ହୁଙ୍କା ଭିତରେ ପକାଇ ଥାଆନ୍ତି । ଫଳରେ ଉକ୍ତ ରସର ପ୍ରଭାବରେ ପ୍ରବଳ ମାତ୍ରା ରେ ଝଡି ପୋକ ବା କଲେଇ ହୁଙ୍କାରୁ ବାହାରି ଥାନ୍ତି । ଏବଂ ସେହି କଲେଇ ପୋକକୁ ସଂଗ୍ରହ କରିବା ପାଇଁ ଜଗି ରହିଥିବା ଲୋକେ ହୁଙ୍କା ଉପରେ ମଶାରି ଟାଣି କିମ୍ବା ହୁଙ୍କା ମୁହଁ ରେ ପତ୍ରରେ ନିର୍ମିତ ଠୋଲା ରଖି କଲେଇ ପୋକ ବା ଝଡି ପୋକ ସଂଗ୍ରହ କରିଥାଆନ୍ତି । ଆଉ ବର୍ଷା ଦିନରେ ଏହି ପୋକ ସଂଗ୍ରହ କରିବା ପାଇଁ ପିଲାଙ୍କ ଠାରୁ ବୟସ୍କ ପର୍ଯ୍ୟନ୍ତ କେହି ନିଜକୁ ସମ୍ଭାଳି ପାରନ୍ତି ନାହିଁ । ଖାଇବାକୁ ଲାଗି ସେମାନଙ୍କ ପାଟିରୁ ଯେଭଳି ନାଳ ଗଡିବା ଆରମ୍ଭ କରେ । କେହି କେହି କଲେଇ ପୋକକୁ ଧରୁ ଧରୁ ସେଇଠି କଞ୍ଚା ମଧ୍ୟ ଖାଇଯାନ୍ତି । ଅନ୍ୟ ପକ୍ଷରେ ମଧ୍ୟ ଏହି କଲେଇ ପୋକ ଏହି ସମୟରେ ଅନେକ ଆଦବାସୀ ଙ୍କର ଏକ ରୋଜଗାର ର ମାଧ୍ୟମ ପଲଟିଥାଏ । ଯଦି କେହି ଅଧିକ ପୋକ ଧରେ ତେବେ ଗୋଟିଏ ମାଣ ଝଡିପୋକ ଦେଇ ତା ବଦଳରେ ସେ ଗୋଟିଏ ମାଣ ଚାଉଳ ନେଇଥାନ୍ତି । ଜିଲ୍ଲାର ନେକ ହାଟ ବଜାର ରେ ଏହି କଲେଇ ପୋକର ପସରା ଦେକିବାକୁ ମିଳିଥାଏ ।

# ସୌଭାଗିନୀ ଚେରିଟେବୁଲ ଟ୍ରଷ୍ଟର ନିଆରା ରକ୍ଷାବନ୍ଧନ : ଗଛରେ ରାଖୀ ବାନ୍ଧି ପ୍ରକୃତି-ମାନବ ସମ୍ପର୍କକୁ କଲେ ଉଜ୍ଜୀବିତ

ବାଲେଶ୍ୱର,୦୪।୮ (ନି.ପ୍ର): ମହାମାରୀ କରୋନା ସଂକ୍ରମଣ ଯୋଗୁଁ ଅନ୍ୟାନ୍ୟ ପର୍ବପର୍ବାଣୀ ଫିକା ପଡ଼ି ଯାଇଥଲେ ବି ଚଳିତ ବର୍ଷ ପବିତ୍ର ରକ୍ଷାବନ୍ଧନ ଉତ୍ସବକୁ ଲୋକେ ଘରେ ଘରେ ରହି ପାଳନ କରୁଥିବା ଦେଖିବାକୁ ମିଳିଥିଲା। ତେବେ ଏହି ପରିପ୍ରେକ୍ଷୀରେ ସୌଭାଗିନୀ ଚେରିଟେବୁଲ ଟ୍ରଷ୍ଟ ପକ୍ଷରୁ ସମ୍ପୂର୍ଣ୍ଣ ନିଆରା ଭାବେ ରକ୍ଷାବନ୍ଧନ ପାଳନ କରାଯାଇଥିଲା। ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ବୃକ୍ଷରେ ରାଖି ବାନ୍ଧି ଟ୍ରଷ୍ଟର କର୍ମକର୍ତ୍ତାମାନେ ମାନବ ସମାଜ ସହ ବୃକ୍ଷର ନିବିଡ଼ ସମ୍ପର୍କକୁ ଉଜ୍ଜୀବିତ କରିଥିଲେ। ଟ୍ରଷ୍ଟର ମୁଖ୍ୟ ଜ୍ୟୋତିର୍ମୟୀ ଶତପଥୀଙ୍କ ନେତୃତ୍ୱରେ ଆୟୋଜିତ ଏହି ନିଆରା କାର୍ଯ୍ୟକ୍ରମରେ ଶରୀକା କର, ନିର୍ଲିପ୍ତା କର, ନିତ୍ୟାନନ୍ଦ ପ୍ରଧାନ, ଅବନୀ କୁମାର ଜେନା, ଦେବୀ ପ୍ରସାଦ ଶତପଥୀଳ ସୁବ୍ରମର୍ଣ୍ଣ୍ୟମ କର, ଙ୍କ ସମେତ ବହୁ ସଦସ୍ୟ ସଦସ୍ୟା ଯୋଗଦେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରର ୫୦ରୁ ଉର୍ଦ୍ଧ୍ୱ ଗଛରେ ରାକ୍ଷୀ ବାନ୍ଧିଥିଲେ। ମାନବ ଜୀବନର ପ୍ରତିଟି କ୍ଷେତ୍ରରେ ବୃକ୍ଷର ଆବଶ୍ୟକତା ଥିବା ବେଳେ ଏହାର ସୁରକ୍ଷା ଓ ନୂତନ ଜଙ୍ଗଲ ସୃଷ୍ଟି ଦିଗରେ ସମସ୍ତେ ଯତ୍ନବାନ ହେବା ଉଚିତ ବୋଲି ସୌଭାଗିନୀ ଟ୍ରଷ୍ଟର ମୁଖ୍ୟ ଜ୍ୟୋତିର୍ମୟୀ ଶତପଥୀ ପ୍ରକାଶ କରିଥିଲେ। ଟ୍ରଷ୍ଟର ଏଭଳି କାର୍ଯ୍ୟକୁ ସାଧାରଣରେ ଭୂୟସୀ ପ୍ରଶଂସା କରାଯାଇଛି।



# ଚାନ୍ଦବାଲି ଓ ତିହିଡିରେ ବଜ୍ରାଘାତରେ ୩ ଜଣଙ୍କର ମୃତ୍ୟୁ

ଭଦ୍ରକ, ୪/୮ (ହି.ସ.) - ଏହି ଜିଲାର ଚାନ୍ଦବାଲି ଥାନା ଅଧୀନସ୍ଥ ମଠସାହି ଗାଁରେ ବଜ୍ରାଘାତରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ପ୍ରାପ୍ତ ଖବରରୁ ଯାହା ଜଣାଯାଏ ଏହି ଗାଁର ଯୁବକ ମଥୁରୀ ଦାସ (୩୫) ବିଲକୁ ଧାନତଳି ରୋଇବାକୁ ଯାଇଥିବା ସମୟରେ ବର୍ଷା ଜନିତ ବଜ୍ରାଘାତ ହୋଇଥିଲା। ଫଳରେ ଘଟଣାସ୍ଥଳରେ ସେ ଟଳିପଡିଥିଲେ। ଖବର ପାଇ ଗାଁ ଲୋକେ ଘଟଣା ସ୍ଥଳରେ ପହଞ୍ଚି ମଥୁରୀକୁ ଉଦ୍ଧାର କରି ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ ମଧ ତାଙ୍କର ମୃତ୍ୟୁ ହୋଇଥିଲା। ଅନୁରୂପ କେନ୍ଦ୍ରାପଡା ଜିଲା ଓଳାବର ଗ୍ରାମର ରମାକାନ୍ତ ବେଜ ଚାନ୍ଦବାଲିକୁ ଘରକାମ ପାଇଁ କାଠ କିଣିବାକୁ ଆସିଥିଲେ। ମାତ୍ର ଶାସ୍ତ୍ରୀ ଘାଟ ନିକଟରେ ବର୍ଷା ହେବା ଯୋଗୁଁ ଦୋକାନ ପାଖରେ ଛିଡା ହୋଇଥିଲେ। ବଜ୍ରପାତ ଯୋଗୁଁ ସେ ସେହିଠାରେ ହିଁ ଟଳିପଡିଥିଲେ। ତେବେ ପରିବାର ଲୋକେ ପହଞ୍ଚି ଏଥିନେଇ ପୁଲିସ୍‌କୁ ଖବର ଦେଇଥିଲେ। ପୁଲିସ୍ ଉଭୟ ଘଟଣାରେ ଦୁଇଟି ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରାଇଛି। ଆଜି ମଧାହ୍ନରେ ପ୍ରବଳ ବର୍ଷା ସାଙ୍ଗକୁ ଏଠାରେ ପ୍ରବଳ ବଜ୍ରପାତ ହୋଇଥିଲା। ଅନୁରୂପ ତିହିଡି ବ୍ଲକ୍ ଗୋବିନ୍ଦପୁର ପଂଚାୟତ ଅଧୀନ ପଇତିପୁର ଗ୍ରାମର ଆନନ୍ଦ ଦାସ (୫୫)ଙ୍କର ବଜ୍ରାଘାତରେ ମୃତ୍ୟୁ ହୋଇଛି। ଆଜି ଅପରାହ୍ନରେ ସେ ବିଲରେ କାମ କରୁଥିବାବେଳେ ବଜ୍ରାଘାତ ହୋଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ତିହିଡି ମେଡିକାଲକୁ ନେଇଥିବାବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି।

# ସ୍ୱର୍ଗଦ୍ୱାରରେ ସବ ସଂସ୍କାର ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯିବ

ପୁରୀ,୦୪।୮ (ନି.ପ୍ର): ପୁରୀ ସ୍ୱର୍ଗଦ୍ୱାରରେ ଏଣିକି ସବ ସଂସ୍କାର ପାଇଁ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସାୟ ଗ୍ରହଣ କରାଯିବ। ସିଙ୍ଗିଲ ଉଇଁଡୋ ବ୍ୟବସ୍ଥା ମାଧମରେ ସବ ସତ୍କାର ପାଇଁ ଯୋଜନା କରାଯିବାକୁ ଥିବା ବେଳେ ଏବେ ସ୍ୱର୍ଗଦ୍ୱାରରେ ସ୍ୱତନ୍ତ୍ର ପିଣ୍ଡି ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି। ଏହି ବ୍ୟବସ୍ଥା କୁ ସାଧାରଣରେ ସ୍ୱାଗତ କରାଯାଇଥିବା ବେଳେ ସ୍ୱର୍ଗଦ୍ୱାର ପରିସରରେ ଜଗତ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ସମୁଦ୍ର ଆଳତୀ କାର୍ଯ୍ୟକ୍ରମ ପାଇଁ ସୁ ବ୍ୟବସ୍ଥା ଗ୍ରହଣ କରାଯାଇଥିବା ବେଳେ ସ୍ୱର୍ଗଦ୍ୱାର କୁ ନେଇ ଆବଶ୍ୟକୀୟ ପରାମର୍ଶ ଜଗତଗୁରୁ ଦେବା ପାଇଁ ମତ ରଖିଛନ୍ତି । ଏଣିକି ପୁରୀ ସ୍ୱର୍ଗଦ୍ୱାରେ ସବ ସତ୍କାର ପାଇଁ ଲୋକଙ୍କୁ ଆଉ ଶୋଷଣ ର ଶିକାର ହେବାକୁ ପଡିବ ନାହିଁ। ସିଙ୍ଗଲ ଉଇଁଡୋ ବ୍ୟବସ୍ତା ମାଧମରେ ସବଦାହ କରିବାକୁ ଆସୁଥିବା ଲୋକମାନେ ବ୍ୟବସ୍ଥିତ ଢଙ୍ଗରେ ସବ ସତ୍କାର କରିବା ନେଇ ପ୍ରଶାସନ ଯୋଜନା କରିଛି । ପୂର୍ବରୁ ରେଜିଷ୍ଟେସନ୍ ଠାରୁ ଆରମ୍ଭ କରି ସଫେଇ, କାଠ, ପଥସ୍ରାଧ, ପୂଜାସାମଗ୍ରୀ, ଘିଅ, ଚନ୍ଦନ କାଠ ବାବଦକୁ ଭିନ୍ନ ଭିନ୍ନ ପ୍ରକାର ର ଲୋକଙ୍କୁ ଅର୍ଥ ଦେବାକୁ ପଡୁଥିଲା। ଏଣିକି ପ୍ରଶାସନ ପକ୍ଷରୁ ଧାର୍ଯ୍ୟ ରାଶି ପୈଠ କରି ସବ ଦାହ କରିବାକୁ ଯୋଜନା କରାଯାଇଛି। ହରିଶ୍ଚନ୍ଦ୍ର ଯୋଜନା ପାଇଁ ସାମାନ୍ ବ୍ୟବସ୍ଥା ଗ୍ରହଣ କରାଯିବା ନେଇ ହୋଇଛି ନିଷ୍ପତି ସେଥିପାଇଁ ନୂତନ ପିଣ୍ଡି ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ଅସ୍ତି ରଖିବା ପାଇଁ ମଧ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ। ସବ ବାହକ ମାନେ ଶୃଙ୍ଖଳିତ ଭାବେ ସବ ଦାହ କରିବା ନେଇ ବ୍ୟବସ୍ତା ଗ୍ରହଣ କରିଥିବା ବେଳେ ପ୍ରଶାସନ ର ଏଭଳି ଯୋଜନା କୁ ସାଧାରଣରେ ସ୍ୱାଗତ କରାଯାଇଛି।

# ଜିଲ୍ଲାରେ ଅଗ୍ନିଶମ ବିଭାଗ ଦ୍ୱାରା କଣ୍ଟେନମେଣ୍ଟ ଜୋନ୍ ବିଶୋଧିତ ହେଉଛି

କନ୍ଧମାଳ,୦୪।୮ (ନି.ପ୍ର): କନ୍ଧମାଳ ଜିଲ୍ଲାରେ ଦିନକୁ ଦିନ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢିବାରେ ଲାଗିଛି। ଜିଲ୍ଲାରେ ପଜିଟିଭଙ୍କ ସଂଖ୍ୟା ଏବେ ୬ଶହ ଟପିଲାଣି। ଜିଲ୍ଲାରେ ୨ ଜଣଙ୍କ ମୁଣ୍ଡ ବି ନେଲାଣି ମହାମାରୀ କରୋନା। ସଂକ୍ରମଣକୁ ରୋକିବା ପାଇଁ ପ୍ରଶାସନ ପକ୍ଷରୁ ଫୁଲବାଣୀ ସହର ସମେତ ବାଲିଗୁଡା, ସାରଙ୍ଗଡ, ଫିରିଙ୍ଗିଆ, ଜି.ଉଦୟଗିରି, ରାଇକିଆ, ତୁମୁଡିବନ୍ଧ, କୋଟଗଡ ଆଦି ଅନେକ ସ୍ଥାନରେ କଣ୍ଟନମେଣ୍ଟ ଅଂଚଳ ଘୋଷଣା କରି କଣ୍ଟାକ୍ଟ ଟ୍ରେସିଂ କରୁଛି। ସାନିଟାଇଜ୍ ବି କରାଯାଉଛି ନିୟମିତ ଅଗ୍ନିଶମ ବିଭାଗ ପକ୍ଷରୁ ସମସ୍ତ ଅଂଚଳରେ। ହେଲେ ପ୍ରଶାସନ ପକ୍ଷରୁ କଣ୍ଟେନମେଣ୍ଟ ଜୋନ୍ ଅଂଚଳରେ ଲୋକମାନେ ପନିପରୀବା, ରାସନ, ମେଡିସିନ, କ୍ଷୀର, ମାଛ, ମାଂସ, ଅଣ୍ଡା ଆଦି ନିତ୍ୟ ବ୍ୟବହାର୍ଯ୍ୟ ଜିନିଷପତ୍ର କେତିମି ପାଇବେ ତାର କୌଣସି ବ୍ୟବସ୍ଥା ନକରି ଚୁପ୍ ବସିଛି। ଫଳରେ କଣ୍ଟେନମେଣ୍ଟ ଅଂଚଳର ଲୋକେ ବାଧହୋଇ ଘରୁ ଲୁଚିଛପି ଯାଇ ଯିଏ ଯେଉଁଠି ଯାହା ପାଇଲା ଆଣୁଛନ୍ତି। ଆଜି ବାଲିଗୁଡା ସହରର ଲୋକେ ଶେଷରେ ବାଧହୋଇ ଜିନିଷପତ୍ର ସଉଦା ଆଦି ଆଣିବା ଲାଗି ଆସିଥିବା ବେଳେ ପୋଲିସ ହାବୁଡରେ ପଡି ଫାଇନ୍ ଦେବା ସହ ଲାଠିମାଡ ମଧ ଅନେକ ଖାଇଥିଲେ। ଏହାକୁ ନେଇ ବାଲିଗୁଡାରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଛି। ପ୍ରଶାସନ କଣ୍ଟେନମେଣ୍ଟ ଜୋନ୍ ଅଂଚଳର ଲୋକଙ୍କ କଥା ନଶୁଣିଲେ ଆଗକୁ ଲୋକେ ଏକତ୍ରିତ ହୋଇ ବିକ୍ଷୋଭ କରିବେ ବୋଲି ଧମକ ଦେଇଛନ୍ତି।

# ଭାଜପା ପକ୍ଷରୁ କେନ୍ଦ୍ର ଗୃହମନ୍ତ୍ରୀଙ୍କ ଆଶୁ ଆରୋଗ୍ୟ କାମନା

ଭଦ୍ରକ, ୪/୮ (ହି.ସ.) - ମହାମାରୀ କରୋନା କବଳରେ କେବଳ ସାଧାରଣ ଜନତା ପଡୁଛନ୍ତି, ତାହା ନୁହେଁ ବଡ ବଡ ସେଲିବ୍ରିଟି ମଧ ଏହି ଅଦୃଶ୍ୟ କରୋନା ଭାଇରସ୍ ଦ୍ୱାରା ଆକ୍ରାନ୍ତ ହେଉଛନ୍ତି। ବିଲଉଡ ତାରାକା ଅମିତା ବଚ୍ଚନଙ୍କ ଠାରୁ ଆରମ୍ଭ କରି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ମଧ ଏହି କରୋନା କବଳରୁ ବର୍ତ୍ତିପାରିନାହାଁନ୍ତି। ବାସୁଦେବପୁର ଭାଜପା ପକ୍ଷରୁ କେନ୍ଦ୍ରମନ୍ତ୍ରୀ ଅମିତ ଶାହାଙ୍କ ଆଶୁ ଆରୋଗ୍ୟ କାମନା କରି ସ୍ଥାନୀୟ ରାମ ମନ୍ଦିର ଠାରେ ପୂଜାର୍ଚ୍ଚନା କରାଯାଇଅଛି। ଏହି ପୂଜାରେ ବାସୁଦେବପୁର ଭାଜପା ନେତା ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମାଧବାନନ୍ଦ ମଲ୍ଲିକ, ଯୁବନେତା ଉଦୟ ନାରାୟଣ ମଲ୍ଲିକ, ମହେଶ୍ୱର ଧଳ, ରାଜେନ୍ଦ୍ର ବାରିକ ପ୍ରମୁଖ ଉପସ୍ଥିତ ରହିବା ସହିତ ପ୍ରଭୁ ରାମଚନ୍ଦ୍ରଙ୍କ ପାଖରେ ତାଙ୍କର ଆଶୁ ଆରୋଗ୍ୟ କାମନା କରିଥିଲେ।

# ଜୀବନଧାରା ପକ୍ଷରୁ ରକ୍ଷା ବନ୍ଧନ ପାଳିତ

ବାରିପଦା,୦୪।୮ (ନି.ପ୍ର): ଜଗନ୍ନାଥ ସଂସ୍କୃତି ସହିତ ପରିବେଶ ସୁରକ୍ଷାର ସମ୍ପର୍କ ଅତି ନିବିଡ଼ ରହିଥିବା ବେଳେ ଜୀବନଧାରାରେ ଜଗନ୍ନାଥ ସଂସ୍କୃତି ଅପରିହାର୍ଯ୍ୟ । ଆମର ସଂସ୍କୃତିରେ ବୃକ୍ଷ ପୂଜା ପରମ୍ପରା ବହୁ ପ୍ରାଚୀନ । ଆମ ପରିବେଶର ସୁରକ୍ଷା ସହ ଜଳବାୟୁ ପରିବର୍ତ୍ତନରେ ବୃକ୍ଷର ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଥିବା ସମୟରେ ଜନସାଧାରଣଙ୍କ ମଧରେ ସଚେତନତାର ଅଭାବ କାରଣରୁ ଜଙ୍ଗଲ ଓ ବୃକ୍ଷ ସଂଖ୍ୟାହ୍ରାସ ପାଇବାରେ ଲାଗିଛି । ତେଣୁ ଜନସାଧାରଣଙ୍କ ମଧରେ ସଚେତନତାର ବାର୍ତ୍ତା ବାଂଟିବା ନିମନ୍ତେ ଆଗେଇ ଆସିଛି ବାରିପଦା ଜୀବନ ଧାରା ଓ ବାରିପଦା ଛଉପର୍ଡ଼ିଆଠାରେ ଜୀବନଧାରାର ସଭାପତି ଚନ୍ଦନ ଶେଜପଡ଼ାଙ୍କ ପୌରହିତ୍ୟରେ ପାଳନ କରାଯାଇଛି ରକ୍ଷାବନ୍ଧନ କାର୍ଯ୍ୟକ୍ରମ । ଏଥିରେ ସମସ୍ତେ ବୃକ୍ଷର ଯତ୍ନ ନେବା ସାଙ୍ଗକୁ ବୃକ୍ଷରୋପଣ କରିବା ଓ ପରିବେଶର ସୁରକ୍ଷା କ୍ଷେତ୍ରରେ ସମସ୍ତ ଜନସାଧାରଣଙ୍କୁ ସାମିଲ କରାଇବା ନିମନ୍ତେ ପ୍ରୟାସ ଜାରି ରଖିବେ ବୋଲି ଶପଥ ନେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପୁଲିସ ବିଭାଗର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁଦାମ ଚରଣ ସାହୁ, ବାରିପଦା ସଦର ଏସଡ଼ିପିଓ କେ କେ ହରିପ୍ରସାଦ, ପଶୁପାଳନ ଉପନିର୍ଦ୍ଦେଶକଡ଼ା ଶଶାଙ୍କ ଶେଖର ପାଣିଗ୍ରାହୀ, ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ଡ଼ଃ ଦେବେଶ ଶଙ୍କର ହୋତା, ରେଣୁବାଳା ରଥ ପ୍ରମୁଖ ଯୋଗ ଦେଇ ବୃକ୍ଷରେ ରାଖୀ ବାନ୍ଧିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଜୀବନଧାରର ସଦସ୍ୟ ସନି ଦେ, ରାଜେଶ ଦାସ, ସୂର୍ଯ୍ୟକାନ୍ତ ସେଠୀ, ଜ୍ୟୋତିର୍ମୟ ସାହୁ, ରାହୁଲ ଦାସ, ଜୟ ବୋଷ ପ୍ରମୁଖ ସହାୟତା ପ୍ରଦାନ କରିଥିବା ବେଳେ ପ୍ରିତୀଲଗ୍ନା ସନ୍ତୋଷୀ ମହାକୁଡ଼ ସଂଯୋଜନା କରିଥିଲେ ।

# ଅଙ୍ଗନବାଡ଼ି କର୍ମୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ତୃତୀୟ ଦିନରେ

ଗଞ୍ଜାମ,୦୪।୮ (ନି.ପ୍ର): ଗଞ୍ଜାମ ଜିଲ୍ଲାରେ କୋଭିଡ୍ ଯୋଦ୍ଧା ତଥା ଅଙ୍ଗନବାଡ଼ି କର୍ମୀ ମାନେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କ ପ୍ରତାରଣାର ପ୍ରତିବାଦ କରି ଜାରୀ ରଖିଥିବା କାର୍ଯ୍ୟବନ୍ଦ ଆନ୍ଦୋଳନ ଆଜି ତୃତୀୟ ଦିନରେ ପହଂଚିଛି । ଫଳରେ କରୋନା ରୋଗୀଙ୍କ ସେବା ଏବଂ ଶିଶୁ ଓ ମହିଳା ବିକାଶ କାର୍ଯ୍ୟ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି । ଜିଲ୍ଲାପାଳ ବିଜୟ ଅମୃତ କୁଲାଙ୍ଗେ ଘଟଣାରେ ହସ୍ତକ୍ଷେପ ପୂର୍ବକ ସମସ୍ୟାର ସମାଧାନ କରିବାକୁ ଦାବି ହେଉଛି ।

# ଗହ୍ମାପୂର୍ଣ୍ଣିମାରେ ମହିମା ଧର୍ମାବଲମ୍ବୀଙ୍କ ନୂଆଁଖାଇ

ନୂଆପଡା,୦୪।୮ (ନି.ପ୍ର): ପଶ୍ଚିମ ଓଡିଶାର ଗଣପର୍ବ ହେଉଛି ନୂଆଁଖାଇ । ଏହି ନୂଆଁଖାଇ ପର୍ବକୁ ପଶ୍ଚିମ ଓଡିଶାର ଲୋକ ମାନେ ବିଭିନ୍ନ ଢଙ୍ଗରେ ପାଳନ କରିଥାନ୍ତି । ପଶ୍ଚିମ ଓଡିଶାବାସୀ ଭାଦ୍ରବ ମାସ ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ ନୂଆଁ ଖାଉଥିବା ବେଳେ ଗହ୍ମାପୂର୍ଣ୍ଣିମା ଉପଲକ୍ଷେ ନୂଆପଡା ଜିଲ୍ଲା ଖଡିଆଳ ବ୍ଲକ ଅନ୍ତର୍ଗତ ତୁକଲା ଗ୍ରାମ ସ୍ଥିତ ମହିମା ମଠ ଓ ବୋଡେନ ବ୍ଲକ ସ୍ଥିତ ପାତଲଗଙ୍ଗା ମହିମା ମଠ ଠାରେ ମହିମା ଧର୍ମାବଳମ୍ବୀ ମାନେ ନବାନ୍ନ ଖାଇଥିବା ଏକ ନିଆରା ପରମ୍ପରା ଦେଖିବାକୁ ମିଳିଛି । ଏଥିରେ ନୂଆପଡା ଜିଲ୍ଲା ସମେତ ପଡୋଶୀ ଛତିଶଗଡ, କଳାହାଣ୍ଡି ଓ ବଲାଙ୍ଗୀର ଜିଲ୍ଲାର ବହୁ ମହିମା ଧର୍ମାବଳମ୍ବୀ ଭକ୍ତ ମାନେ ସାମିଲ ହୋଇ ନବାନ୍ନ ଭକ୍ଷଣ କରିଥିଲେ । ଖଡିଆଳ ବ୍ଲକ ଠାରୁ ୧୦ କିଲୋମିଟର ଦୂରତାରେ ଥିବା ତୁକଲା ଗ୍ରାମର ଅଲେଖ ମହିମା ମଠ ଠାରେ ନୂଆଖାଇ ପର୍ବ ପାଳିତ ହୋଇଯାଇଛି । ପ୍ରତିବର୍ଷ ଏଠାରେ ବିଶ୍ୱକଲ୍ୟାଣ ପାଇଁ ମହିମା ମଠର ପରିଚାଳକ ତ୍ୟାଗୀ ବାବା ଲକ୍ଷ୍ମଣ ଦାସଙ୍କ ନେତୃତ୍ୱରେ ଭାଦ୍ରବ ମାସ ଶୁକ୍ଳପକ୍ଷ ପଞ୍ଚମୀ ବଦଳରେ ଶ୍ରାବଣ ମାସ ଗହ୍ମାପୂର୍ଣ୍ଣୀମାରେ ନୂଆଁଖାଇ ପର୍ବ ପାଳନ କରିଥାନ୍ତି । ଏଥିପାଇଁ ପ୍ରଥମେ ନୂଆଁଖାଇର ପୂର୍ବଦିନରେ ବିଶ୍ୱବାସୀଙ୍କ କଲ୍ୟାଣ ନିମନ୍ତେ ଅଲେଖ ମଠରେ ଏକ ସ୍ୱତନ୍ତ୍ର ହୋମଯଜ୍ଞ ହୋଇଥାଏ । ଏଥିରେ ମହିମା ଧର୍ମାବଳମ୍ବୀ ଭକ୍ତ ମାନେ ସାମିଲ ହୋଇଥାନ୍ତି । ନୂଆଁଖାଇ ଦିନ ପ୍ରାତଃରେ ମହିମା ଧର୍ମାବଳମ୍ବୀ ଭକ୍ତ ମାନେ ପ୍ରଭୁ ଭଗବାନ ନିରାକାରଙ୍କୁ ପୂଜାର୍ଚ୍ଚନା କରି ନୂତନ କଳସରେ ନୂଆ ଧାନକୁ ବିଲରୁ ସଂଗ୍ରହ କରି ଆଣିଥାନ୍ତି । ପରେ ନୂଆ ଧାନକୁ ଏକ ନୂଆ ମାଟି ପାତ୍ରରେ ଭୁଞ୍ଜିବା ପରେ ଚୁଡା ତିଆରି କରି ତହିଁରେ ଗୁଡଦଧିକୁ ମିଶାଇ ଭାତ, ଡାଲି, ଖିରୀ, ପୁରୀ ପ୍ରସ୍ତୁତ କରି ପ୍ରଭୁ ନିରାକାରଙ୍କୁ ଅର୍ପଣ କରିଥାନ୍ତି । ପରେ ଛୋଟ ପିଲା ଠାରୁ ବୟସ୍କ ଲୋକ ଯାଏଁ ଏକତ୍ରୀତ ହୋଇ ନୂଆ ଖାଉଥିବା ଭକ୍ତ ମାନେ ପ୍ରକାଶ କରିଛନ୍ତି । ପ୍ରତିବର୍ଷ ଶ୍ରାବଣ ମାସ ଗହ୍ମା ପୂର୍ଣ୍ଣିମାରେ ତୁକଲା ଗ୍ରାମର ମହିମା ମଠ ସହିତ ବୋଡେନ ବ୍ଲକ ପବିତ୍ର ତୀର୍ଥକ୍ଷେତ୍ର ପାତାଲ ଗଙ୍ଗା ନିକଟରେ ଥିବା ମହିମା ମଠରେ ମହିମା ଧର୍ମାବଲମ୍ବି ମାନେ ଏକତ୍ରୀତ ହୋଇ ନୂଆ ଖାଇବାର ପରମ୍ପରା ବହୁ ବର୍ଷ ଧରି ଚାଲି ଆସୁଅଛି । ଏହି ଧର୍ମାବଳମ୍ବୀ ସାଧୁସନ୍ଥ ଓ ଭକ୍ତମାନେ ଏକତ୍ରୀତ ଭାବେ ନୂଆଁ ଖାଇବା ପରେ ବିଶ୍ୱବାସୀଙ୍କ କଲ୍ୟାଣ ତଥା ଚଳିତବର୍ଷ ଭଲ ଚାଷବାସ ହେବା ପାଇଁ ପ୍ରଭୁ ନିରାକାରଙ୍କ ନିକଟରେ ପ୍ରାର୍ଥନା କରିଥାନ୍ତି । ନୂଆଁଖାଇ ସାରିବା ପରେ ଭେଟଘାଟର ପରମ୍ପରା ରହିଛି । ମହିମାଧର୍ମର ବୟୋଜ୍ୟେଷ୍ଠ ତଥା ବ୍ରହ୍ମଚାରୀ ସାଧୁସନ୍ଥ ମାନଙ୍କ ପାଦ ଛୁଇଁ ଅଲେଖ ଧର୍ମାବଳମ୍ବୀ ଭକ୍ତ ମାନେ ଆଶିର୍ବାଦ ଗ୍ରହଣ କରିଥାନ୍ତି। ପରେ ଭକ୍ତମାନେ ଖଞ୍ଜଣୀ ବାଦ୍ୟ ସହ ଭଜନ କିର୍ତ୍ତନ କରି ଖୁସି ମନାଇଥାନ୍ତି । ଏଥିରେ ଲଛମନ ବାବାଙ୍କ ସମେତ ରୋମାଞ୍ଚଳ ବାବା, ତ୍ରିନାଥ ଭକ୍ତ, ଗୋବିନ୍ଦ ଭକ୍ତ, ପ୍ରତାପ ଭକ୍ତ, ଅଖିଳ ଭକ୍ତ, ଦୟାନନ୍ଦ ଭକ୍ତ, ସନ୍ୟାସି ଭକ୍ତ, ଖୁସି ଭକ୍ତଙ୍କ ସମେତ ଅନ୍ୟାନ୍ୟ ବାବା ସାମିଲ ଥିଲେ ।

## ଗାନ୍ଧୀ ପର୍ଯ୍ୟଟନ ସ୍ଥଳୀ

ନୂଆଦିଲ୍ଲୀର ଗାନ୍ଧୀ ପର୍ଯ୍ୟଟନସ୍ଥଳକୁ ଦେଖିଲେ ମନେ ହୁଏ ନାହିଁ ଯେ ଦିନେ ଏହି ଦେଶ ଇଂରେଜମାନଙ୍କ ଅଧୀନରେ ଥିଲା । ୧୫ ଅଗଷ୍ଟ ୧୯୪୭ରେ ଆମକୁ ଯେଉଁ ସ୍ୱାଧୀନତା ମିଳିଥିଲା ସେଥିରେ ମହାତ୍ମା ଗାନ୍ଧୀଙ୍କ କେତେ ଯୋଗଦାନ ରହିଥିଲା ଏ ସମ୍ବନ୍ଧରେ ଆମେ ସମସ୍ତେ ବହିରୁ ପଢ଼ିଛୁ ଓ ଚଳଚିତ୍ରରୁ ମଧ୍ୟ ଦେଖିଛୁ, କିନ୍ତୁ ଗାନ୍ଧୀଙ୍କ ସଂଘର୍ଷମୟ ଜୀବନ ସହିତ ଭଲ ଭାବେ ପରିଚିତ ହେବାକୁ ଚାହୁଁଥିଲେ ଦିଲ୍ଲୀର ଏପରି କିଛି ପର୍ଯ୍ୟଟନସ୍ଥଳକୁ ଭ୍ରମଣରେ ଯାଆନ୍ତୁ ଯେଉଁଠାରେ ଜାତିର ପିତାଙ୍କ ସମସ୍ତ ସ୍ମୃତିକୁ ଅତି ଯତ୍ନରେ ସାଇତି ରଖାଯାଇଛି ।








### ରାଜଘାଟ




ଦିଲ୍ଲୀର ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳ ମଧ୍ୟରେ ଅନ୍ୟତମ ହେଉଛି ରାଜଘାଟ । ଯମୁନା ନଦୀର ପଶ୍ଚିମ ତଟରେ ଅବସ୍ଥିତ ଏହି ସ୍ଥାନ ଏଇଥିପାଇଁ ସ୍ୱତନ୍ତ୍ର ଯେ ଏଠାରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ସମାଧିସ୍ଥଳ ରହିଛି । କଳା ମୁଗୁନି ପଥରରେ ନିର୍ମିତ ଏହି ସମାଧି ଉପରେ ତାଙ୍କ ମୁଖରୁ ବାହାରିଥିବା ଶେଷ 'ହେ ରାମ' ଲିଖିତ ହୋଇଛି । ତାଙ୍କର ଏହି ଅନ୍ତିମ ବିଶ୍ରାମସ୍ଥଳ ସ୍ୱାଧୀନତା ପ୍ରାପ୍ତିରେ ତାଙ୍କର ମୂଲ୍ୟ ଯୋଗଦାନକୁ ବଖାଣୁଛି । ଦେଶ ବିଦେଶରୁ ଆସୁଥିବା ଉଚ୍ଚ ଅଧିକାରୀ ଏହି ସମାଧୀ ସ୍ଥଳରେ ମାଲ୍ୟାର୍ପଣ କରିବାକୁ ନିଶ୍ଚୟ ଆସିଥାନ୍ତି । ରାଜଘାଟର ଶାନ୍ତ ପରିବେଶକୁ ସୁନ୍ଦର ଓ କମନୀୟ କରି ତୋଳିଥାଏ ଏହାର ଚତୁଃପାର୍ଶ୍ୱରେ ଘେରି ରହିଥିବା ସବୁଜ ବୃକ୍ଷରାଜି ଓ କୃତ୍ରିମ ଝରଣା । ଏହି ସ୍ମାରକୀର ଏକ କୋଣରେ ସର୍ବଦା ଏକ ଜ୍ୟୋତି ପ୍ରଜ୍ୱଳିତ ହୋଉଥାଏ; ଯାହା ସମସ୍ତଙ୍କ ମନ ଜିଣିଛି ।




### ଗାନ୍ଧୀ ସଂଗ୍ରହାଳୟ

ରାଜଘାଟ ସାମ୍ନାରେ ନିର୍ମାଣ କରାଯାଇଛି ଗାନ୍ଧୀ ସଂଗ୍ରହାଳୟ । ଏଠାରେ ମହାତ୍ମା ଗାନ୍ଧୀଙ୍କ ସହ ଜଡିତ ସମସ୍ତ ଜିନିଷ ରହିଛି । ତାଙ୍କ ପ୍ରତିମୂର୍ତ୍ତି, ଫଟୋଗ୍ରାଫ୍, ପେଣ୍ଟିଂ ଆଦିକୁ ଅତି ଯତ୍ନରେ ରଖାଯାଇଛି । ଏଠାକୁ ଆସୁଥିବା ପର୍ଯ୍ୟଟକଙ୍କୁ ମହାତ୍ମାଗାନ୍ଧୀଙ୍କ ଜୀବନୀ, ତାଙ୍କ ସିଦ୍ଧାନ୍ତ, ପରାମର୍ଶ ଓ ଉପଦେଶ ଉପରେ ନିର୍ମିତ ଚଳଚ୍ଚିତ୍ର ଦେଖିବାକୁ ଦିଆଯାଏ । ଗୁରୁବାର ଏହି ଫିଲ୍ମ ପ୍ରଦର୍ଶନ ହୋଇ ନଥାଏ । ଶୁକ୍ରବାର ଏଠାରେ ତାଙ୍କ ସ୍ମୃତିରେ ପ୍ରାର୍ଥନା ସଭାର ଆୟୋଜନ ହୋଇଥାଏ । ଏହା ସହିତ ମହାତ୍ମା ଗାନ୍ଧୀଙ୍କ ଜନ୍ମଦିନ ଓ ପୁଣ୍ୟତିଥିରେ ଏଠାରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ । ଏହି କାର୍ଯ୍ୟକ୍ରମରେ ବିପୁଳ ଜନ ସମାଗମ ହୋଇଥାଏ । ଏହି ସଂଗ୍ରହାଳୟକୁ ଜୋତା ପିନ୍ଧି ଆସିବାକୁ ବାରଣ କରାଯାଇଛି । ସଂଗ୍ରହାଳୟ ସୋମବାର ସକାଳ ୧୦ଟାରୁ ସନ୍ଧ୍ୟା ସାଢ଼େ ପାଂଚଟା ପର୍ଯ୍ୟନ୍ତ ପର୍ଯ୍ୟଟକମାନଙ୍କ ପାଇଁ ଖୋଲା ରହିଥାଏ । ତେବେ ମହାତ୍ମା ଗାନ୍ଧୀଙ୍କୁ ସମର୍ପିତ ଏହି ସ୍ଥାନ ପୂର୍ବରୁ ବିର୍ଲା ଭଜନ ନାମରେ ଜଣାଶୁଣା ଥିଲା । କାରଣ ଜି.ଡି ବିର୍ଲାଙ୍କ ବାସଭବନକୁ ହିଁ ଗାନ୍ଧୀ ସ୍ମୃତିର ରୂପ ଦିଆଯାଇଛି ।



## ପୋଟଳ

ବହୁ ପୋଷକ ତତ୍ତ୍ୱରେ ଭରପୁର ପୋଟଳ ଏକ ଉପାୟରେ ପରିବା । ସାଧାରଣ ପନିପରିବା ଅପେକ୍ଷା ଅଧିକ ସମୟ ପର୍ଯ୍ୟନ୍ତ ତାଜା ରୁହେ । ଶରୀର ପାଇଁ ଏହା ଅତ୍ୟନ୍ତ ଉପକାରୀ । ଏଥିରେ ଭିଟାମିନ୍-ଏ, ଭିଟାମିନ୍-ବି, ଭିଟାମିନ୍-ସି, ସହିତ କ୍ୟାଲ୍‌ସିଅମ, ମ୍ୟାଗନେସିଅମ ପ୍ରଭୃତି ପ୍ରଚୁର ପରିମାଣରେ ରହିଥାଏ । ବର୍ତ୍ତମାନ ପୋଟଳ ପ୍ରାୟ ସବୁ ଋତୁରେ ଉପଲବ୍ଧ ହେଉଥିଲେ ମଧ୍ୟ ଗ୍ରୀଷ୍ମଋତୁରେ ଏହାର ଉତ୍ପାଦନ ଅଧିକ ହୋଇଥାଏ ।

**ଫାଇଦା:**



୧. ପୋଟଳ ମଞ୍ଜି ରକ୍ତ ଶର୍କରା ଓ କୋଲେଷ୍ଟରଲ ସ୍ତରକୁ ପ୍ରାକୃତିକ ଉପାୟରେ ହ୍ରାସ କରେ । ଫଳରେ ରକ୍ତ ପ୍ରବାହ ସ୍ୱାଭାବିକ ରହିବା ସହ ହୃଦ୍‌ରୋଗ ଆଶଙ୍କା ଦୂର ହୁଏ ।
୨. ଏଥିରେ ଥିବା ଫାଇବର ଯକୃତ ଓ ପେଟକପୁ ସୁସ୍ଥ ରଖିବା ସହ କୋଷ୍ଠକାଠିନ୍ୟ ସମସ୍ୟା ଦୂର କରେ ।
୩. ଭୋକ ହ୍ରାସ କରେ, ଫଳରେ ଶରୀରରେ ଅନାବଶ୍ୟକ କ୍ୟାଲୋରି ଜମେ ନାହିଁ ।
୪. ଏହାର ଚୋପା ମଧ ଶରୀର ପାଇଁ ଉପକାରୀ । ଅନାବଶ୍ୟକ କ୍ୟାଲୋରି ଦୂରକରେ ।
୫. ପୋଟଳରେ ଥିବା ଆଣ୍ଟିଅକ୍ସିଡେଣ୍ଟ ତତ୍ତ୍ୱ ବାର୍ଦ୍ଧକ୍ୟ ପ୍ରଭାବ ହ୍ରାସ କରେ ।
୬. କାମଳ (ଜଣ୍ଡିସ) ପୀଡିତାଙ୍କ ପାଇଁ ପୋଟଳ ଏକ ଉତ୍ତମ ପଥି ।
୭. ପୋଟଳ ପତ୍ର ଓ ମଞ୍ଜିକୁ ପେନ୍ କିଲର ବା ବ୍ୟଥା ନିବାରକ ଭାବେ ବ୍ୟବହାର କରାଯାଇପାରେ । ଏହାକୁ ଏକତ୍ର ବାଟି ମୁଣ୍ଡ ବା ବ୍ୟଥା କରୁଥିବା ସ୍ଥାନରେ ଲଗାଇଲେ ଯନ୍ତ୍ରଣା କମ୍ ହୁଏ ।
୮. ପୋଟଳ ଶରୀରର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରେ ।
୯. ଏହା ବାତନାଶକ ଏବଂ ରକ୍ତଶୋଧକ । ଏହ ବାତଜନିତ ସମସ୍ୟା ଦୂର କରେ ।
୧୦. ବିଭିନ୍ନ ତ୍ୱଚାରୋଗ ସହ ପୋଟଳ ଜ୍ୱର, ଥଣ୍ଡା, ଫ୍ଲୁ, ସର୍ଦ୍ଦିରୁ ଶରୀରକୁ ରକ୍ଷା କରେ ।

## ସଂଗ୍ରହାଳୟ

ବଲିଭିଆରେ ଖୁବ୍ ଶୀଘ୍ର ଏକ ସଂଗ୍ରହାଳୟ ତିଆରି ହେବାକୁ ଯାଉଛି । ନୂଆ କଥା ହେଉଛି ଏ ସଂଗ୍ରହାଳୟ ପାଣି ତଳେ ନିର୍ମାଣ କରାଯିବ । ଏହାକୁ ବଲିଭିଆର ପବିତ୍ର ନଦୀ ଟିଟିକାକା ଭିତରେ ତିଆରି କରାଯିବ । ଉକ୍ତ ସଂଗ୍ରହାଳୟ ପର୍ଯ୍ୟଟନସ୍ଥଳୀ ହେବା ସହ ପ୍ରତ୍ନତତ୍ତ୍ୱ, ଭୂତତ୍ତ୍ୱ, ଜୈବ ଗବେଷଣା କେନ୍ଦ୍ର ଭାବେ ଗଢ଼ା ହେବ । ଏପରି ସଂଗ୍ରହାଳୟ ବିଶ୍ୱରେ ପ୍ରଥମ ବୋଲି ବଲିଭିଆର ସଂସ୍କୃତି ମନ୍ତ୍ରୀ ପ୍ରକାଶ କରିଛନ୍ତି । ଏହାକୁ ନିର୍ମାଣ କରିବା



ପାଇଁ ପାଖାପାଖି ୬୯ କୋଟି ଟଙ୍କା ଖର୍ଚ୍ଚ ହେବ । ଟିଟିକାକାକୁ ବଲିଭିଆର ଲୋକମାନେ ପବିତ୍ର ବୋଲି ମାନନ୍ତି । ସେଠାକାର କିମ୍ବଦନ୍ତୀ ଅନୁସାରେ ସୂର୍ଯ୍ୟଙ୍କ ପୁତ୍ର ମାନ୍‌କୋ କାପାକ୍ ଓ ତାଙ୍କ ପତ୍ନୀ ଏ ନଦୀରୁ ବାହାରିଥିଲେ । ଟିଟିକାକା ୮,୫୦୦ ବର୍ଗ କିଲୋମିଟର ଯାଏଁ ବିସ୍ତାରିତ ଯାହା ବଲିଭିଆ ଓ ପେରୁର ଦୁଇ ସୀମାକୁ ଲାଗି ବହିଯାଉଛି । ସମୁଦ୍ର ଠାରୁ ୧୨,୫୦୦ ଫୁଟ୍ ଉଚ୍ଚତାରେ ଥିବାରୁ ଏହା ହେଉଛି ବିଶ୍ୱର ସବୁଠାରୁ ଉଚ୍ଚ ମଧୁର ଜଳ ନଦୀ ।

## ଗଧ ପିଠିରେ ବାସ୍କେଟ୍‌ବଲ୍!

ଯୁକ୍ତରାଷ୍ଟ ଆମେରିକାର 'ମିଡ୍‌ୱେଷ୍ଟ୍' ଅଂଚଳ କୁହାଯାଉଥିବା ଇଲ୍‌ନଏସ୍, ଇଣ୍ଡିଆନା, ଆଇଓୱା, କେନ୍‌ସାସ୍, ମିଚିଗାନ୍, ମିନେସୋଟା, ମିସୋରି, ନେବ୍ରାସ୍କା, ଉତ୍ତର ଓ ଦକ୍ଷିଣ ଡାକୋଟା, ଓଡିଓ ଏବଂ ୱିସ୍‌କନ୍‌ସିନ୍‌ରେ ଗଧ ଉପରେ ବସି ବାସ୍କେଟ୍‌ବଲ୍ ଖେଳିବା ଏକ ଲୋକପ୍ରିୟ କ୍ରୀଡା । ୧୯୩୦ ରେ ଏହି ବିଚିତ୍ର ଖେଳ ଆର୍ଭ ହୋଇଥିଲା । ତେବେ, ନିର୍ଦ୍ଦଷ୍ଟ ଭାବେ କେଉଁ ଉଦ୍ଦେଶ୍ୟରେ ଏବଂ କାହା ଦ୍ୱାରା ଆରମ୍ଭ କରା ଯାଇଥିଲା ଅଜଣା । କେହି କେହି ଏହାକୁ ଅର୍ଥନୈତିକ ଅବପତନ କାଳର ଶସ୍ତା ମନୋରଂଜନ ବୋଲି କହନ୍ତି । ଖେଳାଳିମାନେ ଦୁଇ ଦଳରେ ବିଭକ୍ତ ହୋଇ ଏହା ଖେଳନ୍ତି । ପ୍ରତ୍ୟେକ ଦଳର ଖେଳାଳି ସଂଖ୍ୟା ଚାରି । ଅନ୍ୟ ନିୟମ ସାଧାରଣ ବାସ୍କେଟ୍‌ବଲ୍ ସହ ସମାନ । ସ୍କୁଲ୍‌ରେ ମଧ୍ୟ ଏହା ଖେଳାଯାଏ । ଗୋଟିଏ ହୃଷ୍ଟପୁଷ୍ଟ ଗଧ ସର୍ବାଧିକ ୬୮ କିଲୋଗ୍ରାମ୍ ଭାର ବହନ କରିପାରେ । ତେଣୁ, ଏଭଳି ଖେଳ ବେଳେ ଗଧ କେତେ କଷ୍ଟ ପାଉଥିବ ଅନୁମାନ କରନ୍ତୁ । 'ପେଟା' ର ବିରୋଧ ଯୋଗୁଁ ପୋର୍ଟ୍‌ଲାଣ୍ଡ, ଓରିଗନ୍, ଇଣ୍ଡିଆନା, ଓହିଓ ଏବଂ ପେନ୍‌ସିଲ୍‌ଭାନିଆରେ ଏହି ଖେଳକୁ କିଛି ଦିନ ତଳେ ନିଷିଦ୍ଧ କରାଯାଇଥିଲା । ଅନ୍ୟ ସ୍ଥାନଗୁଡିକରେ ଚାଲିଛି ।

## ମୂଷାଙ୍କ ଆତଙ୍କ



ରେଲୱେ ଷ୍ଟେସନରେ ମୂଷା ବୁଲୁଥିବାର ସମସ୍ତେ ଦେଖିଥିବେ । ଏମାନଙ୍କ ପାଇଁ ଭାରତୀୟ ରେଲୱେର ଲୋକମାନେ ଚିନ୍ତିତ ଥାନ୍ତି । କିଛି ଏପରି ଦୃଶ୍ୟ ଚେନ୍ନାଇ ରେଲୱେ ଷ୍ଟେସନରେ ଦେଖିବାକୁ ମିଳିଛି ଯେଉଁଠାରେ ଚେନ୍ନାଇ ମଣ୍ଡଳର ଲୋକମାନେ ଏତେ ଚିନ୍ତିତ ହୋଇଗଲେ ଯେ ମୂଷା ଧରିବା ପାଇଁ ସେମାନେ ୨୨,୩୩୧ ଟଙ୍କା ଖର୍ଚ୍ଚ କରି ସାରିଛନ୍ତି । ଏହି ଘଟଣାର ସତ୍ୟତା ଆରଟିଓ ରିପୋର୍ଟ ଜରିଆରେ ହୋଇଛି । ସେଠାରେ ଗତ ତିନି ବର୍ଷରେ ରେଲୱେ ଅଧିକାରୀମାନେ ଏହି ବିପଦ ସହିତ ଲଢିବା ପାଇଁ ୫.୮୯ କୋଟି ଟଙ୍କା ଖର୍ଚ୍ଚକରିସାରିଲେଣି । ଚେନ୍ନାଇ ମଣ୍ଡଳ କାର୍ଯ୍ୟାଳୟରୁ ଜଣାପଡିଛି ଯେ ମୂଷାମାନଙ୍କ ଯୋଗୁ ଗତ କିଛି ବର୍ଷ ହେଲା ଲୋକମାନେ ସମସ୍ୟା ଭିତରେ ରହିଛନ୍ତି । ମୂଷାମାନେ କେବଳ ରେଲୱେ ଷ୍ଟେସନରେ ଲୋକମାନଙ୍କୁ ଅସୁବିଧାରେ ପକାଉଛନ୍ତି ତା ନୁହେଁ ରେଲୱେ କୋଚିଙ୍ଗ ସେଣ୍ଟରରେ ମଧ ସମସ୍ୟା କରୁଛନ୍ତି । ୨୦୧୮ରୁ ୨୦୧୯ ମଧରେ ଏହି କାର୍ଯ୍ୟାଳୟ ଅତିକମ୍‌ରେ ୨୬୩୬ଟି ମୂଷା ଧରିଛନ୍ତି । କେବଳ ଚେନ୍ନାଇ ସେଣ୍ଟ୍ରାଲ, ଚେନ୍ନାଇ ଏଗମୋର , ଚେଙ୍ଗଲପଟ୍ଟୁ ଜଙ୍କସନ, ତାମ୍ବରମ, ଜୋଲରପେଟ୍‌ଟଙ୍ଗଇ ଜଙ୍କସନରୁ ୧୭୧୫ ମୂଷା ଧରାଯାଇଛି ଓ ୯୨୧ଟି ମୂଷା ରେଲୱେ କୋଚିଙ୍ଗ ସେଣ୍ଟରରୁ ଧରାଯାଇଛି । ଏହି ପ୍ରକାର ଗୋଟିଏ ମୂଷା ଧରିବା ଯୋଗୁ ଆନୁମାନିକ ଖର୍ଚ୍ଚ ୨୨,୩୩୪ ଟଙ୍କା ଖର୍ଚ୍ଚ ହୋଇଛି ବୋଲି ରେଲୱେ ଅଧିକାରୀମାନେ କହିଛନ୍ତି ।

## ଗଛଲତାକୁ ବି ହୋଇଥାଏ କଷ୍ଟ

ଅନୁପଯୁକ୍ତ ପରିବେଶ ଏବଂ ଚାପଗ୍ରସ୍ତ ହେଲେ ଗଛଲତାଙ୍କୁ କଷ୍ଟ ହୋଇଥାଏ । ସେମାନେ ଏକ ପ୍ରକାର ଶବ୍ଦ ସୃଷ୍ଟି କରନ୍ତି । ଗବେଷକ ଏହି ଶବ୍ଦକୁ ମାଇକ୍ରୋଫୋନ ଦ୍ୱାରା ରେକର୍ଡ କରିଥିବା ଦାବି କରିଛନ୍ତି । ପତ୍ର ତୋଳିବା ସମୟରେ ଗଛଲତା ଯନ୍ତ୍ରଣାରେ ଶିହିରି ଯାଇଥାନ୍ତି । ଫଳରେ ୨୦ କିଲୋହର୍ଜରୁ ୧୦୦ କିଲୋହର୍ଜ ଫ୍ରିକ୍ୟୁଏନ୍ସି ପର୍ଯ୍ୟନ୍ତ ଶବ୍ଦ ସୃଷ୍ଟି ହୋଇଥାଏ । ୩୫ ପ୍ରକାର ବିଭିନ୍ନ ମେସିନ୍ ଲଗାଯାଇ ଗବେଷକ ଟମାଟୋ ଏବଂ ତମାଖୁ ଗଛରେ ସୃଷ୍ଟି ହେଉଥିବା ତରଙ୍ଗକୁ ରେକର୍ଡ କରି ଏହା ଜାଣି ପାରିଥିବା ରିପୋର୍ଟରେ ଦର୍ଶାଯାଇଛି ।

ତେଲ୍ ଆଭିବ୍: ମଣିଷକୁ ଆଘାତ ଲାଗିଲେ କଷ୍ଟ ହୋଇଥାଏ । ଅନୁରୂପ



ଭାବେ ଛୋଟ ବଡ ସମସ୍ତ ପ୍ରାଣୀଙ୍କୁ ମଧ ଏଭଳି ଅନୁଭବ ହୋଇଥାଏ । ତେବେ ଗଛଲତାକୁ କାଟିଲେ ଅବା ପତ୍ର ଛିଣ୍ଡାଇଲେ କଷ୍ଟ ହୋଇଥାଏ । ଏନେଇ ଇସ୍ରାଏଲ୍ ତେଲ୍ ଆଭିବ୍ ବିଶ୍ୱବିଦ୍ୟାଳୟରେ ଗବେଷକଙ୍କ ଦ୍ୱାରା ହୋଇଥିବା ଏକ ଗବେଷଣା ରିପୋର୍ଟରେ ପ୍ରକାଶ ପାଇଛି । ଗବେଷକ ଟମାଟୋ ଏବଂ ତମାଖୁ ଗଛ ଉପରେ ଅଧ୍ୟୟନ କରି ଏହା ଜାଣିପାରିଛନ୍ତି ।

## ମହିଳାଙ୍କ ପାଇଁ ଆତ୍ମରକ୍ଷା କୌଶଳ



- ବାରରକୁ ଯିବା ପୂର୍ବରୁ ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ ରଖନ୍ତୁ । ବାଟରେ କୌଣସି ଅଘଟଣ ଘଟିଲେ ସାମର୍ଥ୍ୟ ଅନୁସାରେ ମୁକାବିଲା କରନ୍ତୁ ।
- ଗହଣା ଚୋରି, ଅସଦାଚରଣରୁ ରକ୍ଷା ପାଇବା ପାଇଁ ଆଗ ପଛକୁ ନଜର ରଖନ୍ତୁ । ଅନୁସରଣକାରୀଙ୍କ ପ୍ରତି ସତର୍କ ରହନ୍ତୁ । ପୁଲିସ୍ ହେଲ୍‌ପ ଲାଇନ୍ ନମ୍ବର ପାଖରେ ରଖନ୍ତୁ । ମୋବାଇଲ୍‌ରେ ନିକଟସ୍ଥ ପୁଲିସ୍‌କୁ ସୂଚନା ଦିଅନ୍ତୁ ।
- ଆଜିକାଲି ମୋବାଇଲ୍‌ରେ କେତୋଟି ଆପ୍ ରହିଛି, ସେଗୁଡିକୁ ଡାଉନ୍‌ଲୋଡ୍ କରି ରଖନ୍ତୁ । ବିପଦର ଆଭାସ ପାଇବା ମାତ୍ରେ ଏହି ଆପ୍ ବ୍ୟବହାର କରନ୍ତୁ ।
- ଏପରି କିଛି ଆପ୍ ରହିଛି ଯାହାକୁ ଛୁଇଁବା ମାତ୍ରେ ସତର୍କ ଘଣ୍ଟି ବାଜିଥାଏ । ଏହା ଦ୍ୱାରା ଅନ୍ୟ ଲୋକମାନେ ସେଠାକୁ ଚାଲିଆସିବେ ଏବଂ ଆପଣଙ୍କୁ ସାହାର୍ଯ୍ୟ କରିପାରିବେ ।
- ଆକ୍ରମଣର ଶିକାର ହେବା ମାତ୍ରେ ନିଜସ୍ୱ ବୁଦ୍ଧି ଖଟାଇ ପ୍ରତିଆକ୍ରମଣ କରନ୍ତୁ ଏବଂ ଶତ୍ରୁର ଦୁର୍ବଳତା ଜାଣିବାକୁ ଚେଷ୍ଟା କରନ୍ତୁ ।
- ଆତ୍ମରକ୍ଷା କୌଶଳ ପାଇଁ ତାଲିମ ନିଅନ୍ତୁ । ହାତରେ ମୁଦି ପିନ୍ଧନ୍ତୁ । ଏହା ଆତ୍ମ ରକ୍ଷାରେ ସହାୟକ ହୋଇପାରିବ ।
- ରାସ୍ତାରେ ଯିବାବେଳେ ହଇରାଣର ସମ୍ମୁଖୀନ ହେଲେ ଗୋଟିଏ ସ୍ଥାନରେ ଧୀରସ୍ଥିର ଭାବେ ଛିଡା ହୁଅନ୍ତୁ ନାହିଁ । ନିର୍ଦ୍ଦିଷ୍ଟ ଦୂରତାରେ ସବୁବେଳେ ରହନ୍ତୁ ।

## ନିରୋଗ ଶରୀର ଓ ପ୍ରସନ୍ନ ମନ ପାଇଁ ପ୍ରାର୍ଥନା



ସମସ୍ତେ ଚାହାନ୍ତି ଅନେକ ଦିନ ବଞ୍ଚିରହିବାକୁ । କେବଳ ବଞ୍ଚିବାକୁ ନୁହେଁ, ସୁସ୍ଥ ଦେହ ଓ ସୁସ୍ଥ ମନରେ ବଞ୍ଚିବାକୁ । ସେଥିପାଇଁ ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଗୋଟିଏ ସଂକ୍ଷିପ୍ତ ପ୍ରାର୍ଥନାରେ କୁହାଯାଇଛି - ଅରୋଗେ ମରଣଂ ଶତେ ମନସି ପ୍ରସନ୍ନଂ ସଦା । । ଅର୍ଥାତ୍, ହେ ପ୍ରଭୁ ! ଏହି ଜନ୍ମରେ ଆପଣଙ୍କ ପାଖରେ ମୋର ଏତିକି ମାଗୁଣି ଯେ ମୁଁ ଶହେବର୍ଷ ପର୍ଯ୍ୟନ୍ତ ବଞ୍ଚିବି, ମୋର ମନ ସବୁବେଳେ ପ୍ରସନ୍ନ ରହିବ ଏବଂ ବିନା ବ୍ୟାଧିରେ ଶହେବର୍ଷ ବିତାଇବା ପରେ ମୋର ମରଣ ହେବ । ଏହି ପ୍ରାର୍ଥନାରେ ସବୁକିଛି ସୂଚନାତ୍ମକ ଭାବରେ କୁହାଯାଇଛି । ମନୁଷ୍ୟ ସମାଜରେ ସାଧାରଣତଃ ତିନିଟି କାରଣରୁ ବ୍ୟାଧି ବା ବିପତ୍ତି ଦେଖାଯାଇଥାଏ ।

୧. ଆଧିଦୈବିକ, ୨. ଆଧିଭୌତିକ ଓ ୩. ଆଧ୍ୟାତ୍ମିକ । 'ଆଧିଦେହବିକ' ହେଉଛି ବାତ୍ୟା, ବନ୍ୟା ଓ ଭୂମିକମ୍ପ ଆଦି ବିପତ୍ତି- ଯାହା ଆମର ଆୟତ୍ତାଧୀନ ନୁହେଁ, ଦୈବର ଅଧୀନ । ତେଣୁ ସେଥିରୁ ରକ୍ଷା ପାଇବା ପାଇଁ ପ୍ରଭୁଙ୍କୁ ପ୍ରାର୍ଥନା କରାଯାଏ । 'ଆଧିଭୌତିକ' ହେଉଛି ପଞ୍ଚଭୂତରୁ ଜାତ ବିପତ୍ତି । ଆମର ଶରୀର ପଞ୍ଚଭୂତରୁ ସୃଷ୍ଟି । ଆମର ଏହି ଶରୀର ବଧ୍ୟ ବ୍ୟାଧିର ଘର । ପଞ୍ଚଭୂତରୁ ସୃଷ୍ଟି ଅନ୍ୟ ଜୀବଜନ୍ତୁଙ୍କଠାରୁ ମଧ୍ୟ ଆମର ବିପତ୍ତି ଥାଏ ତେଣୁ ସେଥିରୁ ଉଦ୍ଧାର ପାଇବାପାଇଁ ପ୍ରଭୁଙ୍କୁ ପ୍ରାର୍ଥନା କରାଯାଏ । 'ଆଧ୍ୟାତ୍ମିକ' ଭାବ ମନକୁ ଆନନ୍ଦ ଦିଏ । ତାହାର ଅଭାବରେ ମନ ବ୍ୟାଧିଗ୍ରସ୍ତ ହୋଇପଡେ । ଉନ୍ମାଦ, ଅପସ୍ମାର ଆଦି ରୋଗ ଦେଖାଯାଏ । ତେଣୁ ତାହାର ଉର୍ଦ୍ଧ୍ୱ ମନକୁ ପ୍ରସନ୍ନ ରଖିବାପାଇଁ ପ୍ରଭୁଙ୍କୁ ପ୍ରାର୍ଥନା କରାଯାଏ । ଏହିପରି ଭାବରେ, ଇହଲୋକରେ ଆଧିଦୈବିକ ଓ ଆଧିଫଭୌତିକ ବ୍ୟାଧି ନଥାଇ, ଆଧ୍ୟାତ୍ମିକ ଓ ଆନନ୍ଦମୟ ଜୀବନ ବିତାଇବାପାଇଁ ପ୍ରଭୁଙ୍କୁ ପ୍ରାର୍ଥନା କରାଯାଏ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ପୂଜ୍ୟପୂଜାକୁ ସମ୍ମାନ ନାହିଁ ...

ଗୋଟିଏ ଜାତିର ଅସ୍ମିତା ହେଉଛି ତାର ଭାଷା ଓ ସଂସ୍କୃତି । ଆମର ସଂସ୍କୃତି ବହୁକାଳ ଧରି ଚଳି ଆସୁଛି । ଖାରବେଳ କପିଳେନ୍ଦ୍ର ଦେବ, ସାରଳା ଦାସ ଶ୍ରୀଚୈତନ୍ୟ ଓ ପଞ୍ଚସଖା ଏବଂ ବହୁ ସାଧକଙ୍କ ଦ୍ୱାରା ଓଡ଼ିଆ ଭାଷା ଓ ସଂସ୍କୃତି ବଞ୍ଚି ରହିଛି । ଏହାର ମୂଳ କାରଣ ହେଲା ୧୫୬୮ ମସିହାରୁ ଓଡ଼ିଶା ପରାଧିନ ହୋଇଗଲା । କିନ୍ତୁ ଯେଉଁମାନେ ଓଡ଼ିଆ ଭାଷାକୁ ସଂକଟରୁ ରକ୍ଷା କରିଛନ୍ତି ସେମାନଙ୍କୁ ଖୋଜିଲେ ଆମେ ସାଲବେଗଙ୍କୁ ଚିହ୍ନି ପାରିବା । ଜଣେ ବ୍ରାହ୍ମଣୀକୁ ମୁସଲମାନ ବଳ ପ୍ରୟୋଗ କରି ନେଇ ଯିବାରୁ ତାଙ୍କରି ଗର୍ଭରୁ ଜନ୍ମିଥିଲେ ସାଲବେଗ । ସାଲବେଗ ମୁସଲମାନ ହେଲେ ମଧ ଜଗନ୍ନାଥଙ୍କୁ ଛାଡ଼ି ନାହାନ୍ତି। ସେ ହେଉଛନ୍ତି ଜଗତର ନାଥ ଏବଂ ଯୁଗ ଯୁଗ ଧରି ତାଙ୍କ ପାଦତଳେ ପ୍ରଣାମ କରିବା ହେଉଛି ସବୁଠାରୁ ବଡ଼ ସୁଖଦ ଅନୁଭୂତି । ସେହିପରି ରୀତିଯୁଗର କବିମାନେ ଉପେନ୍ଦ୍ର ଭଞ୍ଜଙ୍କଠାରୁ ଆରମ୍ଭ କରି ଆଉ ସମସ୍ତେ ମଧ ଓଡ଼ିଆ ଭାଷା ଓ ସଂସ୍କୃତିକୁ ବଞ୍ଚାଇ ରଖିବାରେ ସକ୍ଷମ ହୋଇଛନ୍ତି । ସେମିତି ଜଣେ ଅନ୍ଧ କବିଙ୍କର ନାମ ହେଉଛି ଭୀମଭୋଇ। ତାଙ୍କ ରଚିତ "ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ଦେଖୁ ଦେଖୁ କେବା ସହୁ, ମୋ ଜୀବନ ପଛେ ନର୍କେ ପଡ଼ିଥାଉ ଜଗତ ଉଦ୍ଧାର ହେଉ" ତାଙ୍କୁ ପ୍ରସିଦ୍ଧି ଦେଇଛି । ସେମିତି ଫକୀରମୋହନ ସେନାପତି, ଗଙ୍ଗାଧର ମେହେର, ରାଧାନାଥ ରାୟ, ଗୋପବନ୍ଧୁ ଦାସଙ୍କ ପରି କାଳଜୟୀ କବିମାନେ । ନାରୀ ଶିକ୍ଷାର ପ୍ରବର୍ତ୍ତକ ଥିଲେ ଫକୀରମୋହନ । ତାଙ୍କର ଭାଷାପ୍ରେମ ଏତେ ପ୍ରବଳ ଥିଲା ଯେ ସେ କୋର୍ଟ କଚେରୀ, ହାଟବଜାର ସର୍ବତ୍ର ଆମରି ଓଡ଼ିଆ ଭାଷା, ଆମରି ମାଆ, ଆମରି ଅସ୍ମିତା କହି ବୁଲୁଥିଲେ । ତେଣୁ ଓଡ଼ିଆ ଚେତନା ପ୍ରସାରିତ ହେଉଥିଲା ପବନ ବେଗରେ ଓଡ଼ିଶାର ସର୍ବତ୍ର। ସେଥିପାଇଁ ବଙ୍ଗାଳୀମାନେ ତାଙ୍କୁ କହୁଥିଲେ ରିଂମାଷ୍ଟର । ତାଙ୍କୁ ଥରେ ନିମୋନିଆ ହେଲା । ଗୋପବନ୍ଧୁ ଖବର ପାଇଲେ ଯେ ଫକୀରମୋହନ ଅତି ଦୟନୀୟ ଅବସ୍ଥାରେ ଅଛନ୍ତି । ଗୋପବନ୍ଧୁ ମଧ ଅସୁସ୍ଥ ଥିଲେ । ଯେଉଁଦିନ ବୈଦ୍ୟ ତାଙ୍କୁ କହିଲେ ଯେ ତୁମେ ସୁସ୍ଥ ହୋଇଯାଇଛ, ସେ କହିଲେ ବାଲେଶ୍ୱରକୁ ଯିବି, ଟିକଟ ଆଣ । ଗୋପବନ୍ଧୁ କହିଲେ ଓଡ଼ିଆ ଭାଷାର ରକ୍ଷକ ଫକୀରମୋହନ ମୋଠାରୁ ଅଧିକ ଦୁର୍ଦ୍ଦଶା ଭିତରେ ଅଛନ୍ତି । ମୁଁ କଣ ଘରେ ବସି ବସି ବିଶ୍ରାମ କରୁଥିବି ? ସେହିଦିନ ଟ୍ରେନରେ ବସି ଚାଲିଗଲେ ବାଲେଶ୍ୱର। ୫ ଦିନ ଫକୀରମୋହନଙ୍କ ଘରେ ରହି ଲୁଗାପଟା ସଫାକରିବା ସହ ଘର ଓଳାଇବା, ରାନ୍ଧିବାଡ଼ିବା ପରି ସବୁ ସାଂସାରିକ କାର୍ଯ୍ୟକଲେ । ଫକୀରମୋହନ ସୁସ୍ଥ ହେବା ପରେ ଗୋପବନ୍ଧୁ ପୁଣି ଫେରିଲେ ଦେଶ କାମରେ ଓ ଓଡ଼ିଆ ଭାଷାକୁ ରକ୍ଷା କରିବା ପାଇଁ । ଫକୀରମୋହନଙ୍କ ପରେ ଆଉ ଜଣେ ବିଜ୍ଞ ଆଇନଜ୍ଞ ଆସିଲେ କୋଲକାତାରୁ । ୧୮୬୧ ରେ ସେ ଯାଇଥିଲେ କୋଲକାତା କଲେଜରେ ନାମ ଲେଖାଇବା ପାଇଁ । ପାଠପଢ଼ା ସାରି ସେହିଠାରେ ଓକିଲ ହୋଇ ସେହିଠାରେ ରହିଗଲେ । ନଅଙ୍କ ଦୁର୍ଭିକ୍ଷ ସରିଲା ପରେ ସେ ଫେରିଲେ ମାତୃଭୂମିକୁ ଏବଂ ଶପଥ ନେଲେ ମାତୃଭୂମି ଓଡ଼ିଶାର ସେବା କରିବା ପାଇଁ । ମଧୁବାବୁଙ୍କ ଭଳି ଟାଣୁଆ ବାରିଷ୍ଟର କ୍ୱଚିତ ଦେଖାଯାନ୍ତି ଦେଶରେ । ସେତେବେଳେ ପୁରୀ ରାଜାଙ୍କୁ ବିଟ୍ରିଶ ସରକାର ବନ୍ଦୀ କରି ବାହାକୁ ପଠାଇ ଦେଇଥିଲେ । ଅଳ୍ପ ବୟସ୍କା ରାଣୀଙ୍କ ଅନୁରୋଧ ପାଇ ମଧୁବାବୁ ପୁରୀ ଗଲେ । ରାଜ ଉଆସରେ ଦୁଇଜଣଙ୍କ ମଧରେ ପରଦା ଦୁଇ ପାଖରେ ଦୁହେଁ ବସିଲେ ଏବଂ ରାଣୀ କହିଲେ ମୋର ଅଭିଜ୍ଞତା ନାହିଁ, ସରକାର ତ ରାଜାଙ୍କୁ ବନ୍ଧି ନେଇଛି। ଆପଣ କେବଳ ସରକାରଙ୍କଠାରୁ ରାଜାଙ୍କୁ ଆଣିପାରିବେ । ଏହା କହି ଗୋଟିଏ ପାଟ କପଡ଼ାରେ କିଛି ସୁନା ଅଳଙ୍କାର ବଢ଼ାଇ ଦେଲେ । ମଧୁବାବୁ କହିଲେ ମା ଏସବୁ ଥାଉ, ମୁଁ ମକଦ୍ଦମା ଲଢ଼ିବି । ବିଟ୍ରିଶ ସରକାର ମୋ'ଠାରୁ ରାଜାଙ୍କୁ ଛଡ଼ାଇ ନେଇପାରିବେ ନାହିଁ । ମକଦ୍ଦମା ହେଲା ସର୍ବୋଚ୍ଚ ଅଦାଲତରେ, ରାଜା ମୁକ୍ତ ହୋଇଗଲେ । ମଧୁବାବୁ ଗୋପବନ୍ଧୁଙ୍କୁ ଭାରି ସ୍ନେହ କରୁଥିଲେ । କାରଣ ସେ ଜାଣିଥିଲେ ଯେ ଗୋପବନ୍ଧୁ ଦାସ ଦେଶଭକ୍ତ ଏବଂ ଓଡ଼ିଆ ଭାଷାର ଭକ୍ତ । ଗୋପବନ୍ଧୁ ସେତେବେଳେ ରେଭେନ୍ସା କଲେଜରେ ପଢୁଥାନ୍ତି । ମଧୁବାବୁଙ୍କ ଡାକ ଶୁଣି ସେ ଯାଇ ଦେଖାକଲେ । ଆଲୋଚନା ହେଲା ଦୁହିଁଙ୍କ ମଧରେ । ମଧୁବାବୁ କହିଲେ ଗୋପବନ୍ଧୁ, ଆଗ ଓଡ଼ିଶା ପ୍ରଦେଶ ପାଇଁ ଯୁଦ୍ଧ କରାଯାଇ ତା ପରେ ପୂର୍ଣ୍ଣ ପ୍ରାଣରେ ତୁମେ ଓ ମୁଁ ଗାନ୍ଧିଙ୍କ ନେତୃତ୍ୱରେ କଂଗ୍ରେସ ପାଇଁ ଲଢ଼ିବା । ଗୋପବନ୍ଧୁ କହିଲେ ମୋ ବିଚାରରେ ଆଗେ ଦେଶ ସ୍ୱାଧୀନ ହେଉ । ଏଇ ମତଭେଦ ଯୋଗୁଁ ସମସ୍ତେ ଭାବୁଥାନ୍ତି ଯେ ଦୁହିଁଙ୍କ ଭିତରେ ବୋଧହୁଏ ମିଳାମିଶା ଠିକ୍ ହେଉନାହିଁ । ମୟୂରଭଞ୍ଜର ରାଜା ନାବାଳକ ଶ୍ରୀରାମଚନ୍ଦ୍ର ଭଞ୍ଜ କଟକରେ ବଢୁଥିଲେ । ତାଙ୍କୁ ୧୮ ବର୍ଷ ବୟସ ହେବା ପରେ ତାଙ୍କ ରାଜା କରିବା ପାଇଁ ସରକାର ଆଦେଶ ଦେଲେ । ମଧୁବାବୁଙ୍କଠାରୁ ଏ ଖବର ପାଇଁ ସେ କହିଲେ ମୁଁ ତ ଶାସନ ବିଷୟରେ କିଛି ଜାଣିନାହିଁ । ମଧୁବାବୁ କହିଲେ ମୁଁ ବନ୍ଦୋବସ୍ତ କରିବି। ସମସ୍ତେ ଆଶ୍ୱସ୍ତ ହୋଇଗଲେ । ସମସ୍ତେ କହିଲେ ମଧୁବାବୁଙ୍କର ମହାନତା ଦେଶ ମନେ ରଖିବ । ମଧୁବାବୁ, ଗୋପବନ୍ଧୁ ଏମାନେ ଯେ ଦିନେ ନା ଦିନେ ଓଡ଼ିଶାକୁ ଶୋଷଣ କଷଣରୁ ମୁକ୍ତ କରିବେ ଏବଂ ଯେଉଁମାନେ ଓଡ଼ିଆ ଭାଷାକୁ ଗୋଟିଏ ଭାଷା ବୋଲି ସ୍ୱୀକାର କରିନାହାନ୍ତି ସେଦିନ ଜାଣିବ ଯେ ଜନ୍ ବିମ୍ସ ଯାହା କହିଛନ୍ତି ତାହା ସତ୍ୟ । ବିମସ୍ କହିଥିଲେ ଯେ ଓଡ଼ିଆ ଭାଷାର ତୁଳନା ନାହିଁ । ୧୬୦୦ ଶତାବ୍ଦୀ ପର୍ଯ୍ୟନ୍ତ ବଙ୍ଗଳା ଭାଷାର ଲିପି ନଥିଲା ସେମାନେ ୧୭୦୦ ଶତାବ୍ଦୀରୁ ମୈଥିଳୀ ଭାଷାର ଲିପିକୁ ନିଜର କରିନେଲେ। ଇତିମଧରେ ୧୯୧୨ରେ ରାଜଧାନୀ ଉଠିଗଲା ଦିଲ୍ଲୀକୁ । ୧୯୩୬ରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେଲା କିନ୍ତୁ ଏଇ ସୁଯୋଗ ପାଇଁ ଯେଉଁମାନେ ଲଢ଼ିଥିଲେ ସେମାନଙ୍କ ମଧରୁ ଉତ୍କଳମଣି ଗୋପବନ୍ଧୁ ଏବଂ ଉତ୍କଳଗୌରବ ମଧୁସୂଧନ କେହି ବି ଜୀବିତ ନଥିଲେ । ତଥାପି ମଧ ସେମାନେ ଚିର ସ୍ମରଣୀୟ, ସେମାନଙ୍କ ବ୍ୟତୀତ ଓଡ଼ିଆ ଭାଷା, ସଂସ୍କୃତି ଓ ଅସ୍ମିତା ଅପୂର୍ଣ୍ଣ ରହିବ ।




## ତୁମୋ ମୋ ଦେହର ଛାଇ....

ଧୀରେନ୍ଦ୍ର ମଲ୍ଲିକ

ଯାଇଥିଲି କାଲି ମୋ ପ୍ରିୟା ଘରକୁ
ଦେଖିଲି ତା ଚନ୍ଦ୍ରମୁଖ,
ଅଳ୍ପ ଲାଜେଇକି ମତେ ସେ ଚାହିଁଲା
ବସିଲା ଆସି ମୋ ପାଖ,,

ଧିର କଣ୍ଠରେ ସେ ପଚାରିଲା ମତେ
କେମିତି ଅଛ ମୋ ଧନ,
ତମେ ଗଲାଦିନୁ କୌଣସି କାମରେ
ଲାଗୁନାହିଁ ମୋର ମନ,,

ନିଜଠୁ ନିଜର ତୁମେ ଆପଣାର
ତମେ ମୋ ଜୀବନ ସାଥି,
ତମରି ସାଥିରେ ପ୍ରତି ମୁହୂର୍ତ୍ତରେ
ଯାଉ ଏ ଜୀବନ ବିତି,,

ଲୋଡ଼ାନାହିଁ ମୋର ଧନ ଦୌଲତ
ଲୋଡ଼ାନାହିଁ କୋଠା ଘର,
ତୁମ ପ୍ରେମପ୍ରୀତି ପାଇବାକୁ ଚାହେଁ
କରିବନି ମତେ ପର,,

ତାଙ୍କ କଥା ଶୁଣି ମୁରୁକି ହସି ମୁଁ
କହିଲି ମୋ ଧନ ରାଣୀ,
ଦରକାର ପଡ଼ିଲେ ନିଆଁରେ ଚାଲିବି
ତୁମ ପାଇଁ ଥାଅ ଜାଣି,,

ନିଜଠୁ ଅଧିକ ପାଉଛି ମୁଁ ଭଲ
ତୁମେ ମୋ ଦେହର ଛାଇ,
ତୁମବିନା ପ୍ରିୟା ବଞ୍ଚିପାରିବିନି
ପାଗଳ ମୁଁ ତୁମ ପାଇଁ,,

ଦୁନିଆର ଯେତେ ସୁଖ ସବୁ ଅଛି
ତୁମକୁ ଆଣି ମୁଁ ଦେବି,
ସବୁ ଜନମରେ ଏଧରା ଧାମରେ
ମୁଁ ତୁମର ସାଥି ହେବି,,

+ ନିଳକଣ୍ଠପୁରର, ମଙ୍ଗଳପୁର, ଯାଜପୁର
ମୋ: ୭୯୦୪୩୯୨୬୮୬

# ଜନସାଧାରଣହିଁ ଦାୟୀ

ପଙ୍କଜ କୁମାର ପାଣିଗ୍ରାହୀ

ସମାଜର ସମସ୍ତ ଘଟଣାବଳୀକୁ ସମୀକ୍ଷାକରି ଦେଖିଲେ

ଯେକୌଣସି ପରିସ୍ଥିତି ପାଇଁ କାହାକୁ ଦୋଷାରୋପ କରାଯିବା ପୂର୍ବରୁ

ପ୍ରଥମେ ଜନସାଧାରଣଙ୍କୁହିଁ ଦାୟୀ କରାଯାଇପାରେ !

କାରଣ ସାଧାରଣ ଜନତାଙ୍କ ଅପାରଗତା / ଚତୁରତାହିଁ ସାମାଜିକ ବ୍ୟବସ୍ଥା

ନିମ୍ନ / ଉର୍ଦ୍ଧଗାମୀର ମୂଳ ପିଣ୍ଡ !

ଶାସନ, ପ୍ରଶାସନତ କ୍ଷଣଭଙ୍ଗୁର ମାତ୍ର !

ରାଷ୍ଟ୍ରର ମର୍ଯ୍ୟାଦା କ୍ଷୁର୍ଣ୍ଣ ହେବାସହିତ ସାଧାରଣ ଲୋକଙ୍କ ଜୀବନ ପ୍ରଣାଳୀରେ ବାଧକତା ସୃଷ୍ଟିହେଲେ ସେଥିପାଇଁ ସାଧାରଣ ଜନତାଙ୍କୁହିଁ ଦାୟୀ କରାଯାଇ ପାରିବ । କାରଣ ରାଷ୍ଟ୍ରର ଶାସନ, ପ୍ରଶାସନ ବ୍ୟବସ୍ଥା ଚଳାଇବା ପାଇଁ ନିର୍ବାଚିତ, ନିଯୁକ୍ତ ୧ ପ୍ରତିଶତରୁ କମ୍ ମଣିଷ କେବଳ ରାଷ୍ଟ୍ରର ସର୍ବସାଧାରଣଙ୍କ ଦ୍ୱାରା ନିଯୁକ୍ତ ହୋଇଥା'ନ୍ତି ଯେଉଁମାନେ ଅଖଣ୍ଡ କ୍ଷମତାଧାରୀ ନୁହନ୍ତି ! ଅର୍ଥାତ କୌଣସି ପରିସ୍ଥିତିରେ ସାମାଜିକ ବ୍ୟବସ୍ଥା କ୍ଷୁର୍ଣ୍ଣ ହେଲେ ସମ୍ପୃକ୍ତ ମଣିଷ ଗୁଡିକ ସମାଜକୁ ଉତ୍ତରଦାୟୀ ହୋଇଥା'ନ୍ତି, ଯାହାର ସମୀକ୍ଷା କରାଯାଇ ବିଭିନ୍ନ ପଦକ୍ଷେପ ନିଆଯାଇପାରିବା ବ୍ୟବସ୍ଥା ରହିଥାଏ ଗଣତନ୍ତ୍ର ରାଷ୍ଟ୍ରରେ । କୌଣସି କାରଣ ବଶତଃ ସେମାନେ ବିପରୀତମୁଖୀ କାର୍ଯ୍ୟ କରିବା ଦେଖାଗଲେ ସାଧାରଣ ଜନତା ସେମାନଙ୍କ କାର୍ଯ୍ୟଧାରାର ବ୍ୟବଚ୍ଛେଦ କରି ଆବଶ୍ୟକ ସ୍ଥଳେ କଠୋର ଦଣ୍ଡ ବିଧାନ କରିବା କ୍ଷମତା ସର୍ବସାଧାରଣଙ୍କର ରହିଥାଏ । କିନ୍ତୁ ସେହି ୧ପ୍ରତିଶତରୁ କମ୍ ପରିଚ୍ଳନା ଦାୟିତ୍ୱରେ ଥିବା ମଣିଷ ଗୁଡିକ ଯଦି ୯୯ ଶତକଡା ମଣିଷଙ୍କ ଜୀବନ ଧାରାରେ ବାଧକତା ସୃଷ୍ଟି କରନ୍ତି ଆଉ ସାଧାରଣ ଲୋକେ ତାହାର ମୁକାବିଲା କରିବା ଜାଣନ୍ତି ନାହିଁ ତାହେଲେ ସେହି ସ୍ଥିତି / ପରିସ୍ଥିତିରେ ସେମାନଙ୍କୁ ଦୋଷାରୋପ ନକରି ବରଂ ଏହି ୯୯ ଶତକଡା ସାଧାରଣ ଲୋକଙ୍କୁ ଭୁଲ ସାବ୍ୟସ୍ତ କରାଯାଇପାରେ । କାରଣ କ୍ଷମତାରେ ଅନ୍ଧ ହୋଇ କୌଣସି ଅକର୍ତ୍ତବ୍ୟ କରିବା ମଣିଷର ଏକ ସାଧାରଣ ସହଜାତ ପ୍ରକୃତି । କିନ୍ତୁ ସେମାନଙ୍କୁ ପରିଚ୍ଳନା କରିବାରେ ବ୍ୟର୍ଥ ସାଧାରଣ ମଣିଷହିଁ ସେମାନଙ୍କୁ ପ୍ରୋତ୍ସାହନ ଦେଇ ଅଧିକ ପଥଭ୍ରାନ୍ତ କରିବାରେ ସହାୟକ ହୋଇଥା'ନ୍ତି ଯାହାଦ୍ୱାରା ସେମାନେ ନିଜର ବିବେକ ଶୂନ୍ୟ ହୋଇ ଅନେକ ଅକର୍ତ୍ତବ୍ୟ କରିବାକୁ ପଛଘୁଞ୍ଚା ଦେଇନଥା'ନ୍ତି । ଏଥିରେ ସେମାନଙ୍କ ଭୁଲ୍ କମ୍ ଏବଂ ସେମାନଙ୍କୁ ସଜାଗ ରହିବା ପରିବର୍ତ୍ତେ ଆହୁତି ଦେଉଥିବା ଲୋକଙ୍କୁ ଅଧିକ ଦାୟୀ କରାଯାଇପାରେ । ଏମିତି ଅପ୍ରୀତିକର ପରିବେଶରେ କ୍ଷମତାରେ ରହିଥିବା ଲୋକଙ୍କପ୍ରତି ଆକ୍ରୋଶ ଭାବ ରଖାଯାଉଥିବା ଦେଖିବାକୁ ମିଳୁଛି ଯାହାର ସମ୍ପୂର୍ଣ୍ଣ ଉତ୍ତରଦାୟୀ କେବଳ ସାଧାରଣ ଜନତା ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ । ଅତଏବ ଏମିତି ପରିସ୍ଥିତି ସୃଷ୍ଟି ହୁଏ କାହିଁକି ବିଚ୍ରର କରି ଦେଖିଲେ ଜାଣିହେବଯେ............

କୌଣସି ସାମାଜିକ ଅବ୍ୟବସ୍ଥା ପାଇଁ କେବଳ ଜନସାଧାରଣଙ୍କୁ ଦାୟୀ କରାଯିବା ଛଡା ଅନ୍ୟ କାହାଉପରେ ଦୋଷ ଲଦିବା ପୂର୍ବରୁ ପ୍ରଥମେ ନିଜର ସାମାଜିକ ଦାଇତ୍ୱ ଉପରେ ତର୍ଜମା କରି ଦେଖିବା କଥା । ଯେଉଁମାନେ ଶାସନ, ପ୍ରଶାସନରେ ସ୍ଥାନ ଅଧିଗ୍ରହଣ କରିଥା'ନ୍ତି ସେମାନେ ମଧ ସାଧାରଣ ଜନତାଙ୍କ ମଧ୍ୟରୁ ଜଣେ । କହିବାକୁ ଗଲେ ସାଧାରଣ ଲୋକେ ଯେମିତି ଦିନରାତି କାହାଠାରୁ କୌଣସି ଉପାୟରେ ଅଧିକ ଅର୍ଥ ଆଦାୟ କରି ନିଜର ଗାରିମା ବୃଦ୍ଧି କରିବାକୁ ପଛାଉନାହାନ୍ତି, ସେଇମାନେ ମଧ ଅନୁରୂପ ଚିନ୍ତା ରଖିବା ଗୋଟିଏ ସାଧାରଣ ମଣିଷ ଚରିତ୍ର । ହେଲେ ଯାହାକୁ ଯେଉଁଠାରୁ ଅଧିକ ସୁଯୋଗ ମିଳିବାର ସୁବିଧା ଅଛି ସିଏ ସେହି ସ୍ଥାନରୁ ଅଧିକା କିଛି ନିଜର କରିବାକୁ ଚେଷ୍ଟା କରିବା କୌଣସି ବିଚିତ୍ର କଥା ନୁହେଁ । କିନ୍ତୁ ସେମାନଙ୍କୁ ଯଦି ସେହି ସ୍ଥାନ ଗୁଡିକରେ ନିୟନ୍ତ୍ରଣ ରେଖା ମଧରେ ରଖାଯାଇଥା'ନ୍ତା ହୁଏତ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ନହୋଇ ବରଂ ଏକ ସୁନ୍ଦର ରାଷ୍ଟ୍ର ଗଠନରେ ସହାୟକ ହୋଇପାରିଥା'ନ୍ତା ବୋଲି ଆମ ବିଚ୍ରର । କିନ୍ତୁ ସାଧାରଣ ଲୋକେ ସେମାନଙ୍କୁ ସେମାନଙ୍କ ସ୍ଥାନରେ ଉଚ୍ଚରେ ରଖି ସେମାନଙ୍କ ଜରିଆରେ ସାମାଜିକ ଅର୍ଥ ଆତ୍ମସାତ କରିବା ଉଦେଶ୍ୟ ହେତୁ ସେମାନଙ୍କ ସହ ତାଳରେ ତାଳ ଦେଇ ଚ୍ଳୁଥିବା ସମସ୍ତଙ୍କୁ ଗୋଚର । ସାଧାରଣ ମଣିଷ (ସମାଜର କେତେକ ଚ୍ଳାକ କେଳେଙ୍କାରୀ ମଣିଷ) ସେମାନଙ୍କ ବୁଦ୍ଧିକୁ ବ୍ୟତିକ୍ରମ କରିବାରେ ଅଧିକ ସହାୟତା କରୁଥିବା କଥା ଆମେ ବୁଝିପାରୁନାହୁଁ ନା କୌଣସି କାରଣରୁ ସେଗୁଡିକୁ ତର୍ଜମା କରିବାର ଆଗ୍ରହ ନାହିଁ ଆମର ? ! ତେଣୁ ବାସ୍ତବିକ ଅଜସ୍ର କ୍ଷମତାର ଚ୍ବିକାଠି ଥିବା ଜଣେ ନିୟୋଜିତ ବ୍ୟକ୍ତିଙ୍କ ଆତ୍ମଘାତୀ କାର୍ଯ୍ୟ କରିବା ପାଇଁ ଯେତିକି ସାହସ ନଥାଏ ଆମରି ଭିତରୁ ସାଙ୍ଘାତିକ କେଳେଙ୍କାରୀ (ବ୍ୟବସାୟୀ ଦଳ) ସେମାନଙ୍କ ବୁଦ୍ଧି, ଚରିତ୍ର ନଷ୍ଟ କରିବାରେ ସର୍ବାଧିକ ସହାୟକ ହୋଇଥା'ନ୍ତି ! ଏହିଭଳି ପରିସ୍ଥିତିରେ ସେହି କେଳେଙ୍କାରୀ ବ୍ୟବସାୟୀ ଦଳଙ୍କ ନାମ ଠିକଣା ପାଦରେ ନପଡ଼ି ଦାୟିତ୍ୱରେ ଥିବା ଲୋକମାନଙ୍କୁ ପଦାରେ ପକାଯାଉଥିବା ଏକ ଅପ୍ରିୟ ସତ୍ୟ ! କ୍ଷମତାସୀନ ମଣିଷ ଗୁଡିକ ନିର୍ଣ୍ଣିତ ଏକପ୍ରକାର ସାମାଜିକ ଚେହେରା ଭାବେ ପରିଗଣିତ ହୋଇଥା'ନ୍ତି ଯେଉଁମାନେ ନିଜର ସାମାଜିକ ପଦମର୍ଯ୍ୟାଦା ପ୍ରତି ଅଳ୍ପ ବହୁତ ସଚେତନ ରହିବା କଥା ଯାହା ସେମାନଙ୍କ ଚରିତ୍ରକୁ ନଷ୍ଟ କରିବାରେ ଏହି ଉଚ୍ଚସ୍ତରୀୟ ବ୍ୟବସାୟୀ ମାନେ ଆହୁତି ଦେଇ ସେମାନଙ୍କୁ ଏକରକମ ଅନ୍ଧ କରିଦେଉଛନ୍ତି ! ବିଭିନ୍ନ ସ୍ତରରେ ସେମାନଙ୍କୁ ପ୍ରଲୋଭନ ଦେଖାଇ ସେମାନଙ୍କ ମାଧ୍ୟମରେ ଅନେକ ଅର୍ଥ ଆତ୍ମସାତ କରି, ତୁ ଖାଉଥା, ମତେ ଦେଉଥା ନୀତି ପ୍ରୟୋଗ କରିବାରେ ସିଦ୍ଧହସ୍ତ ସେହିମାନେହିଁ ସମାଜର ପ୍ରକୃତ ଶତ୍ରୁ ବୋଲି କହିବାରେ କୌଣସି ଅଯୌକ୍ତିକତା ନାହିଁ । ଅଧିକନ୍ତୁ ସେହି କେଳେଙ୍କାରୀ ଚିନ୍ତାଧାରା ବିଶିଷ୍ଟ ବ୍ୟବସାୟିକ ଗୋଷ୍ଠୀ / ସ୍ୱାର୍ଥନ୍ୱେଷୀ ମଣିଷମାନେହିଁ ଯଥେଷ୍ଟ ଦାୟୀ ବୋଲି ଆମର ଅନୁମାନ କେତେଦୂର ଯୁକ୍ତିଯୁକ୍ତ ବିଚ୍ରର ଆପଣ ମାନଙ୍କର ।

ଇତି ମଧରେ ମଧମ ଏବଂ ନିମ୍ନ ସ୍ତରରେ ଥିବା ମଣିଷ ଗୁଡିକ ସେମାନଙ୍କ ଚ୍ତୁରୀକୁ ବୁଝିନପାରି କେବଳ ସେମାନଙ୍କ ଚତୁରତାର ଶିକାର ହୋଇଆସୁଥିବା କୌଣସି ନୂଆ ନୁହେଁ ବରଂ ଏକ ବହୁ ପୁରାତନ ପାରମ୍ପରିକ ରୀତି । ଅନ୍ୟ ପକ୍ଷରେ ଜଣେ ସାଧାରଣ ମଣିଷ କୌଣସି କାର୍ଯ୍ୟ ହାସଲ କରିବା ପାଇଁ ଉତ୍କୋଚ ହାତଗୁଂଜା ନଦେଇ ଗୋଷ୍ଠିବଦ୍ଧ ଭାବେ ସରକାର, ପ୍ରଶାସନିକ ଅଧିକାରୀଙ୍କୁ ସେମାନଙ୍କ ପ୍ରତିବାଦ ଜଣାଇ ସାର୍ବଜନୀନ କରାଇବା ପାଇଁ ଚେଷ୍ଟା କରିଥିଲେ ହୁଏତ ସେହି ସ୍ଥାନ ମାନଙ୍କରେ ଥିବା କର୍ମଚ୍ରୀ, ପ୍ରତିନିଧି ସତର୍କ, ସାବଧାନ ହୋଇଥା'ନ୍ତେ ଯଦ୍ୱାରା କୌଣସି ସାମାଜିକ ଭ୍ରଷ୍ଟାଚ୍ର ସୃଷ୍ଟି ହୋଇନଥା'ନ୍ତା । କିନ୍ତୁ ସେଇ ସାଧାରଣ ଜନତା ନିଜର ସୁବିଧାକୁ ଆଖିଆଗରେ ରଖି ସବୁ ହିସାବ ନିକାସ କରି କୌଣସି ସ୍ଥାନରେ ଲାଞ୍ଚ, ହାତଗୁଂଜା ଦେବାକୁ ପଛାଉନାହାଁନ୍ତି କ'ଣ ବରଂ ନିଜ ପକ୍ଷରୁ ସେମାନଙ୍କୁ ପ୍ରଲୋଭନ ଦେଖାଇ ନିଜର କାର୍ଯ୍ୟ ହାସଲ କରୁଥିବା ଏକ ନିରାଟ ସତ୍ୟ କଥା ଯାହା ଆମେ ସମସ୍ତେ ଜାଣିଛେ, କରୁଛେ । ଅତଏବ ସେହି କର୍ମଚ୍ରୀ, ପ୍ରତିନିଧିଙ୍କ ଅପେକ୍ଷା ସାଧାରଣ ଲୋକ ସମ୍ପୂର୍ଣ୍ଣ ଦାୟୀ ବୋଲି କହିବା ଅଯୌକ୍ତିକ ନା ଯୌକ୍ତିକ ବିଚ୍ରର ଆପଣ ମାନଙ୍କର ! ସେମିତି ତଳୁ ଉପର ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ କାର୍ଯ୍ୟଧାରା ଚ୍ଳୁଥିବା ହେତୁ ବର୍ତ୍ତମାନ ସାମାଜିକ ସ୍ଥିତି ଏକରକମ ନିମ୍ନ ସ୍ତରକୁ ଚ୍ଳିଯାଇଥିବା କେହି ଅସ୍ୱୀକାର କରିପାରିବେ ନାହିଁ ।

ଶେଷରେ ତଳୁ ଉପର ପର୍ଯ୍ୟନ୍ତ ସମସ୍ତ କେଳେଙ୍କାରୀରେ ବ୍ୟବସାୟୀ, ସାମାଜିକ କର୍ମୀ କର୍ମଚ୍ରୀଙ୍କ ସହିତ ହାତକୁ ହାତ ମିଶାଇ ସମାଜକୁ ତଳିତଳାନ୍ତ କରୁଥିବା ହେତୁ ସାମାଜିକ ସର୍ବୋଚ୍ଚ ସ୍ଥାନରେ ଅବସ୍ଥାପିତ ହୋଇଥିବା ଲୋକଟି ମୁଣ୍ଡରେ ସବୁ ଦୋଷାରୋପ ଛିଙ୍ଚୁଥିବା ଦେଖିବାକୁ ମିଳୁଛି । କହିବାକୁ ଗଲେ ସେହି ସାମାଜିକ ଉଚ୍ଚସ୍ଥାନିତ ବ୍ୟକ୍ତି ଜଣଙ୍କ କୌଣସି ଅବୈଧ କାର୍ଯ୍ୟରେ ଲିପ୍ତ ଥା'ନ୍ତି କି ନଥା'ନ୍ତି ସାଧାରଣ ଲୋକ ଜାଣିପାରୁନଥିଲେ ମଧ ସବୁ ଦୁର୍ନାମ ସେମାନଙ୍କୁ ଶୁଣିବାକୁ ପଡିଥାଏ ଯାହା ମାନୁଷିକ ଚିନ୍ତାସମ୍ପନ୍ନ ବୋଲି କହିହେବ ନାହିଁ ! ପୁଣି ଗଣତନ୍ତ୍ର ରାଷ୍ଟ୍ରର ସେହି ଉଚ୍ଚାଧୀସ୍ଥାନରେ ଅବସ୍ଥାପିତ ମଣିଷମାନେ ମଧ ଭଗବାନ କିମ୍ବା ମହାରାଜା ନୁହଁନ୍ତି ଯେ ସେମାନେ ଯାହା ଚ୍ହିଁବେ ତାହା କରିପାରିବା ଭଳି କ୍ଷମତା ସେମାନଙ୍କ ପାଖରେ ଥିଲେ ମଧ ଏମିତି ଅନୈତିକ କାର୍ଯ୍ୟ ହୋଇଥା'ନ୍ତା କି ନାହିଁ ଦେଖାଯାଇଥା'ନ୍ତା । ସବୁ କ୍ଷେତ୍ରରେ ସେମାନେ ମଧ ଏକ ଗୋଷ୍ଠୀ ସହିତ ଯୋଡିହୋଇ କାର୍ଯ୍ୟ କରିଥା'ନ୍ତି ଯେଉଁଥିରେ ଅନେକ ପ୍ରକାର ଚରିତ୍ର ରହିଥା'ନ୍ତି ଯେଉଁମାନେ ଅନେକ କେଳେଙ୍କାରୀରେ ଲିପ୍ତ ରହିଥିବା ଦେଖାଯାଏ । କିନ୍ତୁ ଶେଷରେ ଶାସନ ମୁଖ୍ୟଙ୍କୁ ସବୁ କଥାରେ ଦାୟୀ କରାଯିବା କେତେ ଯୌକ୍ତିକ ବିଚ୍ରର କରି ଦେଖାଯିବା କଥା ।

ପରିଶେଷରେ ସମ୍ପୂର୍ଣ୍ଣ ବ୍ୟବସ୍ଥାକୁ ଅନେକ ଦିଗରୁ ପରୀକ୍ଷା କରି ଦେଖିଲେ ଜଣାଯାଏଯେ ସାଧାରଣ ଲୋକଙ୍କ ସ୍ୱାର୍ଥନ୍ୱେଷୀ କାର୍ଯ୍ୟ କଳାପ ସେହି ସମ୍ମାନସ୍ପଦ ପ୍ରତିନିଧି, କର୍ମଚରୀ ମାନଙ୍କୁ ଅବାଟରେ ନେଇଯିବାରେ ଯଥେଷ୍ଟ ସହାୟକ ହେଉଥିବା ଆମେ ବୁଝିପାରୁନାହାନ୍ତି ନା ମାରେ ମାରେ ଭଣ୍ଡାରୀକୁ ମାରେ ନୀତି ଆପଣେଇ ସେହି ଅସାମାଜିକ କ୍ଷମତାଧାରୀ ସାଧାରଣ ମଣିଷ ମାନଙ୍କୁ ଭୟ କରି କେବଳ କ୍ଷମତାରେ ଥିବା ପ୍ରତିନିଧି, କର୍ମଚ୍ରୀଙ୍କୁ ଭଣ୍ଡାରୀ କରି ମାରଣ ନୀତି ଆପଣେଇଛୁ ଆମେ, ବିଚ୍ରର ଯୋଗ୍ୟ ! ତେଣୁ ସାମାଜିକ କ୍ଷେତ୍ରର ସମସ୍ତ ସ୍ୱେଚ୍ଛାସେବୀ ତଥା ବୁଦ୍ଧିଜୀବୀ ସେହି ଶାସନ, ପ୍ରଶାସନିକ ଅଧିକାରୀଙ୍କ ଅପେକ୍ଷା ଯଦି ସମାଜକୁ ବାସ୍ତବିକ କଳଙ୍କିତ କରୁଥିବା ସାଧାରଣ ଜନତା ଯେଉଁମାନେ ସାମାଜିକ ଅବନତି ପାଇଁ ଯଥେଷ୍ଟ ଦାୟୀ, ସେମାନଙ୍କୁ ସଚେତନ କରିପାରିଥା'ନ୍ତେ ତାହାଲେ ଅତ୍ୟନ୍ତ ସୁଗ୍ଭରୁ ରୂପେ ସବୁ ସାମାଜିକ ଅବ୍ୟବସ୍ଥାକୁ ଅଚିରେ ପାର କରିହୋଇଥା'ନ୍ତା ବୋଲି ଆମ ବିଚ୍ରର ଧାରରେ ଆପଣଙ୍କ ସହମତି ଜଣାଇବାକୁ ଅନୁରୋଧ ପୂର୍ବକ ରହିଲି..........!

ଧନ୍ୟବାଦ ।

+ ସୋସିଆଲ ଫୋରୁମ (ଭାରତ)
ଛତ୍ରପୁର, ଗଂଜାମ ।
ଦୂରଭାଷ- ୯୪୩୭୩୨୪୯୧୭.

# ଦି ଗ୍ରେଟ ଫ୍ରେଣ୍ଡସ-୨

ଡାକ୍ତର ସୁରେନ୍ଦ୍ର ନାଥ ଦାଶ



ଦକ୍ଷିଣ ଆଫ୍ରିକାରେ ଗାନ୍ଧୀଙ୍କର ଦୁଇ ବନ୍ଧୁ ହେରମାନ କେଲେନବାକ ଓ ସୋଞ୍ଜୁ ସୋଲସିନଙ୍କ କଥା ଆଗରୁ ବର୍ଣ୍ଣନା ହୋଇ ସାରିଛି । ଆଜି ଆଉ ଦୁଇ ଜଣ ଗାନ୍ଧୀଙ୍କ ଦକ୍ଷିଣ ଆଫ୍ରିକା ବନ୍ଧୁ ହେନେରି ସୋଲମାନ ପୋଲକ ଓ ଜୋସେଫ ଡୋକଙ୍କ ବିଷୟରେ ବର୍ଣ୍ଣନା କରିବାକୁ ଯାଉଛି । ବିଶ୍ୱରେ ଅସଂଖ୍ୟ ଦେଶୀ ଓ ବିଦେଶୀ ବ୍ୟକ୍ତି ଗାନ୍ଧୀଙ୍କ ଜିବନୀ ଲେଖିବାର ସୌଭାଗ୍ୟ ପାଇଥିଲେ ମଧ୍ୟ ପ୍ରଥମ ଲେଖକର ଗୌରବ ଦକ୍ଷିଣ ଆଫ୍ରିକାର ଜୋସେଫ ଡୋକଙ୍କୁ ମିଳିଛି । ସେ ଗାନ୍ଧୀଙ୍କର ପରମ ବନ୍ଧୁ ଓ ପ୍ରସଂଶକ ଥିଲେ । ଇଂଲଣ୍ଡର ଡୋଭର ଠାରେ୧୮୬୧ ମସିହାରେ ଜନ୍ମ ହୋଇ ଜଣେ ପାଦ୍ରୀ ରୂପେ ଦକ୍ଷିଣ ଆଫ୍ରିକା ଆସିଥିଲେ । ନିରାମିଷ ଭୋଜନାଳୟରୁ ଗାନ୍ଧୀଙ୍କ ସହ ତାଙ୍କର ବନ୍ଧୁତା ହେଲା । ୧୯୦୮ ମସିହାରେ ସତ୍ୟାଗ୍ରହ ବେଳେ ଗାନ୍ଧୀ ଜଣେ ଆଫଗାନ ଉଦଭ୍ରାନ୍ତ ଦ୍ୱାରା ସାଂଘାତିକ ଆହତ ହେଲେ । ଭାରତୀୟ ବନ୍ଧୁ ମାନେ ତାଙ୍କୁ ହାସପାତାଳ ନେବାକୁ ସ୍ଥିର କଲେ । ମାତ୍ର ଡୋକ ଗାନ୍ଧୀ ଙ୍କୁ ନିଜ ଘରେ ରଖି ଯତ୍ନ ନେବାକୁ ଇଛା ପ୍ରକାଶ କଲେ । ନିଜ ପୁଅର କକ୍ଷରେ ଗାନ୍ଧୀଙ୍କୁ ରଖିଲେ । ତାଙ୍କ ପିଲା ମାନେ ଗାନ୍ଧୀଙ୍କ ସେବା କଲେ । ସକାଳୁ ବଗିଚାରୁ ଫୁଲ ଆଣି ରୁମ ସଜାଇଲେ । ସିତାର ରେ ଯୀଶୁଙ୍କ ଜଣାଣ ଗାନ କଲେ । ଅନେକ ବନ୍ଧୁ ଗାନ୍ଧୀଙ୍କୁ ସାକ୍ଷାତ କରିବାକୁ ତାଙ୍କ ଘରକୁ ଆସିଲେ । ସମସ୍ତଙ୍କ ଖବର ସେ ବୁଝିଲେ ।୧୯୦୯ ମସିହାରେ ସେ "ଏ ପାଟ୍ରିଅଟ ଇନ ସାଉଥ ଆଫ୍ରିକା" ନାମକ ଗାନ୍ଧୀଙ୍କର ଜିବନୀ ପ୍ରକାଶ କଲେ ।୧୯୧୪ ମସିହାରେ ମାନ୍ଦ୍ରାଜରୁ ଏହାର ଭାରତୀୟ ସଂସ୍କରଣ ପ୍ରକାଶ ହେଲା । ୧୯୧୩ ମସିହାରେ ରୋଡେସିଆରେ ମିଶନାରୀ କାର୍ଯ୍ୟରେ ଥିଲା ବେଳେ ହୃଦଘାତରେ ତାଙ୍କର ମୃତ୍ୟୁ ହେଲା । ସେ ଈଶ୍ୱରଙ୍କ ଛଡା କାହାକୁ ଡରୁ ନଥିଲେ। ତାଙ୍କ ମୃତ୍ୟୁରେ ଏହା ଥିଲା ଗାନ୍ଧୀଙ୍କ ବାର୍ତା।

ହେନେରୀ ସୋଲେମନ ପୋଲକ: ପୋଲକ ପରମ ଗାନ୍ଧୀ ଭକ୍ତ ଓ ତାଙ୍କର ହନୁମାନ ଭଳି ଥିଲେ । ସେ ୧୮୮୨ ମସିହାରେ ଡୋଭର ଠାରେ ଜନ୍ମ ନେଇଥିଲେ । ୧୯୦୩ ମସିହାରେ ଭାଗ୍ୟ ଅନ୍ୱେଷଣରେ ଦକ୍ଷିଣ ଆଫ୍ରିକା ଆସି ୧୯୦୪ ମସିହାରେ ଏକ ନିରାମିଶାଷୀ ହୋଟେଲରେ ତାଙ୍କର ଗାନ୍ଧୀଙ୍କ ସହ ପରିଚୟ ହେଲା । ସେ ସେତେବେଳେ ଟ୍ରାନସଭାଲ କ୍ରିଟକସ ନାମକ ପତ୍ରିକାର ସଂପାଦକ ଥିଲେ । ଏହି ସମୟରେ ଜୋହେନସ ବର୍ଗ ଭାରତୀୟ ଖଣି ଶ୍ରମିକଙ୍କ ମଧ୍ୟରେ ପ୍ଲେଗ ରୋଗ ଦେଖା ହେଲା । ସେବା କରିବା ପାଇଁ ଗାନ୍ଧିଜୀ ସ୍ୱେଚ୍ଛାସେବୀ ମାନଙ୍କୁ ଆହ୍ୱାନ କଲେ ଓ ପୋଲକ ନିଜ ଚାକିରି ଛାଡି ଗାନ୍ଧୀଙ୍କ ପାଖକୁ ଚାଲି ଆସିଲେ । ଗାନ୍ଧୀଙ୍କ ଅନୁରୋଧରେ ସେ କିଛିଦିନ ଇଣ୍ଡିଆନ ଓପିନିଅନ ପତ୍ରୀକାର ସଂପାଦନା କଲେ । ଗାନ୍ଧୀ ନିଜେ ଦାୟିତ୍ୱ ନେଇ ସେ ଭଲ ପାଉଥିବା ମିଲିଙ୍କୁ ହେନେରୀଙ୍କ ସହ ବିବାହ କରାଇ ଦେଲେ ଓ ସେମାନଙ୍କୁ ନିଜ ଘରେ ରଖିଲେ । ପରେ ସମସ୍ତେ ଫିନିସ ଆଶ୍ରମରେ ରହିଲେ । ଗାନ୍ଧୀଙ୍କୁ ସେ ଜନରସ୍କିନଙ୍କ ଲିଖିତ ଅନ ଟୁ ଦି ଲାଷ୍ଟ (On to the last) ପୁସ୍ତକ ପଢିବାକୁ ଦେଇଥିଲେ । ତାହା ଗାନ୍ଧୀଙ୍କୁ ସଂପୂର୍ଣ୍ଣ ପ୍ରଭାବିତ କରିଥିଲା । ପରବର୍ତ୍ତି ଜୀବନରେ ସର୍ବୋଦୟ ଭାବନା ସେଥିରୁ ଜନ୍ମ ନେଇଥିଲା । ୧୯୦୯ ମସିହାରେ ଗାନ୍ଧୀଙ୍କ ବାର୍ତ୍ତା ନେଇ ସେ ଭାରତ ଆସି ଗୋଖେଲ ସମେତ ଅନେକ ନେତାଙ୍କୁ ଗାନ୍ଧୀଙ୍କ ସଂଗ୍ରାମ ଓ ମହାନତା ବିଷୟରେ କହିଥିଲେ । "How Indians are treated in South Afrika" ନାମକ ଏକ ବହି ଲେଖି ମାନ୍ଦ୍ରାଜର ନାଟସନଙ୍କ ଦ୍ୱାରା ତିନି ଖଣ୍ଡରେ ପ୍ରକାଶ କରିଥିଲେ। ୧୯୧୧ ରେ କଲିକତା କଂଗ୍ରେସ ଅଧିବେଶନରେ ଗାନ୍ଧୀଙ୍କ ତରଫରୁ ଚୁକ୍ତି ଭିତିକ ଶ୍ରମିକ ପ୍ରଥାର ବିଲୋପ ପାଇଁ ପ୍ରସ୍ତାବ ଦେଇଥିଲେ ଓ ତାହା ଗୃହିତ ହୋଇଥିଲା । ଗାନ୍ଧି ଦକ୍ଷିଣ ଆଫ୍ରିକାରୁ ଫେରିଲାପରେ ସେ ୧୯୧୬ ପର୍ଯ୍ୟନ୍ତ ସେଠାରେ ରହି ଇଂରେଜ ମାନଙ୍କ ସହ ହୋଇଥିବା ଚୁକ୍ତିର କାର୍ଯ୍ୟକାରୀ କରାଇଥିଲେ । ଗାନ୍ଧୀଙ୍କ ଦକ୍ଷିଣ ଆଫ୍ରିକାରୁ ପ୍ରସ୍ଥାନ ପରେ୧୯୧୬ ମସିହାରେ ସେ ପରେ ନିଜ ଦେଶ କୁ ଫେରିଗଲେ । ଗାନ୍ଧୀଙ୍କ ବିଷୟରେ ସେ ଓ ତାଙ୍କ ସ୍ତ୍ରୀ ମିଳି ଦିଓଟି ବହି ଲେଖିଛନ୍ତି । ଗାନ୍ଧୀଙ୍କ ମୃତ୍ୟୁ ପରେ ଭାରତ ସରକାରଙ୍କ ନିମନ୍ତ୍ରଣରେ ୧୯୫୦ ମସିହାରେ ଭାରତ ଆସି ଗାନ୍ଧୀ ସ୍ମୃତିପୀଠ ମାନ ପରିଦର୍ଶନ କରିଥିଲେ ।

+ ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ଉମରକୋଟ,
ମୋ:୯୪୩୭୨୩୫୩୮୬

# ଖାଇବାଯୋଗ୍ୟ ଚା’ କପ୍



ଖାଇବାଯୋଗ୍ୟ ଚାମଚ, ପ୍ଲେଟ ବିଷୟରେ ପୂର୍ବରୁ ଆମେ ଆପଣଙ୍କୁ ଖବର ଦେଇଥିଲୁ । ଖାଇବାଯୋଗ୍ୟ କପ୍ ଏବେ ଟ୍ରେଣ୍ଡରେ ଅଛି । ମଦୁରାଇର ଏକ ଚା’ ଦୋକାନୀ ଏହି ଖାଇବାଯୋଗ୍ୟ କପ୍ ଲଞ୍ଚ କରିଛି । କପ୍‌ଟି ଚକୋଲେଟ୍ ବିସ୍କୁଟ୍‌ରେ ପ୍ରସ୍ତୁତ । ଏହା ଦେଖିବାକୁ ଯେତିକି ଆକର୍ଷଣୀୟ, ସେତିକି ସ୍ୱାଦିଷ୍ଟ । ପରିବେଶ ଅନୁକୂଳ ଉତ୍ପାଦ କ୍ଷେତ୍ରରେ ଏହା ଆଉ ପାଦେ ଆଗରେ ଅଛି । କାରଣ ଏହି ନୂଆ ଉଦ୍ଭାବନ ପ୍ଲାଷ୍ଟିକ୍ କପ୍‌ର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ବିକଳ୍ପ ହୋଇପାରିବ ବୋଲି ଆଶା କରାଯାଉଛି । ଏହି ଖାଇବାଯୋଗ୍ୟ କପ୍‌ର ମୂଲ୍ୟ ୨୦ ଟଙ୍କା ରହିଛି । ୬୦ ମିଲି ଗରମ ଚା’ ୧୧୦ ମିନିଟ୍ ପର୍ଯ୍ୟନ୍ତ ଧାରଣ କରିବାର ସାମର୍ଥ୍ୟ କପ୍‌ର ରହିଛି । ଯେଉଁମାନେ ଏହି କପ୍‌ରେ ଚା’ ପିଉଛନ୍ତି, ୧୦ ମିନିଟ୍ ସେମାନଙ୍କ ପାଇଁ ଯଥେଷ୍ଟ ବୋଲି ପ୍ରତିକ୍ରିୟାରେ କହିଛନ୍ତି । ମଦୁରାଇର ୱେଷଟ ମାସି ଷ୍ଟ୍ରିଟ୍ ସ୍ଥିତ ବିବେକ ସବାପଥିଙ୍କ ଚା’ ଦୋକାନ ଏହି ଚା’ କପ୍ ପାଇଁ ବେଶ ପରିଚିତ । ଚା’ର ନିଜସ୍ୱ ଏକ ପ୍ରକାର ‘ଆର୍.ଏସ୍ ପାଠା ନୀଳଗିରି ଚା’ ପାଇଁ ମଧ୍ୟ ଦୋକାନ ପରିଚିତି ଲଭିଛି । ଗତ ମାସ ୧୫ ତାରିଖରୁ ଏହି କପ୍ ଲଞ୍ଚ କରିବା ପରଠୁ ଆଜି ପର୍ଯ୍ୟନ୍ତ ଦୋକାନରେ ୫୦୦ରୁ ଅଧିକ କପ୍ ଚା’ ବିକ୍ରି ହୋଇଛି । କପ୍‌ର ଲୋକପ୍ରିୟତାକୁ ଧ୍ୟାନରେ ରଖି ଅନ୍ୟ ଫ୍ଲେଭରଯୁକ୍ତ କପ୍ ପ୍ରସ୍ତୁତ କରିବାକୁ ଦୋକାନ ମାଲିକ ଯୋଜନା କରୁଛନ୍ତି । ନିକଟରେ ଇଣ୍ଟର୍‌ନେଟ ୟୁଜର୍ ଏହି ଖାଇବାଯୋଗ୍ୟ କପ୍‌ର ଫଟୋ ସୋସିଆଲ ମିଡିଆରେ ପୋଷ୍ଟ କରିବା ପରଠୁ ଏହା ଚର୍ଚ୍ଚାରେ ଅଛି । କପ୍‌ଟି ଗ୍ରାହକଙ୍କୁ ଆଇସ୍‌କ୍ରିମ କୋନ୍ ଓ ଚକୋଲେଟ୍ ବିସ୍କୁଟରେ ସ୍ୱାଦ ପ୍ରଦାନ ଗ୍ରାହକଙ୍କ କହିବା ଅନୁସାରେ, ଏହା ସୁରକ୍ଷିତ, ସ୍ୱାସ୍ଥ୍ୟକର, ପରିବେଶ ଅନୁକୂଳ ଏବଂ ବର୍ଜ୍ୟବସ୍ତୁ ମୁକ୍ତ ମଧ୍ୟ । ପ୍ରତ୍ୟେକ ଚା’ ଦୋକାନୀ ଏହି ଖାଇବାଯୋଗ୍ୟ କପ୍ ବ୍ୟବହାର କରିବା ଉଚିତ ।

# ଖାଦ୍ୟ ଉପଯୋଗୀ ବାସନ



ଆମେ ବାସନରେ ଖାଦ୍ୟ ଖାଆନ୍ତି । କିନ୍ତୁ ବାସନକୁ ଖାଦ୍ୟ ଭାବେ ଖାଇବା, ଏକଥା କେବେ ଚିନ୍ତା କରିଛନ୍ତି କି ? ବିଶ୍ୱାସ ହେଉନଥିଲେ ବି କଥାଟି ସତ । ବେଙ୍ଗାଲୁରୁର ଦୁଇଜଣ ମହିଳା ଶୈଳା ଗୁରୁଦତ୍ତ ଏବଂ ଲକ୍ଷ୍ମୀ ଭୀମାଚାର ଆଇବିଏମ୍ ଭଳି ପ୍ରସିଦ୍ଧ ସଫ୍ଟୱାର କଂପାନି ଚାକିରି ଛାଡ଼ି ଏଭଳି ନିଆରା ବାସନ ପ୍ରସ୍ତୁତ କରୁଛନ୍ତି । ଖାଦ୍ୟ ଖାଇବା ପରେ ଏହି ବାସନକୁ ବିବ ଆପଣ ଖାଇପାରିବେ । ସେମାନଙ୍କ କଂପାନିର ନାମ ରହିଛି ଏଡିବଲ ପ୍ରୋ । କଂପାନିକୁ ଏଫଏସଏସଏଆଇରୁ ମଞ୍ଜୁରି ବି ମିଳିଛି । ଏହା ପରିବେଶ ଅନୁକୂଳ ଖାଦ୍ୟ ଉପଯୋଗୀ ବାସନକୁସନ ପ୍ରସ୍ତୁତ କରିଥାଏ । ସେଥିମଧ୍ୟରେ କଣ୍ଟା ଚାମଚ, ଛୁରୀ, କପ୍, ପ୍ଲେଟ୍, ଗିନା ପ୍ରଭୃତି ସାମିଲ । ଏହାଛଡ଼ା ଆହୁରି ୮୦ରୁ ଅଧିକ ଉତ୍ପାଦ ପ୍ରସ୍ତୁତ କରାଯାଉଛି । ଏ ସଂପର୍କରେ ଲକ୍ଷ୍ମୀ ଏବଂ ଶୈଳା କହିଛନ୍ତି, ‘ବିବାହ, ଜନ୍ମଦିନ, ବ୍ରତଘର ଭଳି ଉତ୍ସବମାନଙ୍କରେ ବହୁ ପରିମାଣରେ ସିଙ୍ଗଲ ୟୁଜ୍ ପ୍ଲାଷ୍ଟିକ୍ ବ୍ୟବହାର ହେଉଥିବାର ଦେଖି ଆମକୁ ଏଭଳି ଉତ୍ପାଦ ପ୍ରସ୍ତୁତ କରିବାର ଆଇଡିଆ ଆସିଲା । ଖାଦ୍ୟ ଉଦ୍ୟୋଗରେ ପରିବେଶ ଅନୁକୂଳ ବିକଳ୍ପ ଆଣିବାକୁ ଆମେ ଚିନ୍ତା କଲୁ । ଆମେ ପ୍ରସ୍ତୁତ କରିଥିବା ବାସନକୁସନ ସିଙ୍ଗଲ ୟୁଜ୍ ପ୍ଲାଷ୍ଟିକ୍ ଭଳି । ଫରକ ଏତିକି ଖାଦ୍ୟ ଖାଇବା ପରେ ଆପଣ ଏହାକୁ ବି ଖାଇପାରିବେ ।’ ବାଜରା, ଡାଲି, ଚାଉଳ ଆଦିରୁ ସେମାନେ ବାସନକୁସନ ପ୍ରସ୍ତୁତ କରିଥାନ୍ତି । ଏହି ସବୁ ଶସ୍ୟ ସ୍ଥାନୀୟ ଚାଷୀମାନଙ୍କଠାରୁ ସିଧାସଳଖ କିଣାଯାଇଥାଏ । ସେହିଭଳି କୌଣସି ଉତ୍ପାଦରେ କୃତ୍ରିମ ରଙ୍ଗ ବ୍ୟବହାର ହୋଇନଥାଏ । ବାସନକୁ ପ୍ରସ୍ତୁତ କରିବା ଲାଗି ବିଟ୍, ଗାଜର, ପାଳଙ୍ଗ ଭଳି ପରିବାରୁ ବାହାର କରାଯାଇଥିବା ପ୍ରାକୃତିକ ରଙ୍ଗକୁ ସେମାନେ ବ୍ୟବହାର କରନ୍ତି । ନିଆରା ସ୍ୱାଦ ପାଇଁ ସେଥିରେ ଶିମଳା ଲଙ୍କାର ଅର୍କ, ଭାନିଲା, ଡାଲଚିନି, ଗୁଜରାତି ପ୍ରଭୃତି ମିଶାଯାଇଥାଏ । ଏହି ବାସନର ଦାମ୍ ୨ଟଙ୍କାରୁ ୧୫୫ଟଙ୍କା ଯାଏ ରହିଛି । ବିବାହ, ଜନ୍ମଦିନ ଆଦି ଉତ୍ସବ ପାଇଁ ସେମାନେ ଏହି ବାସନକୁ ଅର୍ଡର ଅନୁସାରେ ଯୋଗାଉଛନ୍ତି ।

# ଯୋଗ ପ୍ରୟୋଗ ବେଗ ସୁଦୃଢ଼ ହେବ

ଛିଡ଼ା ହୋଇ କାମ କରନ୍ତୁ କି ବସିକରି, ପ୍ରାୟ ସମୟ ବେକ ଉପରେ ଅଧିକ ଚାପ ପଡ଼ିଥାଏ । ତେଣୁ ବେକର ମାଂସପେଶୀ ସୁଦୃଢ଼ କରିବା ଜରୁରୀ । ଷ୍ଟାବିଲିଟି ବଲ୍ ସହାୟତାରେ ଏକ ସହଜ ବ୍ୟାୟାମ ବେକର ଯଥେଷ୍ଟ ଉପକାର କରିପାରିବ ।

**ପ୍ରକ୍ରିୟା:**

- ୩୦ ସେଣ୍ଟିମିଟର ବ୍ୟାସ ବିଶିଷ୍ଟ ଏକ ଷ୍ଟାବିଲିଟି ବଲ୍ ନିଅନ୍ତୁ ।
- ତଳେ ଏକ ମୋଟା ଚାଦର ପକାଇ କାନ୍ଥ ପାଖକୁ ବଲ୍‌ଟି ଧରି ସିଧା ଛିଡ଼ା ହେବେ ।
- କାନ୍ଥ ଆଡ଼କୁ ମୁହଁ କରି ଛିଡ଼ାହେବା ସହିତ ନିଜ କପାଳ ଏବଂ କାନ୍ଥ ମଧ୍ୟରେ ବଲ୍‌ଟିକୁ ରଖନ୍ତୁ ।
- ଏବେ ବଲ୍ ଉପରେ କପାଳରୁ ସାମାନ୍ୟ ଚାପ ଦେବା ସହିତ ହାତ ଛାଡ଼ିଦେବେ । ଏପରି ସ୍ଥିତିରେ ୧୦ ସେକେଣ୍ଡ ବଲ୍‌କୁ ହାଲ୍‌କା ଚାପ ଦେଇ ଧରି ରଖନ୍ତୁ ।



# ଏହି ଘରୁ କେହି ଜୀବିତ ଫେରିନାହାନ୍ତି



କିଛି ସହରରେ ଏମିତି ଘର ଥାଏ ଯାହାକୁ ଲୋକେ ହଣ୍ଟେଡ୍ ହାଉସ୍ କହିଥାନ୍ତି । ଏମିତି ଘରେ କେହି ବି ଲୋକ ରହିବାକୁ ଆସନ୍ତି ନାହିଁ । ଲୋକମାନେ କୁହନ୍ତି, ଘରେ ପ୍ରେତାତ୍ମା ବାସ କରୁଛି । ଏମିତି ଗୋଟିଏ ଘର ଅଛି ହାଇଦ୍ରାବାଦର ସୀତାଫଳମଣ୍ଡି ଅଞ୍ଚଳରେ । ଏହି ବଙ୍ଗଳା ଗତ ୪୦ ବର୍ଷ ହେବ ଖାଲି ପଡ଼ିଛି । ଲୋକମାନେ ଏହି ବଙ୍ଗଳାରେ ରହିବାକୁ ଭୟ କରନ୍ତି । ଏହି ବଙ୍ଗଳାକୁ ଲୋକମାନେ ‘ଦେଢ଼ ଲକ୍ଷ ଘରର ରହସ୍ୟ’ ବୋଲି କହିଥାନ୍ତି । ଏହି ଘରେ ଏବେ କେହି ନାହାନ୍ତି । ଘରର ଚାରିପାଖ ନିସ୍ତବ୍ଧ । ଏହି ଘରର ପାଖ ଦେଇ ଯିବାକୁ ମଧ୍ୟ ଲୋକ ଭୟ କରନ୍ତି । ଏହା ପଛରେ ଲୋକଙ୍କ ବିଶ୍ୱାସ ଯେ ଯେଉଁ ବ୍ୟକ୍ତି ଏହି ଘରେ ରହିବାକୁ ଆସେ ତା’ର ମୃତ୍ୟୁ ହୁଏ । କୁହାଯାଏ ଏହି ଘରେ ଭୌତିକ କାଣ୍ଡ ଘଟୁଥିବାରୁ ଲୋକମାନେ ରହିବାକୁ ଭୟ କରନ୍ତି । ୪୦ ବର୍ଷ ପୂର୍ବେ ଲକ୍ଷ୍ମଣ ନାମକ ଜଣେ ବ୍ୟକ୍ତି ଏହି ବଙ୍ଗଳାକୁ ଦେଢ଼ ଲକ୍ଷ ଟଙ୍କାରେ ତିଆରି କରିଥିଲେ । ଏହି ବଙ୍ଗଳା ସେହି ସମୟରେ ଅଞ୍ଚଳର ସବୁଠୁ ଅଧିକ ଦାମୀ ବଙ୍ଗଳା ରୂପେ ପରିଚିତ ଥିଲା । ସ୍ଥାନୀୟ ଲୋକେ ସେଇ ଘରକୁ ଦେଢ଼ ଲକ୍ଷ ଘର ବୋଲି କହି ଆସୁଛନ୍ତି । ହେଲେ ସେଇ ବ୍ୟକ୍ତି ଜଣକ ଜାରି ନଥିଲେ ଏଇ ଘର ତାଙ୍କ ପାଇଁ କେତେ ବଡ଼ ବିପଦ ଆଣିଦେବ । ଘରେ ତାଙ୍କର ପରିବାର ରହିବା ପରଠାରୁ ତାଙ୍କ ସହିତ ଅପ୍ରୀତିକର ଘଟଣା ସବୁ ଘଟିଥିଲା । ସେଇ ଘରର ମାଲିକଙ୍କ ଦୁଇ ଝିଅ ଏବଂ ତିନି ପୁଅ ଥିଲେ । ଯେଉଁ ପର୍ଯ୍ୟନ୍ତ ସେଇ ଘର ଭିତରକୁ ପ୍ରବେଶ କରିନଥିଲେ ଠିକ୍ ଥିଲେ । ହେଲେ ଯେଉଁଦିନ ତାଙ୍କ ପରିବାର ଗୃହପ୍ରବେଶ କରିଥିଲେ ଠିକ୍ ସେହିଦିନ ହିଁ ତାଙ୍କ ସ୍ତ୍ରୀଙ୍କର ମୃତ୍ୟୁ ହୋଇଯାଇଥିଲା । ସେଥିପାଇଁ ସେ ଏଇ ଘଟଣାର କିଛି ବର୍ଷ ପରେ ଆଉ ଏକ ପରିବାର ଏହି ଘରେ ରହିବାକୁ ଆସିଥିଲେ । କିଛି ଦିନ ପର୍ଯ୍ୟନ୍ତ ସବୁ ଠିକ୍ ଚାଲିଥିଲା । କିନ୍ତୁ ଗୋଟିଏ ଦିନ ସେଇ ପରିବାର ଜଣେ ମହିଳା ନିଜ ଦେହରେ ନିଆଁ ଲଗାଇ ଆତ୍ମହତ୍ୟା କରି ଦେଇଥିଲେ । ଏହି ଘଟଣା ବିଷୟରେ ସ୍ଥାନୀୟ ଲୋକଙ୍କଠାରୁ ଜାଣିବାକୁ ମିଳିଥିଲା, ସେହି ମହିଳାଙ୍କର ମୃତ୍ୟୁର ବାସ୍ତବ କାରଣ କିଛି ଜଣା ପଡ଼ିନଥିଲା । ଏହି ଘଟଣା ପରେ ଜଣେ ଛାତ୍ର ଘରେ ରହିବାକୁ ଆସିଥିଲା । ହେଲେ ସେ ବି ଫାଶି ଲଗାଇ ଆତ୍ମହତ୍ୟା କରି ଦେଇଥିଲା । ତା’ ପରେ ଏହି ଘରକୁ ଆଉ କେହି ରହିବାକୁ ଆସିନଥିଲେ । ସେଦିନ ପରଠାରୁ ସେହି ଘରଟି ଭୌତିକ ଘର ରୂପେ ପରିଚିତ ହେଲା । ରାତିରେ ଏହି ଘରର ଆଖପାଖରେ କାହାକୁ ଦେଖିବାକୁ ମିଳେ ନାହିଁ । ବେଳେବେଳେ ସ୍ଥାନୀୟ ଲୋକ ଏହି ଘର ଭିତରୁ ଜଣେ ମହିଳାର ଚିତ୍କାର ମଧ୍ୟ ଶୁଣିବାକୁ ପାଆନ୍ତି ।

## ୨୦ ବର୍ଷ ହେଲା ପାଣିରେ ବୁଡ଼ି ରହୁଛନ୍ତି ମହିଳା

ଶୁଣିବାକୁ ଅଜବ ଲାଗୁଥିଲେ ମଧ୍ୟ ସତ । ଜଣେ ମହିଳା ଦୀର୍ଘ ୨୦ ବର୍ଷ ହେଲା ପାଣିରେ ବୁଡ଼ି ରହୁଛନ୍ତି । ସେ ସୂର୍ଯ୍ୟ ଉଦୟ ଠାରୁ ସୂର୍ଯ୍ୟାସ୍ତ ଯାଏଁ ପୋଖରୀ ଭିତରେ ଛିଡ଼ା ହୋଇ ରହୁଛନ୍ତି । କଷ୍ଟ ଲାଗିଲେ କୂଳରେ ଆସି ପାଣି ଭିତରେ ବସୁଛନ୍ତି । ପାଣି ଭିତରେ ରହି ସେ ଲୋକଙ୍କ ସହ କଥା ହୁଅନ୍ତି ଓ ଖାଆନ୍ତି ମଧ୍ୟ । ତେବେ ସେ କେବଳ ଲିଆ ଖାଇ ବଞ୍ଚୁଛନ୍ତି । ସପ୍ତାହରେ ଥରେ ମାତ୍ର ସେ ସମ୍ପୂର୍ଣ୍ଣ ଖାଦ୍ୟ ଖାଆନ୍ତି । ମହିଳାଙ୍କ ନାମ ପୁଟ୍ଟୁରାଣୀ ଓ ତାଙ୍କର ବୟସ ୬୦ ବର୍ଷ । ପାଣି ଭିତରେ ରହୁଥିଲେ ମଧ୍ୟ ପୁଟ୍ଟୁରାଣୀଙ୍କର କୌଣସି ରୋଗ ନାହିଁ । ପଶ୍ଚିମବଙ୍ଗର କଟୱା ଜିଲ୍ଲା ଗୋବଇ ଗ୍ରାମରେ ତାଙ୍କ ଝିଅ ଘରେ ରହୁଛନ୍ତି ପୁଟ୍ଟୁରାଣୀ । ସେହି ଘର ପଛପଟେ ଏକ ପୋଖରୀ ଥିବାରୁ ପୁଟ୍ଟୁରାଣୀ ଝିଅ ଘରେ ରହି ଆସୁଛନ୍ତି । ତାଙ୍କ ଝିଅ କହନ୍ତି ୨୦ ବର୍ଷ ତଳେ ତାଙ୍କ ମା’ଙ୍କର ଦେହ ଖରାପ ହୋଇଥିଲା। ଖରାକୁ ଆସିବା ମାତ୍ରେ ତାଙ୍କ ଶରୀର ଜଳାପୋଡ଼ା ହେଉଥିଲା । ସେବେଠାରୁ ସେ ଦିନ ସାରା ପାଣି ଭିତରେ ରହି ଆସୁଛନ୍ତି ।

## ସ୍ୱାସ୍ଥ୍ୟ ମନ୍ତ୍ର

ହୃତ୍‌ପିଣ୍ଡର ସୁରକ୍ଷା ପାଇଁ ସ୍ନେହସାର ଓ ଶ୍ୱେତସାର କମ୍ ଏବଂ ଅଧିକ ପୁଷ୍ଟିସାର ଖାଆନ୍ତୁ । ସପ୍ତାହରେ ପାଞ୍ଚ ଦିନ ଅଧ ଘଣ୍ଟାରୁ ଏକ ଘଣ୍ଟା ଚାଲନ୍ତୁ । ଜଗିଂଠାରୁ ଚାଲିବା ଭଲ । ଓଜନ, ରକ୍ତ ଚାପ, ରକ୍ତ ଶର୍କରା ନିୟନ୍ତ୍ରଣରେ ରଖନ୍ତୁ । ଧୂମପାନ ଓ ସୁରାପାନ କରନ୍ତୁ ନାହିଁ । ନିରବ ହୃଦ୍‌ଘାତ ଅତି ମାରାତ୍ମକ । ତିରିଶ ବର୍ଷ ଟପିବା ପରେ ନିୟମିତ ବ୍ୟବଧାନରେ ରକ୍ତ ଚାପ, ରକ୍ତ ପରୀକ୍ଷା ଆଦି କରାନ୍ତୁ । ହୃତ୍‌ପିଣ୍ଡ ଜନିତ ରୋଗ ବଂଶଗତ ମଧ୍ୟ ହୋଇପାରେ । ସର୍ବଦା ଚାପଗ୍ରସ୍ତ ରହିବା ହୃତ୍‌ପିଣ୍ଡ ପାଇଁ କ୍ଷତିକାରକ । ନିମ୍ନ ରକ୍ତଚାପ ସାଧାରଣତଃ ହୃତ୍‌ପିଣ୍ଡ ରୋଗ କରାଏନାହିଁ । କୋଲେଷ୍ଟେରୋଲ ପିଲାଦିନରୁ ବଢ଼ିପାରେ । ଏ ବାବଦରେ ସମସ୍ତେ, ସଚେତନ ରହିବା ଉଚିତ । ଜଙ୍କ୍ ଫୁଡ୍ ଖାଆନ୍ତୁ ନାହିଁ । ନିୟମିତ ୱାଲ୍‌ନଟ୍ ଖାଆନ୍ତୁ । ହୃତ୍‌ପିଣ୍ଡର ସ୍ୱାସ୍ଥ୍ୟ ପାଇଁ ଶାକାହାର ଉତ୍ତମ । ଅଧିକ ତୈଳଯୁକ୍ତ ଖାଦ୍ୟ ଖରାପ । କୌଣସି ତେଲ ବି ଭଲ ନୁହେଁ । କାହାର ହୃଦ୍‌ଘାତ ହେଲେ, ତାଙ୍କୁ ଶୁଆଇଦିଅନ୍ତୁ । ଜିଭ ତଳେ ଆସ୍‌ପିରିନ୍ ବଟିକା ରଖନ୍ତୁ । ଯଦି ସର୍ବିଟ୍ରେଟ୍ ଥାଏ, ମଧ୍ୟ ରଖନ୍ତୁ । ତୁରନ୍ତ, ଚିକିତ୍ସା ସୁବିଧା ଥିବା ଚିକିତ୍ସାଳୟକୁ ନିଅନ୍ତୁ । ପ୍ରଥମ ଘଣ୍ଟା ହିଁ ସବୁଠାରୁ ବିପଦପୂର୍ଣ୍ଣ ।

# ଅବସାଦ ଦୂର୍ କରେ ବୁଣାବୁଣି

ବୁଣାବୁଣି କରିବାର ଅଭ୍ୟାସ ସମ୍ପର୍କରେ ଗବେଷଣା କରାଯାଇ ଜଣାପଡ଼ିଚି ଯେ ଏହା କେବଳ ଏକ କଳା ନୁହେଁ, ଏକପ୍ରକାର ମାନସିକ ବ୍ୟାୟାମ । ଏହାଦ୍ୱାରା ମସ୍ତିଷ୍କର ଖୁବ୍ ଉପକାର ହୋଇଥାଏ । ବୁଣାବୁଣି କରିବା ଦ୍ୱାରା ଅବସାଦ, ଚିନ୍ତା, ଉତ୍ତେଜନା ଆଦି ଦୂର ହୋଇପାରେ । ଏହା ବ୍ୟତୀତ ଗୁରୁତର ନ୍ୟୁରୋଲୋଜିକାଲ ସମସ୍ୟା ଯଥା- ଡିମେନ୍‌ସିଆ, ଆଲ୍‌ଜାଇମର ଆଦିର ଆଶଙ୍କା କମ୍ ରହେ । ବୁଣାବୁଣି କରିବା ଦ୍ୱାରା ଯନ୍ତ୍ରଣା (କ୍ରନିକ୍ ପେନ୍)ରୁ ବି ଉପଶମ ମିଳିଥାଏ ବୋଲି କେତେକ ଗବେଷଣାରୁ ଜଣାପଡ଼ିଛି । ୨୦୦୯ ମସିହାରେ ବ୍ରିଟିଶ କଲମ୍ବିଆ ବିଶ୍ୱବିଦ୍ୟାଳୟ ଦ୍ୱାରା ୩୮ ଜଣ ମହିଳାଙ୍କୁ ନେଇ ଏକ ଗବେଷଣା କରାଯାଇଥିଲା । ସେମାନେ ଖାଦ୍ୟଜନିତ ଗୁରୁତର ଇଟିଙ୍ଗ୍ ଡିଜ୍‌ଅର୍ଡରରେ ଆକ୍ରାନ୍ତ ଥିଲେ । ଏହି ମହିଳାମାନଙ୍କୁ ପ୍ରତିଦିନ କିଛିକିଛି ସମୟ ବୁଣାବୁଣି କରିବା ଲାଗି ପରାମର୍ଶ ଦିଆଗଲା । ଜଣାପଡ଼ିଲା ଯେ ପ୍ରାୟ ୭୪% ମହିଳା ନିୟମିତ ବୁଣାବୁଣି କରିବା ଦ୍ୱାରା ଚିନ୍ତା ଏବଂ ଅବସାଦ ପରି ସମସ୍ୟାରୁ ମୁକ୍ତ ହୋଇପାରିଲେ । ଫଳରେ ସେମାନଙ୍କର ମସ୍ତିଷ୍କ ସୁସ୍ଥ ରହିଲା ଏବଂ ସେମାନଙ୍କର ଇଟିଙ୍ଗ ଡିଜ୍‌ଅର୍ଡର ସମସ୍ୟାର ବି ସମାଧାନ ହୋଇଗଲା । ବ୍ରିଟେନ୍‌ର ‘ନିଟ୍ ଫର୍ ପିସ୍’ ନେଟୱର୍କରେ ୧୫ ହଜାରରୁ ଅଧିକ ଲୋକ ସାମିଲ ହୋଇଛନ୍ତି । ସେମାନେ ଅଭାବୀ ଲୋକଙ୍କ ପାଇଁ ପୋଷାକ ବୁଣି ସେମାନଙ୍କୁ ଯୋଗାଇଥା’ନ୍ତି । ବୁଣାବୁଣି କରିବା ଦ୍ୱାରା ଉଭୟ ଶରୀର ଏବଂ ମସ୍ତିଷ୍କ ସୁସ୍ଥ ରହିଥାଏ ବୋଲି ଏହି ସଂଗଠନରେ କାର୍ଯ୍ୟରତ ଲୋକମାନଙ୍କଠାରୁ ପ୍ରମାଣିତ ହୋଇଛି । ସେହିପରି ‘ବ୍ରିଟିଶ ଜର୍ଣ୍ଣାଲ ଅଫ୍ ଅକ୍ୟୁପେସନାଲ ଥେରାପି’ରେ ପ୍ରକାଶିତ ଏକ ରିପୋର୍ଟ ଯଥେଷ୍ଟ ସଂଖ୍ୟକ ଲୋକଙ୍କୁ ଅନୁଧ୍ୟାନ କରି ପ୍ରସ୍ତୁତ କରାଯାଇଥିଲା । ଏଥିରେ ଜଣାଯାଇଥିଲା ଯେ ବୁଣାବୁଣି ଅଭ୍ୟାସ କରୁଥିବା ୮୧% ଲୋକ ଅଧିକ ଖୁସି ରହିଥାନ୍ତି ।





**କିପରି ଉପକାରୀ:-**

ବୁଣାବୁଣିରେ ଯେଉଁମାନଙ୍କର ହାତ ଅଭ୍ୟସ୍ତ ହୋଇଥାଏ ସେମାନେ କଥାବାର୍ତ୍ତା କରିବା ମଧ୍ୟରେ ବି ବୁଣାବୁଣି କାମ ଆରାମରେ କରିପାରନ୍ତି । ତଥାପି ଏକ ସମୟରେ ମସ୍ତିଷ୍କ ଅବଚେତନ ଭାବେ ବୁଣିବା କାମ ଉପରେ କେନ୍ଦ୍ରୀଭୂତ ଥାଏ । ଅର୍ଥାତ୍, ବୁଣାବୁଣି କରୁଥିବା ସମୟରେ ମସ୍ତିଷ୍କର ଏକ ବଡ଼ ଭାଗ ବି କାର୍ଯ୍ୟରତ ଥାଏ । ଫଳରେ ଏହି ଭାଗରେ ରକ୍ତ ସଞ୍ଚାଳନ ବଢ଼େ ଏବଂ ସ୍ନାୟୁଗୁଡ଼ିକ ମଧ୍ୟରେ ସଂଯୋଗ ଦ୍ରୁତ ହୋଇଯାଏ ବୋଲି ବୈଜ୍ଞାନିକମାନେ ଜଣାଇଛନ୍ତି । ତେଣୁ ମସ୍ତିଷ୍କ ସୁସ୍ଥ ରହେ । ଏହ ବ୍ୟତୀତ ବୁଣିବା ସମୟରେ ବାରମ୍ବାର ଗୋଟିଏ କାର୍ଯ୍ୟ କରିବା ତଥା ଉଲ୍‌ର ନରମ ସୂତାକୁ ଛୁଇଁବା ଦ୍ୱାରା ମସ୍ତିଷ୍କରେ ଖୁସି ହରମୋନ୍ ସେରୋଟୋନିନ୍ କ୍ଷରଣ ହୁଏ । ଫଳରେ ମଣିଷର ମୁଡ୍ ଠିକ୍ ରହେ ଏବଂ ଏକାଧିକ ସ୍ୱାସ୍ଥ୍ୟ ଉପକାରିତା ମିଳେ । ହୃଦ୍‌ଯନ୍ତ୍ର ପାଇଁ ମଧ୍ୟ ବୁଣାବୁଣି ଖୁବ୍ ଉପକାରୀ । ହାଭାର୍ଡ ମେଡିକାଲ ସ୍କୁଲର ମାଇଣ୍ଡ୍ ଆଣ୍ଡ୍ ବଡି ଇନ୍‌ଷ୍ଟିଚ୍ୟୁଟରେ ୨୦୦୭ରେ କରାଯାଇଥିବା ଏକ ଗବେଷଣାରୁ ଜଣାଯାଇଥିଲା ଯେ ପ୍ରତିଦିନ ବୁଣାବୁଣି କରିବା ଦ୍ୱାରା ମଣିଷର ହୃତ୍‌ସ୍ପନ୍ଦନ ମିନିଟ୍‌କୁ ୧୧ଥର କମ୍ ହୋଇଯାଏ । ଫଳରେ ମାନସିକ ଶାନ୍ତି ମିଳେ ଏବଂ ମସ୍ତିଷ୍କ ଅଧିକ ଭଲଭାବେ କାମ କରିଥାଏ । ଏହା ବ୍ୟତୀତ ହୃତ୍‌ସ୍ପନ୍ଦନ ନିୟନ୍ତ୍ରଣରେ ରହିବାରୁ ହୃଦ୍‌ଯନ୍ତ୍ର ଅଧିକ ବୟସ ପର୍ଯ୍ୟନ୍ତ ସୁସ୍ଥ ରହିପାରେ । ତେଣୁ ଉଚ୍ଚ ରକ୍ତଚାପ ରୋଗୀଙ୍କ ଲାଗି ବୁଣାବୁଣି କରିବା ଏକ ଭଲ ବ୍ୟାୟାମ ବୋଲି କୁହାଯାଇପାରେ ।

# ମଙ୍କି ମ୍ୟାନ୍ ଜ୍ୟୋତି ରାଜ୍

ତାମିଲନାଡୁର ଏକ ଗରିବ ପରିବାରରେ ଜନ୍ମ ଜ୍ୟୋତି ଦଣ୍ଡ ଭୟରେ ୭ ବର୍ଷ ବୟସରେ ଘର ଛାଡ଼ି କର୍ଣ୍ଣାଟକ ପଳାଇ ଆସିଥିଲେ । ଦୀର୍ଘ ବର୍ଷ ଧରି ଯେଉଁ ଯେଉଁ ଘରେ ରହିଥିଲେ, ଗାଳିମାଡ଼, ଦୁର୍ବ୍ୟବହାରର ଶିକାର ହୋଇ ଆଲୋଡ଼ା ଜୀବନ ପାଲଟି ଯାଇଥିଲେ । ଥରେ ତାଙ୍କୁ ଜଣେ କେହି କହିଥିଲା, କାହିଁକି ବଞ୍ଚିଛୁ ? ମରିଯାଉନୁ କାହିଁକି ? ଏହି କଥା ତାଙ୍କୁ ଅତ୍ୟନ୍ତ କଷ୍ଟ ଦେଇଥିଲା । ଜଣେ ବ୍ୟକ୍ତିଙ୍କ ଘରେ କାମ କଲାବେଳେ ସେମାନେ ତାଙ୍କ ଉପରେ ଟଙ୍କା ଚୋରି ଅଭିଯୋଗ ଆଣିଥିଲେ, ଯାହା ତାଙ୍କୁ ସବୁଠାରୁ ଅଧିକ କଷ୍ଟ ଦେଇଥିଲା ଓ ସେ ଆତ୍ମହତ୍ୟା କରିବାକୁ ପାହାଡ଼ ଉପରକୁ ଚଢ଼ିଥିଲେ । କିନ୍ତୁ ଭାଗ୍ୟ ତାଙ୍କ ପାଇଁ ଅନ୍ୟ କିଛି ଲେଖିଥିଲା । ସେଠାରେ ପର୍ଯ୍ୟଟକମାନେ ତାଙ୍କୁ ତାଳି ମାରି ଅଭିନନ୍ଦନ ଜଣାଇବା ସହ ଜଣେ ଉତ୍କୃଷ୍ଟ ପାହାଡ଼ ଚଢ଼ାଳି ବୋଲି ଭାବିଥିଲେ । ସେମାନେ କେତେ ସ୍ନେହ ଓ ସମ୍ମାନର ସହ ଜ୍ୟୋତିଙ୍କ ସହ କଥା ହୋଇଥିଲେ । ସେତେବେଳେ ଜ୍ୟୋତି ଅନ୍ୟ ଲୋକଙ୍କ ମନରେ ସ୍ଥାନ ସୃଷ୍ଟି କରିବା କେତେ ସହଜ ଜାଣିପାରିଥିଲେ । ତେଣୁ ପାହାଡ଼ ଚଢ଼ିବା ଆରମ୍ଭ କଲେ । ମାଙ୍କଡ଼ମାନେ ତାଙ୍କର ବନ୍ଧୁ ଥିଲେ । ସେମାନଙ୍କଠାରୁ ଷ୍ଟଣ୍ଟ୍ ଶିଖୁଥିଲେ । ଧୀରେ ଧୀରେ ଲୋକେ ତାଙ୍କୁ ଜାଣିବାରେ ଲାଗିଲେ । ଲୋକେ ତାଙ୍କୁ ‘କୋଠି ରାଜୁ ବା ମଙ୍କି କିଙ୍ଗ୍’ ବୋଲି ଡାକୁଥିଲେ । କେହି କେହି ତାଙ୍କୁ ପୂର୍ବଜନ୍ମରେ ମାଙ୍କଡ଼ ଥିବା କହୁଥିଲେ । ଜ୍ୟୋତି କହନ୍ତି ମାଙ୍କଡ଼ ଭଳି ଚଢ଼ିବା ଏତେ ସହଜ ନୁହେଁ । ସେ ବହୁ ବାର ଆଘାତପ୍ରାପ୍ତ ହୋଇଛନ୍ତି । ଏପରିକି ଦୁଇ ଗୋଡ଼ ଓ ହାତ ଭାଙ୍ଗିଯାଇଛି । କିନ୍ତୁ ଲୋକଙ୍କ ପ୍ରଶଂସା ଓ ସ୍ନେହ ତାଙ୍କ ଭାରତର ପ୍ରସିଦ୍ଧ ମଙ୍କି କ୍ଲାଇମ୍ବର ବା ମଙ୍କି ମ୍ୟାନ୍‌ରେ ପରିଣତ କରିଛି । ଏବେ ତାଙ୍କୁ ଗାଁ ସାରା ଲୋକେ ପୁଅ ଭଳି ଭଲପାଉଥିବାରୁ ସେ ଅତ୍ୟନ୍ତ ଖୁସି ଅଛନ୍ତି ।



# କରୋନା ପାଇଁ ନିରାଡମ୍ବରରେ ପାଳିତ ହେଲା ରାକ୍ଷୀ ପୂର୍ଣ୍ଣିମା : ବିଲୁପ୍ତ ହେଲାଣି ଗହ୍ମାଡିଆଁ

କନ୍ଧମାଳ,୦୪।୮ (ନି.ପ୍ର): କରୋନା କଟକଣା ପାଇଁ ଜିଲ୍ଲା ପ୍ରଶାସନ ଗତ ୧୫ ଦିନ ହେଲାଣି ଫୁଲବାଣୀ ସହର ସମେତ ବାଲିଗୁଡା ଓ ଅନ୍ୟାନ୍ୟ ଅଂଚଳ ଗୁଡିକ କଣ୍ଟେନମେଣ୍ଟ ଘୋଷଣା କରିଥିବା ଫଳରେ ଦୋକାନ ବଜାର ବନ୍ଦ ରହିଥିଲା । ସେଥିପାଇଁ ବଜାରକୁ ରାକ୍ଷୀ ଆସିପାରିନାହିଁ ଏବଂ ବଜାର ବି ବନ୍ଦ ରହିଛି । ସେଥିପାଇଁ ଲୋକେ ରାଖି କିଣିପାରିନାହାନ୍ତି କିଏ କିଏ ଅନଲାଇନ୍ ଯୋଗେ ସଂଗ୍ରହ କରିଥିବା ବେଳେ ଆଉ କିଛି ସହରରେ ଥିବା ପୁରୁଣା ବ୍ୟବସାୟୀଙ୍କ ଘରକୁ ଯାଇ ଗତବର୍ଷର ବଳକା ବଳକି ରାକ୍ଷୀ କିଣି କାମ ଚଳାଇଥିଲେ । ଏଥିସହ ଦୋକାନ ବଜାର ବନ୍ଦ ଥିବାରୁ ମିଠା ମଧ କିଣିପାରିନଥିଲେ । ଅନଲାଇନ୍‌ରେ ସ୍ଥାନୀୟ ଲୋକେ ଅଧିକା ଦରରେ ମିଠା ମଗାଇ ଯେକୌଣସି ମତେ କାମ ଚଳାଇଥିଲେ । ଏପଟେ କଣ୍ଟେନମେଣ୍ଟ ଯୋଗୁଁ ଲୋକେ ମଧ ଗାଡିମଟର ଧରି ବାହାରକୁ ବାହାରି ପାରୁନାହାଁନ୍ତି । କଣ୍ଟେନମେଣ୍ଟ ଅଂଚଳକୁ ପ୍ରବେଶ ବାରଣ କରିଛି ପ୍ରଶାସନ । ଏପରିସ୍ଥଳେ ଭଉଣୀ ମାନେ ଭାଇପାଖକୁ ମଧ ସହର ଭିତରେ ରହି ମଧ ରାକ୍ଷୀ ବାନ୍ଧି ପାରିନଥିବା କହିଛନ୍ତି । ଅନ୍ତତଃ ପକ୍ଷେ ପ୍ରଶାସନ ରାକ୍ଷୀ ପାଇଁ ଆଜି କୋହଳ କରିବା କଥା । କିନ୍ତୁ କଲେନି ଏଣୁ, ରାକ୍ଷୀ ବାନ୍ଧିବା ସମ୍ଭବ ହୋଇନଥିବା ସହରର ନମିତା ନାୟକ, ସସ୍ମିତା ଦାସ ପ୍ରମୁଖ କହିଛନ୍ତି । କଣ୍ଟେନମେଣ୍ଟ ଯୋଗୁଁ ରାକ୍ଷୀ ବଜାର ଖୋଲିନଥିବା ବେଳେ ମିଠା ଦୋକାନ ମଧ ନଖୋଲିବା ଫଳରେ ବ୍ୟବସାୟୀ ନିରାଶ ହୋଇଥିଲେ । ସେହିପରି ଗହ୍ମା ଡିଆଁ ପରମ୍ପରା ମଧ ବନ୍ଦ ରହିଛି ଚଳିତବର୍ଷ । ସେହିପରି ବହୁତ ବର୍ଷ ହେଲାଣି ଜିଲାରେ ଗହ୍ମାଡିଆ ମଧ୍ୟ ହେଉନାହିଁ ପୂର୍ବରୁ ପିଲାମାନେ ସେମାନଙ୍କର ସାଙ୍ଗାସାଥି ମାନଙ୍କ ମେଳରେ ରାଖି ପୁର୍ଣ୍ଣିମା ଅବସରରେ ଗହ୍ମା ଡିଆଁ ମଧ୍ୟ ଖେଳୁଥିଲେ ତାହା ମଧ୍ୟ ଆଜି ବିଲୁପ୍ତ ପ୍ରାୟ ହେଲାଣି ଚଳିତ ବର୍ଷ କରୋନା ସଂକ୍ରମଣ ଯୋଗୁଁ କଟକଣା ରହିଛି । ହେଲେ ଏହା ପୁର୍ବରୁ ମଧ୍ୟ ଏହି ପର୍ବକୁ ଏତେ ଜାକଜମକରେ ପାଳନ କରାଯାଉନାହିଁ । କାରଣ ଚାଷରୁ ଅଧିକାଂଶ ଲୋକେ ବିମୁଖ ହେଲେଣି ଏହାର ପରିଣାମ ସ୍ୱରୁପ ଚାଷ ସର୍ମ୍ପକ ସମସ୍ତ ପୁଜାପାର୍ବଣରେ ମଧ୍ୟ ଏହାକୁ ଲୋକେ ଆଉ ପାଳନ କରୁନାହାନ୍ତି ।

## ଗୋରୁ ଓ ଛେଳି ଚୋରଙ୍କୁ ଗଛରେ ବାନ୍ଧି ନିସ୍ତୁକ ମାଡ

ଭଦ୍ରକ, ୪/୮ (ହି.ସ.)- ଗୋରୁ, ଛେଳି ଚୋରଙ୍କୁ ଧରିବା ପରେ ନିସ୍ତୁକ ମାଡ ମାରିବା ସହ ଗଛରେ ବାନ୍ଧିଲେ ଗ୍ରାମବାସୀ । ଏମିତି ଘଟଣା ଦେଖିବାକୁ ମିଳିଛି ଭଦ୍ରକ ବ୍ଲକ୍ ଦଇସିଂ ପଂଚାୟତରେ । ଆଜି ସକାଳେ ୪ ଜଣ ଚୋର ଚୋରିକରି ନେଇଯାଉଥିବା ସମୟରେ ସନ୍ଦେହ କରି ସ୍ଥାନୀୟ ଲୋକେ ସେମାନଙ୍କୁ ଧରି ପଚରାଉଚୁରା କରିଥିଲେ । ଚୋର ବାଲି ଜାଣିବା ପରେ ଭଲଭାବେ ଉତ୍ତମ ମଧ୍ୟମ ଦେବା ପରେ ରାସ୍ତାକଡ ଗଛରେ ବାନ୍ଧି ପକାଇ ପୁଲିସ୍‌କୁ ଖବର ଦେଇଥିଲେ । ଖବର ପାଇ ଗ୍ରାମାଞ୍ଚଳ ପୁଲିସ୍ ସେମାନଙ୍କୁ ଉଦ୍ଧାର କରି ଥାନାକୁ ଆଣିଛି ।

# ସ୍ୱାମୀ ଆରପାରିରେ ପୁଅ ନିଖୋଜ : ୭୦ ବର୍ଷର ରୋଗିଣା ବୁଢୀ ସମ୍ଭାଳି ପାରୁନି ଅସହାୟତାର ବୋଝ

ଭଦ୍ରକ, ୪/୮ (ହି.ସ.) - ୭୦ ବର୍ଷର ବିଧବା ବୁଢୀ ଆଖିକୁ ଦିଶୁନି । ଭରଷା କରିଥିବା ପୁଅ ନିଖୋଜ । ବାପ ଘରେ ବୋହୂ ଓ ନାତି ।ଏବେ ସଂପୂର୍ଣ୍ଣ ଅସହାୟ ସେ । କାଟୁଛି ଏକାଏକାର ନିସ୍ୱଃ ଜୀବନ । ସରପଞ୍ଚଙ୍କୁ କହି କହି ଥକିଗଲାଣି, ହେଲେ ସରପଞ୍ଚଙ୍କ ଆଡୁ କୌଣସି ସହାୟତା ନପାଇ ଭାଙ୍ଗିପଡିଛି ତିହିଡି ବ୍ଲକ୍‌ର ନୟାନନ୍ଦ ଗ୍ରାମ ପଂଚାୟତର ଶୁକମଣୀ ଓଝା । ଘଟଣାରୁ ପ୍ରକାଶ, ସ୍ୱର୍ଗତଃ ଭାଗୀରଥି ଓଝାଙ୍କର ପ୍ରଥମ ପତ୍ନୀ ହେଉଛନ୍ତି ଶୁକମଣି । ତାଙ୍କର ଗୋଟିଏ ବିବାହିତ ପୁଅ ଯାହାକୁ ସାହାର କରି ବୁଢି ଜୀବନ ବିତାଇଥାନ୍ତି । ସିଏ ୧୫୬ ବର୍ଷ ହେବ ନିଖୋଜ । ବୋହୂ ଓ ନାତି ତା ପରେ ପରେ ତା ବାପଘରେ । ସେଇଦିନୁ ଆରମ୍ଭ ହୋଇଯାଇଛି ବୁଢିର ନିସଙ୍ଗ ତଥା ଅସହାୟ ଜୀବନ । ଅନ୍ୟପକ୍ଷରେ ଭାଗୀରଥିଙ୍କର ଦ୍ୱିତୀୟ ପତ୍ନୀ ପିଲାଛୁଆ ନେଇ ତାଙ୍କ ନିଜ କଥା ନିଜେ ବୁଝୁଛନ୍ତି ଦାଣ୍ଡ ପାଖଘରେ ରହି । ଶୁକ ବୁଢି ବାଡି ପାଖରେ ଚାଳରେ ପଲିଥିନ୍ ଗୁଡା ଚାଳିଆ ଖଣ୍ଡିଏରେ ରହୁଛି । ରେସନ୍ କାର୍ଡ ଖଣ୍ଡିକରେ ୫ କିଲୋ ଚାଉଳ ଆଉ ବାର୍ଦ୍ଧକ୍ୟ ଭତ୍ତା ୫୦୦ ଟଙ୍କା । ଏତିକି ତାର ସମ୍ବଳ । ଏଣେ ଆଖିକୁ ଦିଶୁନି ଦେହ ଅଧେ ବେଳେ ବେମାର । ଔଷଧ କିଣିବାକୁ ବି ପଇସା ଅଣ୍ଟୁନି । ରହିବା ପାଇଁ ବାସ୍ ଖଣ୍ଡେ ନାହିଁ । ବଡ କଦର୍ଯ୍ୟ ଭାବରେ ଜୀବନ ବିତାଉଛନ୍ତି ଅସହାୟା ବିଧବା ବୁଢି ଜଣକ । ସରପଞ୍ଚ ତାଙ୍କୁ ସହାୟତାର ହାତ ବଢାଇ ଆବାସ ଯୋଜନାରେ ଅନ୍ତତଃ ପକ୍ଷେ ଘର ଖଣ୍ଡିଏ ଦେଲେ ନିରାପଦରେ ଜୀବନ ବିତାଇ ପାରନ୍ତା ନିରାଶ୍ରୟା ଶୁକମଣୀ ।

# କେନ୍ଦ୍ର ଗୃହମନ୍ତ୍ରୀଙ୍କ ଆଶୁ ଆରୋଗ୍ୟ କାମନା କରି ଦ୍ୱିତୀୟ ଶ୍ରୀକ୍ଷେତ୍ରରେ ଦୀପଦାନ କଲା ବିଜେପି

ବାରିପଦା, ୦୪।୮(ନି.ପ୍ର): କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହା କରୋନା ପଜିଟିଭ ଚିହ୍ନଟ ହେବା ପରେ ଚିକିତ୍ସା ନିମନ୍ତେ ମେଡ଼ିକାଲରେ ଭର୍ତ୍ତି ହେବା ପରେ ମୟୂରଭଞ୍ଜ ଜିଲ୍ଲା ବିଜେପି ପକ୍ଷରୁ ତାଙ୍କର ଆଶୁ ଆରୋଗ୍ୟ କାମନା କରି ଆଜି ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାଠାରେ ଶ୍ରୀଶ୍ରୀହରି ବଳଦେବ ଜୀଉ ବିଜେ ମହାପ୍ରଭୁଙ୍କ ନିକଟରେ ଦୀପଦାନ ପୂର୍ବକ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା ଜଣାଇଥିଲେ । ଏହି ସମୟରେ କରୋନା କଟକଣାକୁ ପାଳନ କରାଯାଇଥିଲା ଉକ୍ତ ପ୍ରାର୍ଥନା କାର୍ଯ୍ୟକ୍ରମରେ ମୟୂରଭଞ୍ଜ ପୂର୍ବ ଜିଲ୍ଲା ସଙ୍ଗଠନର ସଭାପତି ତଥା ପୂର୍ବତନ ବିଧାୟକ କାନ୍ଦ୍ରା ସୋରେନ, ପଶ୍ଚିମ ଜିଲ୍ଲା ସଭାପତି ତଥା ରାଇରଙ୍ଗପୁର ବିଧାୟକ ନଚରଣ ମାଝି, ସାଂସଦ ଇଂ ବିଶ୍ୱେଶର ଟୁଡୁ, ପୂର୍ବତନ ଜିଲ୍ଲା ସଭାପତି ଡ଼ା କୃଷ୍ଣଚନ୍ଦ୍ର ମହାପାତ୍ର, ଜିଲ୍ଲାପରିଷଦ ସଭାପତି ସୁଜାତା ମୁର୍ମୁ, ଉଦଳା ବିଧାୟକ ଭାସ୍କର ମଡ୍ରେଇ, ବାରିପଦା ବିଧାୟକ ପ୍ରକାଶ ସୋରେନ, ସାରସକଣା ବିଧାୟକ ଡ଼ା ବୁଢ଼ାନ ମୁର୍ମୁ, ବଡ଼ସାହି ବିଧାୟକ ସନତନ ବିଜୁଳି, ଯଶୀପୁର ବିଧାୟକ ଗଣେଶ ରାମସିଂ ଖୁଣ୍ଟିଆ, ରାଜ୍ୟ ସମ୍ପାଦକ ନବୀନ ରାମ, ସଞ୍ଜୀବ ମହାନ୍ତି, ନିହାର ମୋଦୀ ପ୍ରମୁଖ ଯୋଗ ଦେଇଥିଲେ ।

# ଏସପିଏମଆରଏମ ଯୋଜନାରେ ଆସିଥିବା

## ହଳଦୀ ଓ କୃଷି ଉଦ୍ୟୋଗ କ୍ଲଷ୍ଟରର ଅର୍ଥ ଅନୁଦାନ ଖର୍ଚ୍ଚ ହୋଇପାରୁନି

କନ୍ଧମାଳ,୦୪।୮ (ନି.ପ୍ର): କେନ୍ଦ୍ର ସରକାର ଅତି ଦୁର୍ଗମ ଓ ପାହାଡିଆ ଅନୁନ୍ନତ ଅଂଚଳ ଗୁଡିକର ସାମୁହୀକ ବିକାଶ କରିବା ଲାଗି ଗତ ୨୦୧୫ ମସିହାରେ ଶ୍ୟାମା ପ୍ରସାଦ ମୁଖାର୍ଜୀ ରୁରବାନ୍ ମିଶନ(ଏସପିଏମଆରଏମ) ଯୋଜନା କାର୍ଯ୍ୟକାରୀ କରୁଛନ୍ତି । ଓ ଏହି ଯୋଜନା ସାରା ଭାରତବର୍ଷରେ ୩ଶହ କ୍ଲଷ୍ଟର କରି ଅନୁଦାନ ପ୍ରଦାନ କରୁଛନ୍ତି କେନ୍ଦ୍ର ସରକାର । ଓଡିଶାର କନ୍ଧମାଳ ଜିଲ୍ଲାର କୋଟଗଡ ବ୍ଲକକୁ ଏହି ଯୋଜନାରେ ସାମିଲ କରାଯାଇ ଅର୍ଥ ଅନୁଦାନ ପ୍ରଦାନ କରାଯାଉଛି । କୋଟଗଡ ବ୍ଲକର ଦୁର୍ଗମ ମାଓ ଅଧ୍ୟୁଷିତ ଜୁଡାବାଲି, ଧରାକୋଟ, ଦୁର୍ଗାପାଙ୍ଗା ଓ କୋଟଗଡ ପଂଚାୟତକୁ ନେଇ କ୍ଲଷ୍ଟର ଗଠନ କରାଯାଇଛି । ଏହି କ୍ଲଷ୍ଟର ନାଁ ହଳଦୀ ଓ କୃଷି ଉଦ୍ୟୋଗ କ୍ଲଷ୍ଟର ଭାବରେ ନାମିତ କରାଯାଇଛି । ଏହି ଯୋଜନାରେ ଏସବୁ ଗ୍ରାମ ପଂଚାୟତରେ ଶିକ୍ଷା, ଗାଁକୁ ସ୍ଥାୟୀ ରାସ୍ତା, ଡ୍ରେନ, ଗାଁକୁ ଗାଁ ସଂଯୋଗୀକରଣ, ସୋଲାର ସିଷ୍ଟମରେ ପାନୀୟଜଳ ଯୋଗାଣ ପ୍ରକଳ୍ପ ପ୍ରତିଷ୍ଠା, କୃଷିର ବିକାଶ ପାଇଁ ଉଠାଜଳସେଚନ ପ୍ରକଳ୍ପ ନିର୍ମାଣ କରାଯାଉଛି । ତେବେ, କେନ୍ଦ୍ର ସରକାର ବର୍ତ୍ତମାନ ସୁଦ୍ଧା ଏହିସବୁ କାର୍ଯ୍ୟ ପାଇଁ ୪ କୋଟି ୫୧ ଲକ୍ଷ ଟଙ୍କା ଅନୁଦାନ ଯୋଗାଇ ଦେଇଥିଲେ ମଧ ଏଯାଏଁ ୨ କୋଟି ୮୯ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିବା ବେଳେ ୧ କୋଟି ୬୨ ଲକ୍ଷ ଟଙ୍କା ଅନୁଦାନ ଖର୍ଚ୍ଚ ନହୋଇ ପଡିରହିଛି । ବର୍ତ୍ତମାନ ସଂପୃକ୍ତ ଅଂଚଳ ଗୁଡିକରେ ସୋଲାର ସିଷ୍ଟମରେ ଷ୍ଟ୍ରିଟ୍ ଲାଇଟ୍, ଇକୋ ଟୁରିଜିମ୍, ତୁଳା, ହଳଦୀ ଓ ପଲସେସ ର ପ୍ରକ୍ରିୟାକରଣ ପ୍ଲାଂଟ, ଦକ୍ଷତା ଶିବୀର ଆଦି କାର୍ଯ୍ୟକ୍ରମ କରିବାଲାଗି ଉଦ୍ୟମ କରାଯାଉଥିବା ଜଣାପଡିଛି । ଅଂଚଳରେ ବେକାରୀ ସମସ୍ୟାର ମଧ ଦୂରୀକରଣ କରିବାଲାଗି ଲକ୍ଷ୍ୟ ରଖାଯାଇଥିବା ଜଣାପଡିଛି । ତେବେ, ଏସବୁ କାର୍ଯ୍ୟରେ ଯେପରି ଦୁର୍ନିତୀ, ଅନିୟମିତତା, ଅର୍ଥ ହେରଫେର ନହେବ ସେଥିପ୍ରତି ଜିଲ୍ଲା ପ୍ରଶାସନ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ନିୟମିତ ମନିଟରିଂ କରିବା ସହ ସତର୍କ ଦୃଷ୍ଟି ରଖିଥିବା କହିଛନ୍ତି । କ୍ଲଷ୍ଟର ଅଂଚଳର ଗରୀବ ଲୋକମାନଙ୍କ ଜୀବନ ଧାରଣର ମାନରେ ନିଶ୍ଚିତ ଭାବେ ପରିବର୍ତ୍ତନ ଆସିବ ବୋଲି ପ୍ରଶାସନ କହିଛି । ତେବେ, କେନ୍ଦ୍ର ସରକାରଙ୍କ ଅର୍ଥ ଅନୁଦାନର ସଠିକ୍ ବିନିଯୋଗ ହେବା ଜରୁରୀ ବୋଲି ସାଧାରଣରେ ମତପ୍ରକାଶ ପାଉଛି ।

# ପ୍ରତିକାରାତ୍ମକ ଶିକ୍ଷା ପଦ୍ଧତି ଆରମ୍ଭ ପାଇଁ ମହିଳା ଜୀବିକା ସୁରକ୍ଷା ମଂଚ କନ୍ଧମାଳର ଦାବୀ

କନ୍ଧମାଳ,୦୪।୮ (ନି.ପ୍ର): ଓଡ଼ିଶା ଶ୍ରମଜୀବି ମଂଚ ଏବଂ ମହିଳା ଶ୍ରମଜିବୀ ମଂଚର ଆହ୍ୱାନ କ୍ରମେ ଏହାର ସଦସ୍ୟାମାନେ ସଂଗଠିତ ହୋଇ ମହିଳା ଜୀବିକା ସୁରକ୍ଷା ମଂଚ, ଫୁଲବାଣୀ ବ୍ଲକ ଶାଖା ପକ୍ଷରୁ ଆସାନ୍ତା ୧୫ ତାରିଖ ସୁଦ୍ଧା ପ୍ରତିକାର ମୁଳକ ଶିକ୍ଷା ପ୍ରଦାନ ଏବଂ ଭିତିଭୁମିର ବିକାଶ କରାଯିବା ଦାବୀରେ ଜନସାଧାରଣଙ୍କ ଠାରୁ ଦସ୍ତଖତ ସଂଗ୍ରହ ଅଭିଯାନ ଆରମ୍ଭ କରାଯାଇଛି । ବର୍ତ୍ତମାନ କୋଭିଡ଼-୧୯ଜଟିଳ ପରିସ୍ଥିତି ଯୋଗୁଁ ଅନ୍ୟାନ୍ୟ କ୍ଷେତ୍ର ସମେତ ଶିକ୍ଷା କ୍ଷେତ୍ରରେ ମଧ୍ୟ ଅନେକ ସମସ୍ୟା ଦେଖାଦେଇଛି । ଯାହାକି ପିଲାଙ୍କ ପାଠ ପଢ଼ାରୁ ଆରମ୍ଭ କରି ଜୀବିକା ଅର୍ଜନ ଇତ୍ୟାଦିରେ ଲୋକଙ୍କୁ ଅନେକ ସମସ୍ୟା ଦେଇ ଗତି କରିବାକୁ ପଡୁଛି । ତେଣୁ ଏହି ସଂଗଠନ ଗ୍ରାମାଂଚଳରେ ଅନେକ ସଚେତନ ମୂଳକ କାର୍ଯ୍ୟକ୍ରମମାନ ଜାରି ରଖିଛି । ବର୍ତ୍ତମାନ ଆମ ସଂଗଠନ ଜାତୀୟ ସ୍ତରରେ ଜୁଲାଇ ୬ତାରିଖରୁ ଅଗଷ୍ଟ୧୫ ତାରିଖ ପର୍ଯ୍ୟନ୍ତ "ହମାରା ମାଙ୍ଗ୍ ଆଛା ସ୍କୁଲ ସୁଧାରତ୍ମକ ଶିକ୍ଷା "ନାମକ ଏକ ଅଭିଯାନ ଜାରି ରହିଛି । ଏହାଦ୍ୱାରା ସମ୍ପୁର୍ଣ୍ଣ ଫୁଲବଣୀ ବ୍ଲକ ସଂଗଠନରୁ ପ୍ରତ୍ୟେକ ଗ୍ରାମରେ ଫୋନ ଜରିଆରେ ସ୍ଲୋଗାନ କାନ୍ଥ ଲେଖା ଏବଂ ଦୁରତା ବ୍ୟବଧାନରେ ମାସ୍କ ପିନ୍ଧି ପ୍ରତିଦିନ ୨ଘଣ୍ଟା ସକାଳ ଓ ସନ୍ଧ୍ୟା ଛାତ୍ର ଛାତ୍ରୀଙ୍କୁ ଫଳପ୍ରଦ ପ୍ରତିକାରାତ୍ମକ ଶିକ୍ଷା ପାଠ ପଢ଼ାଇବାର ନିଷ୍ପତି ନେଇ କାର୍ଯ୍ୟ କରି ଆସୁଛୁ ।ପ୍ରତି ପିଲାଙ୍କ ଅଭିଭାବକଙ୍କ ଠାରୁ ସ୍କୁଲର ଭିତିଭୁମି ଓ ଶିକ୍ଷା ସମ୍ବନ୍ଧୀୟ ମତଦାନ ମଧ କେନ୍ଦ୍ର ସରକାରଙ୍କ ଶିକ୍ଷା ବିଭାଗକୁ ସ୍ତରକୁ ଟୁଇଟ ଜରିଆରେ ସୁଚନା ପ୍ରଦାନ କରାଯାଉଛି ।ଏହା ସହିତ ଏହି ଶିକ୍ଷାକୁ ତ୍ୱରାନିତ କରିବାପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳଙ୍କୁ ଦାବୀ ପତ୍ର ମଧ୍ୟ ଦିଆଯାଇଛି ।ଏହା ମହିଳା ଜୀବିକା ସୁରକ୍ଷା ମଂଚ ପକ୍ଷରୁ ଅଭିଭାବକ ଓ ପିଲାମାନଙ୍କ ନିମନ୍ତେ ସରକାରଙ୍କ ଦ୍ୱାରା କରାଯାଇଥିବା କାର୍ଯ୍ୟକୁ ଯଥା ଶିଘ୍ର କରିବା ପାଇଁ ଦାବୀ କରାଯାଉଛି୧। ମହିଳା ଜୀବିକା ସୁରକ୍ଷା ମଂଚର ସଭାନେତ୍ରୀ ସୁମତୀ ମୁଖୀ, ଫୁଲବାଣୀ ବ୍ଲକ ସଂଯୋଜିକା ସି.ଏଚ ଭାରତୀ ରାଓ ଓ ଜନସାଥି କଲ୍ୟାଣୀ ପ୍ରଧାନ, ବନୀତା ଦିଗାଲ, ତେଜସ୍ୱିନୀ ଦେହୁରୀ ପ୍ରମୁଖ ଉକ୍ତ ଦାବୀ ପତ୍ରକୁ ଉପସ୍ଥାପନା କରିଛନ୍ତି ।

# ଶ୍ରାବଣ ସରିଲା, ବିଲ ସୁଖି ଆଁ, ବର୍ଷାକୁ ଚାହିଁଛି ଚାଷୀ

## କୃଷି ବୀମାରେ ପ୍ରିମିୟମ ଦେଇଥିବା ଚାଷି ପାଇବେ କ୍ଷତି ପୁରଣ ଗରିବା ଚାଷିଙ୍କ ଚିନ୍ତା

କନ୍ଧମାଳ,୦୪।୮ (ନି.ପ୍ର): ଆଷାଢ ଗଲା ଶ୍ରାବଣ ବି ଗଲା ହେଲେ ବର୍ଷାର ଦେଖାନାହିଁ । ବର୍ଷକୁ କାତର ଭାବରେ ଚାହିଁ ବସିଛି କନ୍ଧମାଳ ଚାଷୀ । ଏପଟେ ଜଳସେଚନର ମଧ ସେଭଳି ବ୍ୟବସ୍ଥା ବି ନାହିଁ । ଜିଲ୍ଲାରେ ମୋଟ ଚାଷଜମିର ମାତ୍ର ୨୨ ପ୍ରତିଶତ ଜମିକୁ ଜଳସେଚନର ବ୍ୟବସ୍ଥା ରହିଥିବା ସରକାରୀ ସୂତ୍ରରୁ ଜଣାପଡିଛି । ବର୍ତ୍ତମାନ ସୁଦ୍ଧା ଭଲ ବର୍ଷା ହୋଇନଥିବାରୁ ଚାଷୀ ଜମିରେ ତଳି ରୋଇପାରିନି କିଛି ଯାଗାରେ ତଳିର ପଟାଳି ମଧ୍ୟ ସୁଖିଗଲାଣି ଆମ କିଛି ଦିନ ବର୍ଷା ନହେଲେ ଯେନତେନ ପ୍ରକାକରେ ପକାଯାଇଥିବା ତଳି ସବୁ ମଧ୍ୟ ନଷ୍ଟ ହୋଇଯିବ । ଫୁଲବାଣୀ ସମେତ ଖଜୁରୀପଡା, କୋଟଗଡ, କ.ନୂଆଗାଁ, ବାଲିଗୁଡା, ତୁମୁଡିବନ୍ଧ ଆଦି ବ୍ଲକର କେତେକ ଅଂଚଳରେ ଚାଷଜମି ଶୁଖିଲା ପଡିଛି ଫାଟି ଆଁ କଲାଣି । ଜିଲ୍ଲାରେ ମୋଟ ୧ ଲକ୍ଷ ୨୭ ହଜାର ହେକ୍ଟର ଚାଷଜମି ରହିଛି । ସେଥିମଧରୁ ୫୦ ହଜାର ହେକ୍ଟର ଚାଷଜମିରେ ଧାନଚାଷ ହେଉଛି । ଖଜୁରୀପଡା ବ୍ଲକର ଲମ୍ବାଗୁଡ୍ରି, ସୁଡୁକୁମ୍ପା, ବାରିକୁମ୍ପା, ଟିଟ୍ରାପଙ୍ଗା, ଆଡାସିପଡା, ବାରିକୁମ୍ପା ସମେତ ଜିଲାର ବାଲିଗୁଡା ବ୍ଲକର ଖମନଖୋଲ, ପରୁଭଟା, ଗଡାମାସ୍କା ଭଳି କେତେକ ଗ୍ରାମରେ ତଳି ମଧ ନଷ୍ଟ ହେବାକୁ ବସିଛି । ଆଗକୁ ବର୍ଷା ନହେଲେ ପକାଯାଇଥିବା ତଳି ଗୁଡିକ ନଷ୍ଟ ହେବାର ସମ୍ଭାବନା ରହିଛି ବୋଲି ଚାଷୀ ମାନେ କହିଛନ୍ତି । ଏହି ପରିସ୍ଥିତିରେ ଜିଲା କୃଷି ବିଭାଗ ତରଫରୁ କେନ୍ଦ୍ର ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଜାତୀୟ କୃଷି ବୀମା ଯୋଜନା ଅନ୍ତର୍ଗତ ଚାଷି ମାନଙ୍କୁ ଫସଲ ହାନୀ ହେଲେ ସେମାନେ ଏହାର କ୍ଷତି ପୁଣ ପାଇବେ ବୋଲି ଜିଲା ସାରା ଏକ ସଚେତନତା ରଥ ମାଧ୍ୟମରେ ଲୋକଙ୍କୁ । ସଚେତନତା କରାଯାଉଛି । ତେବେ ଏହି ଯୋଜନାରେ କେବଳ ବୀମା ପ୍ରିମିୟମ ଦେଇ କୃଷି ବୀମା କରାଇଥିବା ଚାଷି ମାନେ ହିଁ ସେମାନଙ୍କର ହୋଇଥିବା କ୍ଷତି ମୁତାବକ ବୀମା କମ୍ପାନୀ ଠାରୁ କ୍ଷତି ପୁରଣ ପାଇବେ । ରେବେ ଗରିବା ଚାଷି ମାନେ ସେମାନଙ୍କର କ୍ଷୟକ୍ଷତିର ଭରଣା କେଉଁଠାରୁ କରିବେ ବୋଲି ମଧ୍ୟ ଚାଷିମାନେ ପ୍ରଶ୍ନ କରିଛନ୍ତି ।

# ଖରସ୍ରୋତା ନଦୀରେ କୁମ୍ଭୀରକୁ ନେଇ ନଦୀ କୂଳିଆ ଲୋକେ ଆତଙ୍କିତ

ଧର୍ମଶାଳା,୦୪।୮ (ନି.ପ୍ର): ଖରସ୍ରୋତା ନଦୀରେ କୁମ୍ଭୀରକୁ ନେଇ ନଦୀ କୂଳିଆ ଲୋକେ ଭୟଭିତ ହୋଇଥିବା ଜଣାପଡିଛି । ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ଯାଜପୁର ଜିଲା ବରୀ ବ୍ଲକ ଭଅଁରା ପଂଚାୟତ ଖରସ୍ରୋତା ନଦୀ ରାଇପୁର ଛନ୍ଦାରେ ଆଜି ସକାଳେ ଏକ କୁମ୍ଭୀର ନଦୀ କୂଳପଠାରେ ଏକ କୁକୁଡା ଖାଉଥିବା ନେଇ ସ୍ଥାନୀୟ ଲୋକେ ଦେଖିଥିଏହି ଖବର ପ୍ରଘଟ ହେବା ପରେ ସ୍ଥାନୀୟ ଅଂଚଳରେ ଆଜି ଚର୍ଚ୍ଚାର ବିଷୟ ପାଲଟିଛି । ଫଳରେ ନଦୀକୁ ଗୋଧୋଇବାକୁ ଆସୁଥିବା ସ୍ଥାନୀୟ ଲୋକେ ଭୟଭିତ ହୋଇପଡିଛନ୍ତି । ଖବର ପାଇ ବିଂଝାପୁର ଓ ବରୀ ବନପାଳ ଅନୁପମା ସାହୁ ସଦଳବଳେ ଘଟଣାସ୍ଥଳରେ ପଂହଚି ଘଟଣା ଉପରେ ନଜର ରଖିବା ସହ ଘଟଣାର ତଦନ୍ତ କରି ଫେରିଯାଇଲେ । ହେଲେ କୁମ୍ଭୀରକୁ ଠାବ କରିପାରି ନ ଥିଲେ । ଏବଂ ନଦୀ କୂଳକୁ କେହି ନ ଆସିବା ପାଇଁ ସ୍ଥାନୀୟ ଲୋକଙ୍କୁ ପରାମର୍ଶ ଦେଇଥିଲେ । ଗାଇଗୋରୁ ଛେଳି ଓ ମେଣ୍ଢାକୁ ନ ଛାଡିବାକୁ ମଧ୍ୟ ବନ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇ । ଯାହାକୁ ନେଇ ସ୍ଥାନୀୟ ଅଂଚଳରେ ଭୟର ବାତାରଣ ସୃଷ୍ଟି ହୋଇଛି ।

# ପଶୁ ଡାକ୍ତରଖାନାରେ ଡାକ୍ତର ନାହାଁନ୍ତି, ଡାକ୍ତରଖାନାରେ ତାଲା ଝୁଲୁଛି

କନ୍ଧମାଳ,୦୪।୮ (ନି.ପ୍ର): ସରକାର ପ୍ରାଣୀ ମାନଙ୍କ ଚିକିତ୍ସା କରିବା ପାଇଁ ପଶୁ ଡାକ୍ତରଖାନା ମାନ ଖୋଲିଛନ୍ତି । ହେଲେ ଡାକ୍ତର ନଥିବା ଯୋଗୁଁ ଜିଲ୍ଲାର ଅନେକ ପ୍ରାଣୀ ଚିକିତ୍ସାଳୟ ଗୁଡିକରେ କେଉଁଠି ତାଲା ଝୁଲୁଛି ତ ଆଉ କେଉଁଠି ପିଅନ ଦ୍ୱାରା ଚାଲିଛି ଯେଣତେଣ ପ୍ରକାରେ ଚିକିତ୍ସା । ଏମିତି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି କନ୍ଧମାଳ ଜିଲ୍ଲା କ.ନୂଆଗାଁ ବ୍ଲକର ସାରଙ୍ଗଡ ଠାରେ ଥିବା ପଶୁ ଚିକିତ୍ସାଳୟରେ । ଦୀର୍ଘଦିନ ହେଲାଣି ଏଠାରେ ପଶୁ ଡାକ୍ତର କିମ୍ବା ଏଲ.ଆଇ କିଏ ବି ନାହାଁନ୍ତି । ପିଅନ ଜଣେ ଅଛନ୍ତି ସେ ଡାକ୍ତରଖାନା ଖୋଲୁଛନ୍ତି ଆଉ ସମୟ ସମୟରେ ପ୍ରାଣୀମାନଙ୍କ ଚିକିତ୍ସା ବି କରୁଛନ୍ତି କୁଆଡେ । ପ୍ରାଣୀମାନଙ୍କ ଲାଗି ଆସୁଥିବା ଔଷଧପତ୍ର ମଧ ଦିଆଯାଉନି ଏଠାରେ । ଡାକ୍ତରଖାନା କେବେ ଖୋଲୁଛି ତ କେବେ ନାହିଁ । ମାସ ମାସ ଧରି ଡାକ୍ତରଙ୍କ ଦେଖା ମିଳୁନି ଏଠି । ପିଅନକୁ ପଚାରିଲେ କହୁଛି ଡାକ୍ତର ଦିନେ ଦିନେ ଆସନ୍ତି । ଫଳରେ ଗାଇ, ଗୋରୁ, ଛେଳୀ, ମେଣ୍ଢା, କୁକୁଡା ଆଦି ରୋଗ ହେଲେ ଚିକିତ୍ସା ଅଭାବରୁ ମରୁଛନ୍ତି । ଗାଇଗୋରୁ ମାଲିକ ମାନେ ମଧ ଗାଇ ରଖିବା ଲାଗି ଭୟ କରୁଛନ୍ତି । ଗୋରୁଗାଇ ମାନେ ଫାଟୁଆ ରୋଗରେ ମଧ ମୃତ୍ୟୁବରଣ କରୁଛନ୍ତି । ବ୍ୟାଙ୍କରୁ ଋଣ ଆଣି ଗୋପାଳନ କରୁଥିବା ଗୋରୁ ମାଲିକ ଏବେ ଚିନ୍ତାରେ । ଗାଇ ଗୋରୁ ରୋଗରେ ମରୁଛନ୍ତି ବ୍ୟାଙ୍କ ଋଣ ଶୁଝିବେ କେମିତି ? ଏଠାରେ ଏକ ସ୍ଥାୟୀ ପଶୁ ଡାକ୍ତର ନିଯୁକ୍ତି ପାଇଁ ସାଧାରଣରେ ଦାବୀ ହେଉଛି । ଏନେଇ ଜିଲ୍ଲା ପ୍ରାଣୀ ଚିକିତ୍ସାଧିକାରୀଙ୍କୁ ପଚାରିଲେ, ଜିଲ୍ଲାରେ ଅନେକ ପଶୁ ଡାକ୍ତର ଓ ଏଲ.ଆଇ ପଦବୀ ଖାଲିପଡିଛି । ଫଳରେ ଗ୍ରାମାଂଚଳରେ ଥିବା ପ୍ରାଣୀ ଚିକିତ୍ସାଳୟରେ ଡାକ୍ତର ନିଯୁକ୍ତି ହୋଇପାରୁନାହିଁ । ଡାକ୍ତର ପଦବୀ ପୂରଣ ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଚିଠି ଲେଖାଯାଇଥିବା କଥା କହୁଛନ୍ତି । ସରକାର ତୁରନ୍ତ ଖାଲି ପଡିଥିବା ପଶୁ ଡାକ୍ତର ପଦବୀ ପୂରଣ କରିବାକୁ ଦାବୀ ହେଉଛି ।

# ନିଲମ୍ବିତ ପୂର୍ବତନ ତହସିଲଦାରଙ୍କ ଅଡୁଆ ବଢ଼ିଲା : ତଦନ୍ତ ପାଇଁ ମୟୂରଭଞ୍ଜରେ କ୍ରାଇମବ୍ରାଞ୍ଚ ଟିମ

ବାରିପଦା,୦୪।୮ (ନି.ପ୍ର): ବେତନଟୀ ତହସିଲର ପୂର୍ବତନ ତହସିଲଦାର ଅନିଶା ଦାସଙ୍କ ସହିତ ଲଘୁ ଖଣିଜ ସମ୍ପଦ ଚୋରା ବ୍ୟବସାୟ ଚଳାଇଥିବା ମାଫିଆମାନଙ୍କ ସହିତ ଲିଙ୍କ ଅଭିଯୋଗ ଉପରେ ତଦନ୍ତ କରିବା ନିମନ୍ତେ ଆଜି କ୍ରାଇମବ୍ରାଂଚ ଡ଼ିଏସପି ବିକାଶ ବେହୁରାଙ୍କ ନେତୃତ୍ୱରେ ଏକ ଚାରିଜଣିଆ ଟିମ୍ ଆସି ମୟୂରଭଞ୍ଜ ଜିଲ୍ଲାର ସଦର ମହକୁମା ବାରିପଦା ସହରରେ ପହଂଚି ମୟୂରଭଞ୍ଜ ଆରକ୍ଷୀ ଅଧିକ୍ଷକ ସ୍ମିଥ ପି ପରମାରଙ୍କ ସହିତ ଆଲୋଚନା କରିଥିଲେ । ଆସନ୍ତାକାଲି ବେତନଟୀ ଓ ବୈଶିଙ୍ଗା ଯାଇ ଦୁଇ ଥାନା ଅଧିକାରୀଙ୍କ ସହିତ ଆଲୋଚନା କରିବା ସହ କେଶ ରେକର୍ଡ଼ପତ୍ରକୁ ଅନୁଧାନ କରିବେ । ସୂଚନା ଯୋଗ୍ୟ ଯେ, ଲଘୁ ଖଣିଜ ସମ୍ପଦ ଚୋରା ବ୍ୟବସାୟ ଚଳାଇଥିବା ମାଫିଆମାନଙ୍କ ସହିତ ବେତନଟୀ ପୂର୍ବତନ ତହସିଲଦାର ଅନିଶା ଦାସଙ୍କ ସମ୍ପୃକ୍ତି ଅଭିଯୋଗକୁ ରାଜ୍ୟ ସରକାର ଅତି ଗମ୍ଭୀରତାର ସହ ବିଚାରକୁ ନେଇଛି । ମାଫିଆମାନଙ୍କ ସହ ପୂର୍ବତନ ତହସିଲଦାରଙ୍କ ସମସ୍ତ କଥୋପକଥନର ଅଡ଼ିଓ ରେକଡ଼ିଂ ଭାଇରାଲ ହୋଇ ବଜାରରେ ଘୁରିବୁଲୁଥିଲା । ଏଥି ସହିତ ବୈଶିଙ୍ଗା ଥାନାରେ ଉଭୟ ପକ୍ଷରୁ ମାମଲା ରୁଜୁ ହେବା ପରେ ସରକାର ବେତନଟୀ ତହସିଲାରଙ୍କୁ କଳାହାଣ୍ଡି ଡେପୁଟୀ କଲେକ୍ଟର ଭାବେ ବଦଳି କରାଇଥିଲେ । ଉକ୍ତ ଘଟଣାରେ ପୂର୍ବତନ ତହସିଲଦାର ଅନିଶା ଦାସ ଓ ମୋରଡ଼ା ବିଧାୟକଙ୍କ ସମ୍ପୃକ୍ତି ରହିଥିବାର ବିଜେପି ପକ୍ଷରୁ ଅଭିଯୋଗ କରାଯିବା ସହ ଅନିଶା ଦାସଙ୍କୁ ଚାକିରୀରୁ ବରଖାସ୍ତ ଓ ଗିରଫ, ମୋରଡ଼ା ବିଧାୟକ ରାଜକିଶୋର ଦାସଙ୍କୁ ଗିରଫ ଏବଂ ମାମଲାକୁ କ୍ରାଇମବ୍ରାଂଚକୁ ହସ୍ତାନ୍ତର କରାଯିବା ନିମନ୍ତେ ବିଜେପି ଦାବି କରି ୩ ଜଣ ବିଧାୟକ ସହ ମୟୂରଭଞ୍ଜ ଲୋକସଭା ସାଂସଦ ଧାରଣାରେ ବସିଥିଲେ ।

# ଜିଲ୍ଲାପାଳଙ୍କ ଶ୍ରୀ ଜଗନ୍ନାଥ ଷ୍ଟାଡିୟମ ଓ ଜିଲ୍ଲା ସ୍ପୋର୍ଟସ କମ୍ପ୍ଲେକ୍ସ ନିର୍ମାଣ କାର୍ଯ୍ୟ ର ସମୀକ୍ଷା

ପୁରୀ,୦୪।୮ (ନି.ପ୍ର): ଜିଲ୍ଲାପାଳ ଶ୍ରୀ ବଲୱନ୍ତ ସିଂ ପେଣ୍ଠକଟା ସ୍ଥିତ ଜଗନ୍ନାଥ ଷ୍ଟାଡିୟମ ନିର୍ମାଣ ସ୍ଥାନ ବୁଲି ଦେଖିବା ସହ କାର୍ଯ୍ୟ ର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଛନ୍ତି ।ପ୍ରାୟ ୧୪ ଏକର ପରିମୀତ ଅଂଚଳରେ ଏହି ଷ୍ଟାଡିୟମ ନିର୍ମାଣ ହେବ ।ୱାପକସ୍ ଓଂସ୍ଥା ପକ୍ଷରୁ ନିର୍ମାଣ କାର୍ଯ୍ୟ ଜାରି ରହିଛି । ଏହି ଷ୍ଟାଡିୟମ୍ ରେ ଇନ୍ ଡୋର୍ , ଆଉଟ୍ ଡୋର୍ ,ସ୍ୱିମିଂ ପୁଲ୍, ଓ କ୍ରିକେଟ୍ ଷ୍ଟାଡିୟମ୍, ଜିମ୍ନାସିୟମ୍, ଜଳ ଫୁଆରା, ସ୍ୱାକିଂ ପାଥ୍ ପାଚେରୀ ଆଦି ନିର୍ମାଣ ହେବ । ଘଣ୍ଟା ପ୍ରତି ପ୍ରାୟ ୨୨୦ କିଲୋମିଟର ପବନ ବେଗ ଥିବା ଝଡ କୁ ସହ୍ୟ କରିବା କ୍ଷମତା ଥିବା ଭଳି ନିର୍ମାଣ କାର୍ଯ୍ୟ ଜାରି ରହିଛି ।ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ଜିଲ୍ଲାପଳ ଉକ୍ତ ସଂସ୍ଥା କୁ ନିର୍ଦ୍ଦେଶ ଦେଇଛନ୍ତି । ସେହିଭଳି ଜିଲ୍ଲା ସ୍ପୋର୍ଟସ୍ କମ୍ପ୍ଲେକ୍ସ ର ମରାମତି ସହ ନୂତନ ଭାବେ ଶହେ ଶର୍ଯ୍ୟା ବିଶିଷ୍ଟ କ୍ରିଡା ଛାତ୍ରା ବାସ ନିର୍ମାଣ ହେବ । ଛାତ୍ରାବାସ ବ୍ୟତୀତ ବର୍ତ୍ତଥିବା କମ୍ପ୍ଲେକ୍ସ ସୌଚାଳୟ ନିର୍ମାଣ ସୁରକ୍ଷା କର୍ମୀ ରହିବା ସ୍ଥାନ ଏବଂ ଦଶଟି ପୃଥକ ସ୍ପୋର୍ଟସ୍ ରୁମ୍ ତିଆରି ହେବ । ପ୍ରାଥମିକ ବୈଷୟିକ କାର୍ଯ୍ୟ ଶେଷ କରି ନିର୍ମାଣ କାର୍ଯ୍ୟ ତିଆରି ପାଇଁ ଜିଲ୍ଲାପାଳ ଉକ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ଅବସରରେ ଜିଲ୍ଲା କ୍ରିଡା ଅଧିକାରୀ ଚନ୍ଦନ କୁମାର ସାହୁ, ସହାୟକ ନିର୍ବାହୀ ଯନ୍ତ୍ରୀ ଘନ ଶ୍ୟାମ ପଣ୍ଡା ଓ ଅଜୟ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ ।

# ଅମିତ୍ ଶାହାଙ୍କ ଆରୋଗ୍ୟ କାମନା କରି ବିଜେପିର ଦୀପ ପ୍ରଜ୍ୱଳନ ଓ ପ୍ରାର୍ଥନା କାର୍ଯ୍ୟକ୍ରମ

ନୂଆପଡା,୦୪।୮ (ନି.ପ୍ର): ନୂଆପଡା ଜିଲ୍ଲା ବିଜେପି ତରଫରୁ ନୂଆପଡା ଜିଲ୍ଲାର ବିଭିନ୍ନ ଶୈବପୀଠ ମାନଙ୍କରେ କେନ୍ଦ୍ରଗୃହ ମନ୍ତ୍ରୀ ଅମିତ ଶାହାଙ୍କ କରୋନା ଆକ୍ରାନ୍ତକୁ ନେଇ ଆସୁ ଆରୋଗ୍ୟ କାମନା କରି ସମୁହ ଦୀପ ପ୍ରଜ୍ୱଳନ ଓ ପ୍ରାର୍ଥନା ସଭାର ଅୟୋଜନ କରାଯାଇଥିଲା । ଏହି ଅବସରରେ ନୂଆପଡା ଠାରେ ଆୟୋଜିତ କାର୍ଯ୍ୟକ୍ରମରେ କଳାହାଣ୍ଡି ସାଂସଦ ବସନ୍ତ କୁମାର ପଣ୍ଡା ଯୋଗଦାନ କରିଥିବା ବେଳେ ସିନାପାଲି ଠାରେ ଜିଲ୍ଲା ବିଜେପି ସଭାପତି ସୁବ୍ରତ କୁମାର ଠାକୁରଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ସେହିପରି ଜିଲ୍ଲାର ବୋଡେନ ପାତାଳଗଙ୍ଗା, ଖଡିଆଳର ରକ୍ତାମ୍ବରୀ, ସମଲେଶ୍ୱରୀ, ହାତୀବନ୍ଧା, ଚଲନା, ଗଣ୍ଡାବାହାଲୀ ତଥା ବିଭିନ୍ନ ସ୍ଥାନର ଶୈବପୀଠ ମାନଙ୍କରେ କାର୍ଯ୍ୟକ୍ରମ ଅୟୋଜନ କରାଯାଇଥିଲା । କେନ୍ଦ୍ରମନ୍ତ୍ରୀ ଅମିତ ଶାହାଙ୍କ ଆରୋଗ୍ୟ କାମନା କରିବା ସହ ମହାମାରୀ କରୋନା ଭାରତ ତଥା ବିଶ୍ୱରେ ନିଶ୍ଚିହ୍ନ ହୋଇଯିବ ଓ ବିଶ୍ୱବାସୀ ଯେମିତି ସ୍ୱାଭାବିକ ଜୀବନ ଯାପନ କରିବେ ତା ପାଇଁ ଦଳ ପକ୍ଷରୁ ଉକ୍ତ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବା ପ୍ରକାଶ କରିଛନ୍ତି । କାର୍ଯ୍ୟକ୍ରମରେ ହୋମସିଂ ମାଝୀ, ରୀତାରାଣୀ ବଗର୍ତ୍ତି, ହିତେଶ ବଗର୍ତ୍ତି, ମନିଜର ଆର୍ଯ୍ୟ, ଦେବଦେବ ସିଂ ଦେଓ, ପ୍ରତାପ ମେହେର, ଦିବାକର ଖମାରୀ, ପ୍ରସନ୍ନ ପାଢୀ, ଶିବ ମୁଣ୍ଡ ପ୍ରମୁଖ ସାମିଲ ଥିଲେ ।

# ଫିରିଙ୍ଗିଆକୁ କଣ୍ଟେନମେଣ୍ଟ ଜୋନ ଘୋଷଣା

କନ୍ଧମାଳ,୦୪।୮ (ନି.ପ୍ର): କନ୍ଧମାଳ ଜିଲ୍ଲାର ସମସ୍ତ ବ୍ଲକ କରୋନା କବଳରେ କବଳିତ । ଜିଲ୍ଲାରେ ଦିନ କୁ ଦିନ କରୋନା ମହାମାରୀ ତାର କାୟା ବିସ୍ତାର କରି ଚାଲିଛି ।ଜିଲ୍ଲାର ଫିରିଙ୍ଗିଆ ବ୍ଲକ ରେ ତିନି ଜଣ କରୋନା ପଜିଟିଭ୍ ଚିହ୍ନଟ ହେବା ପରେ ସାରା ଫିରିଙ୍ଗିଆ ବ୍ଲକରେ ଏକ ପ୍ରକାର ଭୟର ବାତାବରଣ ସୃଷ୍ଟି ହୋଇଛି । ଏହି ଅଂଚଳର ଜନସାଧାରଣକୁ ବ୍ଲକ ପ୍ରଶାସନ,ଫିରିଙ୍ଗିଆ ପୋଲିସ ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ତରଫରୁ ଭୟଭୀତ ନହେବା ପାଇଁ ଅନୁରୋଧ କରିବା ସହ ଫରିଙ୍ଗିଆ ବ୍ଲକକୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ବ୍ଲକ ପ୍ରଶାସନ ତରଫରୁ କଣ୍ଟେନମେଣ୍ଟ ଜୋନ ଘୋଷଣା କରାଯାଇଛି । ତେବେ ରବିବାର ସହରର ଦୁଇ ଜଣ ବ୍ୟବସାୟୀ ଓ ଫିରିଙ୍ଗିଆ ବ୍ଲକରେ କାର୍ଯ୍ୟରତ କନିଷ୍ଠଯନ୍ତ୍ରୀ କରୋନା ପଜିଟିଭ ଥିବା ଚିହ୍ନଟ ହେବାପରେ ପ୍ରଶାସନ ତରଫରୁ ଏହି ପଦକ୍ଷେପ ନିଆଯାଇଛି । ଆଗକୁ ସଂକ୍ରମଣର ଅଅଶଙ୍କା ଥିବାରୁ ଫିରିଙ୍ଗିଆର (କାଳିଆ ସାହି, କଂଟିଳ ସାହି, ଉପରପଡା ଏବଂ କୁଳିଆକୁଟି) ଅଂଚଳକୁ କଣ୍ଟେନମେଣ୍ଟ ଜୋନ ଭାବରେ ଘୋଷଣା କରାଯାଇଥିବା ବେଳେ ଏହାର ଆଖପାଖ ଅଂଚଳକୁ ବଫର ଜୋନ ଭାବରେ (ଖଜୁରିପଡ଼ା, ନୁଆଁଗାଁ, ମାଝିପଡ଼ା, କେକେରିଙ୍ଗିଆ, ଶଶିପଦର, ଡିଣ୍ଡ୍ରାଗାଁର ଫିରିଙ୍ଗିଆ ପଂଚାୟତକୁ) ଘୋଷଣା କରାଯାଇଛି । ଫିରିଙ୍ଗିଆ ପଂଚାୟତ ମୁଖ୍ୟାଳୟର ସମସ୍ତ ଅଂଚଳରେ ଅଗ୍ନିଶ୍ରମ ବାହିନୀ ଦ୍ୱାରା ସାନିଟାଇଜ କରାଯାଇଛି । ଫିରିଙ୍ଗିଆର ବିଭିନ୍ନ ପ୍ରବେଶ ପଥ ଗୁଡିକୁ ବାଉଁଶ ବାଡ କରି ସିଲ କାରାଯିବା ସହ ସ୍ଥାନୀୟ ପୋଲିସ ଦ୍ୱାରା କଡା ସୁରକ୍ଷା ବେବସ୍ଥା କରାଯାଇଛି ।ଏହି ଅଂଚଳରରେ ଲୋକଙ୍କୁ ନ୍ନିଜ ଘରେ ରହିବାକୁ କୁହାଯାଇଥିବା ସହିତ ଏହି ଅଂଚଳରେ ଦାୟୀତ୍ୱରେ ଫିରିଙ୍ଗିଆ ଥାନା ଅଧିକାରୀ ପି.ଶ୍ୟାମ ସନ୍ଦର ରାଓ ସୁରକ୍ଷା ଦାୟିତ୍ୱର ତଦାରଖ କରୁଥିବାର ଜଣାପଡିଛି । କଣ୍ଟେନମେଣ୍ଟ ଜୋନ ଭାବରେ ଘୋଷଣା କରାଯିବା ପରେ ପ୍ରଶାସନର କଡା ବ୍ୟବସ୍ଥା ସହିତ ଲୋକଙ୍କ ମନରେ ଥିବା କରୋନା ସଂକ୍ରମଣର ଭୟ ଯୋଗୁଁ ସମ୍ପୁର୍ଣ୍ଣ ଫିରିଙ୍ଗିଆ ଅଂଚଳ ଶୁନସାନ ହୋଇପଡିଥିବା ଦେଖିବାକୁ ମିଳିଛି । ସମସ୍ତ ଦୋକାନ ବଜାର ବନ୍ଦ ଥିବା ବେଳେ କେବଳ ଔଷଧ ଦୋକାନ ଖୋଲା ରହିଛି ।ସମସ୍ତ ବେସରକାରୀ ଗାଡି ଚଳାଚଳ ସବୁ ବନ୍ଦ ରହି ଥିବାବେଳେ ଅତ୍ୟାବଶ୍ୟକୀୟ ସେବାରେ ନିୟୋଜିତ ଥିବା ଗାଡି ସବୁ ଚଳାଚଳ କରୁଥିବାର ଦେଖାଯାଉଛି ।

# ଚିହ୍ନଟ ହେଲେ ଆଉ ୪୦ ଆକ୍ରାନ୍ତ, ମୋଟ ସଂଖ୍ୟା ୭ଶହ ପାର ହେଲା

ଭଦ୍ରକ,୪।୮ (ନି.ପ୍ର): ଏବେ ଭଦ୍ରକ ଜିଲ୍ଲାର କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୭ଶହ ଟପିଲା। ୪୦ ନୂତନ ଆକ୍ରାନ୍ତଙ୍କୁ ମିଶାଇ ମୋଟ ସଂଖ୍ୟା ୭୧୭ରେ ପହଞ୍ଚିଛି। ଜିଲ୍ଲାରୁ ୨୦ ହଜାର ୧୮ଜଣଙ୍କ ନମୁନା ପରୀକ୍ଷା ପରେ ଏହି ସଂଖ୍ୟକ ଆକ୍ରାନ୍ତ ବାହାରିଛନ୍ତି। ଅନ୍ୟପକ୍ଷରେ ଏହି ୭୧୭ ଆକ୍ରାନ୍ତଙ୍କ ମଧ୍ୟରୁ ୫୮୯ ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଏବେ ଆକ୍ଟିଭ କେଶ୍ ଭାବେ ୧୨୬ଜଣ ଚିକିତ୍ସିତ ହେଉଛନ୍ତି। ଯେଉଁ ନୂଆ ୪୦ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ସେମାନଙ୍କ ମଧ୍ୟରେ କ୍ୱାରେଣ୍ଟାଇନ ସେଣ୍ଟରରୁ ୧୫ଜଣ ବାକି ୨୫ ଲୋକାଲ କଣ୍ଟାକ୍ଟ। ଆକ୍ରାନ୍ତମାନଙ୍କ ମଧ୍ୟରେ ଜଣେ ତିହିଡି ଗୁଆମାଳ ଗ୍ରାମର ବ୍ୟକ୍ତି ଯିଏ ଏସ୍‌ସିବି ମେଡିକାଲରେ ଚିକିତ୍ସା ହେଉଥିବା ବେଳେ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ୨ଜଣ ଧାମନଗର ଏନ୍‌ଏସିର, ଜଣେ ବାସୁଦେବପୁର ପୌରପାଳିକାରୁ ମଧ ଆକ୍ରାନ୍ତ ଭାବେ ଚିହ୍ନଟ ହୋଇଛନ୍ତି। ସେହିଭଳି ଭାବେ ଭଦ୍ରକ ବ୍ଲକରୁ ବ୍ରହ୍ମପୁର ପଞ୍ଚାୟତର ବରାଙ୍ଗ ଗ୍ରାମରୁ ଜଣେ, ଭଦ୍ରକ ପୌରପାଳିକା ବାଙ୍କାମହଲା ଗ୍ରାମରୁ ଜଣେ, ୨୫ ନଂ ୱାର୍ଡ ସଙ୍ଗତ ଗ୍ରାମରୁ ଜଣେ, ସାୱ୍ନବଜାର ପୁଲିସ ଲାଇନ୍‌ରୁ ୨ଜଣ, ୧୩ ନଂ ୱାର୍ଡ ଅପର୍ତ୍ତିବିନ୍ଧା ନିଉକଲେନୀରୁ ଜଣେ, ୧୮ ନଂ ୱାର୍ଡ ପାଟଣାସାହିରୁ ଜଣେ, ୨୦ ନଂ ୱାର୍ଡ ବଡଶଙ୍କରପୁର ଗ୍ରାମରୁ ଜଣେ, ୪ ନଂ ୱାର୍ଡ ଚରମ୍ପା ଡଗରାସାହି ଗ୍ରାମରୁ ଜଣେ, ୧୫ ନଂ ୱାର୍ଡ କୁଆଁସ ଗ୍ରାମରୁ ଜଣେ, ବନ୍ତ ବ୍ଲକ କେନ୍ଦୁଆପଦା ପଞ୍ଚାୟତ ଆମ୍ପୋର ଗ୍ରାମରୁ ୨ଜଣ ଓ ମୁଗଗଡିଆ ଗ୍ରାମରୁ ଜଣେ, ଭଣ୍ଡାରିପୋଖରୀ ବ୍ଲକ ରହଣିଆ ପଞ୍ଚାୟତ ଆକୁଳିକଣା ଗ୍ରାମରୁ ଜଣେ, ବିଷ୍ଣୁପୁର ପଞ୍ଚାୟତ ବିଷ୍ଣୁପୁର ଗ୍ରାମରୁ ଜଣେ, ଜଳମଣ୍ଡୁଆ ପଞ୍ଚାୟତ ଜଳମଣ୍ଡୁଆ ଗ୍ରାମରୁ ଜଣେ, ବାସୁଦେବପୁର ବ୍ଲକ ନୂଆଗାଁ ଗ୍ରାମରୁ ଜଣେ, ଆର୍ଣ୍ଣୁ ପଞ୍ଚାୟତ ଆର୍ଣ୍ଣୁ ଗ୍ରାମରୁ ଜଣେ ଚିହ୍ନଟ ହୋଇଥିବା ବେଳେ ଜଣେ ମୟୁରଭଂଜ ଜିଲ୍ଲାର ଆକ୍ରାନ୍ତ ଭଦ୍ରକରୁ ମଧ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ବ୍ୟତୀତ ଭଦ୍ରକ ବ୍ଲକ ଓକରା ହାଇସ୍କୁଲ ଟିଏମ୍‌ସିରୁ ୩ଜଣ, ବରପଦା କେକେଆର୍ କଲେଜ ଟିଏମ୍‌ସିରୁ ୨ଜଣ, ଜଳଙ୍ଗା ହାଇସ୍କୁଲ ଟିଏମ୍‌ସିରୁ ୩ଜଣ, ବନ୍ତ ବ୍ଲକ କାଦବରାଙ୍ଗ ହାଇସ୍କୁଲ ଟିଏମ୍‌ସିରୁ ୨ଜଣ, ବାସୁଦେବପୁର ବ୍ଲକ ଚନ୍ଦ୍ରିଆ ଟିଏମ୍‌ସିରୁ ୩ଜଣ, ବ୍ରାହ୍ମଣୀଗାଁରୁ ମହାରାଷ୍ଟ୍ର ଫେରନ୍ତା ଜଣେ, ଚାନ୍ଦବାଲି ବ୍ଲକ ଯଶିପୁର ସ୍କୁଲ ଟିଏମ୍‌ସିରୁ ଜଣେ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଜିଲ୍ଲା ପ୍ରଶାସନ ପକ୍ଷରୁ ଚିହ୍ନଟ ଅଞ୍ଚଳକୁ କଣ୍ଟେନମେଣ୍ଟଜୋନ କରାଯିବା ସହିତ ସେହିସବୁ ଅଞ୍ଚଳରେ କଣ୍ଟାକ୍ଟ ଟ୍ରେସିଂ କରାଯାଉଛି। କେତେକ ଅଞ୍ଚଳରେ ଜିଲ୍ଲା ଅଗ୍ନିଶମ ବିଭାଗ ଦ୍ୱାରା ସାନିଟାଇଜେସନ କାର୍ଯ୍ୟ ଜାରି ରହିଥିବା ଜଣାଯାଉଛି।

## ‘ୟୁଥ୍ ଫର ଭଲ୍ୟୁଂଟାରି ୱାର୍କ’ର କର୍ମକର୍ତ୍ତାଙ୍କ ନାମ ଘୋଷିତ

ଭୁବନେଶ୍ୱର,୪।୮ (ନି.ପ୍ର): ସ୍ୱେଚ୍ଛାସେବୀ ସାମାଜିକ ସଙ୍ଗଠନ ‘ୟୁଥ୍ ଫର୍ ଭଲ୍ୟୁଂଟାରୀ ୱାର୍କ’ ର ନୂତନ କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯାଇଛି। ରାଜ୍ୟ ସଂଯୋଜିକା ରୂପେ ଶୁଭଶ୍ରୀ ମହାନ୍ତି, ରାଜ୍ୟ ସହ-ସଂଯୋଜକ ସହ ଖୋର୍ଦ୍ଧା ଜିଲ୍ଲା ସଂଯୋଜକ ରୂପେ ଲୋକରଞ୍ଜନ ବେହେରା, ନୟାଗଡ଼ ଜିଲ୍ଲା ସଂଯୋଜକ ରୂପେ ଚିନ୍ମୟ କୁମାର ମହାପାତ୍ର, କଟକ ଜିଲ୍ଲା ସଂଯୋଜକ ରୂପେ ସନ୍ତୋଷ କୁମାର ଦାଶ, ଜଗତ୍‌ସିଂହପୁର ଜିଲ୍ଲା ସଂଯୋଜକ ରୂପେ ଗୋବିନ୍ଦ ଚନ୍ଦ୍ର ପରିଡ଼ା, ଯାଜପୁର ଜିଲ୍ଲା ସଂଯୋଜକ ରୂପେ ଇଂ ମହମ୍ମଦ ଓୱେସ ନୋମାନ୍, ପୁରୀ ଜିଲ୍ଲା ସଂଯୋଜକ ରୂପେ ଅନୁଷ୍ଠାନର ଅଧ୍ୟକ୍ଷ ମୀର ଅହମ୍ମଦ ଅଲ୍ଲୀ, ଭୁବନେଶ୍ୱର ସଂଯୋଜକ ରୂପେ ରୋଜାଲିନ୍ କଟୁଆଲ, ଅଜିତ ବେହେରା, ସୋସିଆଲ୍ ମିଡ଼ିଆ ସଂଯୋଜକ ରୂପେ ପ୍ରିୟଙ୍କା ପ୍ରିୟଦର୍ଶିନୀ ପଣ୍ଡା ଓ ସୌଦାମିନୀ ନାୟକ, ଭାଗ୍ୟଶ୍ରୀ ମହାନ୍ତି, ବୌଦ୍ଧ ଜିଲ୍ଲା ସଂଯୋଜକ ରୂପେ ଇଂ ବୀରମିତ୍ର ଭଞ୍ଜ, ନବରଙ୍ଗପୁର ସଂଯୋଜକ ରୂପେ ମୁନା ବାଗ୍, ବଡ଼ଚଣା ବ୍ଲକ୍ ସଂଯୋଜକ ରୂପେ ଶେଖ ସିକନ୍ଦର ଦାୟିତ୍ୱ ନେବେ ବୋଲି ଅନୁଷ୍ଠାନର ଅଧ୍ୟକ୍ଷ ମୀର ମହମ୍ମଦ ଅଲ୍ଲୀ ଜଣାଇଛନ୍ତି।

# ନୂତନ ଶିକ୍ଷାନୀତି ଭାରତୀୟ ସମାଜରେ ନବ ଜାଗରଣ ଆଣିପାରିବ

ଭୁବନେଶ୍ୱର,୪।୮ (ନି.ପ୍ର): ଶିକ୍ଷା ବିକାଶ ସମିତି, ଓଡ଼ିଶାଙ୍କ ଆନୁକୂଲ୍ୟରେ ପ୍ରାନ୍ତ ବିଦ୍ୱତ ପରିଷଦ ନୂତନ ଭାବେ ଘୋଷିତ ହୋଇଥିବା ଜାତୀୟ ଶିକ୍ଷାନୀତି ସନ୍ଦର୍ଭରେ ଏକ ମନୋଜ୍ଞ ୱେବିନାର ଆୟୋଜିତ ହୋଇଥିଲା। ଏଥିରେ ବିଦ୍ୟା ଭାରତୀଙ୍କ ଅଖିଳ ଭାରତୀୟ ମନ୍ତ୍ରୀ ଡଃ. କିଶୋରଚନ୍ଦ୍ର ମହାନ୍ତି, ଶିକ୍ଷାବିତ୍ ଓ ଗବେଷକ ଡଃ. ବସନ୍ତକୁମାର ପଣ୍ଡା ଆତିଥ୍ୟ ଗ୍ରହଣ କରି ଯଥାକ୍ରମେ ସମାରୋପ ବକ୍ତବ୍ୟ ଓ ବୀଜ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରଦୀପ ପ୍ରଜ୍ୱଳନ କରିଥିଲେ ଶିକ୍ଷା ବିକାଶ ସମିତି ଓଡ଼ିଶାଙ୍କ ପ୍ରାନ୍ତ ସଂଗଠନ ମନ୍ତ୍ରୀ ରମାକାନ୍ତ ମହାନ୍ତ। ବିଦ୍ୱତ୍ ପରିଷଦର ରାଜ୍ୟ ସଂଯୋଜକ ଶ୍ରୀଯୁକ୍ତ ରୁଦ୍ରନାରାୟଣ ବେହେରାଙ୍କ ପ୍ରାରମ୍ଭିକ ସୂଚନା ଓ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ତଥା ପରିଚୟ ପ୍ରଦାନ ପରେ ଆଲୋଚନା ଆରମ୍ଭ ହୋଇଥିଲା। କାର୍ଯ୍ୟକ୍ରମରେ ନିଜର ବୀଜ ବକ୍ତବ୍ୟ ପ୍ରଦାନ କରି ଡଃ. ବସନ୍ତକୁମାର ପଣ୍ଡା କହିଲେ ଯେ ବିଦ୍ୟାଳୟ ସ୍ତରୀୟ ଶିକ୍ଷାକୁ ସାର୍ବଜନୀନ କରିବା ଓ ବ୍ୟାପକ ସାମାଜିକ ପରିବର୍ତ୍ତନ ପରିପ୍ରେକ୍ଷୀରେ ନୂତନ ଶିକ୍ଷାନୀତି କେତେକ ଗୁରୁତ୍ୱପୂର୍ଣ୍ଣ ସିଦ୍ଧାନ୍ତ ଉପରେ ପର୍ଯ୍ୟବେସିତ ହୋଇଛି। ସେ ପ୍ରଚଳିତ ଶିକ୍ଷାନୀତିଗୁଡ଼ିକର ଇତିହାସ ଉପସ୍ଥାପନ କରି କହିଲେ ଯେ ବର୍ତ୍ତମାନର ଜାତୀୟ ଶିକ୍ଷାନୀତି ବହୁ ଭାଷା, ବହୁ ସଂସ୍କୃତିର ଏଇ ଦେଶରେ ଏକ ନୂତନ ଜାଗରଣ ଆଣିବାରେ ସମର୍ଥ ହେବ। ଶିକ୍ଷଣ ପଦ୍ଧତି ପାଠ୍ୟକ୍ରମ ସବୁରେ ବହୁ ପ୍ରକାର ନୂତନତ୍ୱର ପରିକଳ୍ପିତ ହୋଇଛି। ଶିକ୍ଷକମାନଙ୍କର ବହୁ ସମସ୍ୟାକୁ ସମାଧାନ କରିବା ଓ ସେମାନଙ୍କ ତାଲିମ ଇତ୍ୟାଦି ପ୍ରକ୍ରିୟାକୁ ସରଳ କରାଯାଇଛି। ତାଙ୍କ ବକ୍ତବ୍ୟ ପରେ ପ୍ରାଧାପକ ଭବେଶଚନ୍ଦ୍ର ସାହୁଙ୍କ ସଂଯୋଜନାରେ ଏକ ମୁକ୍ତ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଡଃ. ବାଞ୍ଛାନିଧି ପଣ୍ଡା (ପଦ୍ମପୁର), ବିଜୟକୁମାର ମହାନ୍ତି (ବାଲେଶ୍ୱର), ଡଃ. ବୈଦ୍ୟନାଥ ରାଉତ (କଟକ), ଅକ୍ଷୟକୁମାର ଜେନା (ପୁରୀ), ପ୍ରଫୁଲ୍ଲକୁମାର ସାହୁ (ଭୁବନେଶ୍ୱର), ଡଃ. କାଳୀପ୍ରସନ୍ନ ଶତପଥୀ (କଟକ), ଡଃ. ତରୁଲତା ଦେବୀ (ନିର୍ଣ୍ଣିନ୍ତକୋଇଲି), ଡଃ. କିଶୋରୀ ଦାସ (ରାଉରକେଲା), ପ୍ରାଧାପକ ଅଚିନ୍ତ୍ୟ ନାରାୟଣ ଜେନା (ରାଉରକେଲା) ପ୍ରମୁଖ ଆଲୋଚନାରେ ସକ୍ରିୟ ଅଂଶଗ୍ରହଣ କରି ଶିକ୍ଷାରେ ସୃଜନଶୀଳତା, ବୈଜ୍ଞାନିକ ଦୃଷ୍ଟିକୋଣ, ପ୍ରଯୁକ୍ତି ବିଦ୍ୟାର ବିକାଶ, କୃଷି ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଶିକ୍ଷାର ଉପଯୋଗ, ଭାଷାର ଉନ୍ନତି, ରାଷ୍ଟ୍ରୀୟତାର ନିର୍ମାଣ, ଶିକ୍ଷାର ମଙ୍ଗଳକାରୀ ବିଭବର ବିକାଶ ସମ୍ପର୍କିତ ବହୁ ବିଷୟ ବିନ୍ଦୁ ଉପରେ ମତାମତ ପ୍ରଦାନ କରିଥିଲେ। ଶିକ୍ଷକଙ୍କ ତାଲିମ ଓ ଅନ୍ୟାନ୍ୟ ବିକାଶ ଉପରେ ଆହୁରି ଅଧିକ କାର୍ଯ୍ୟ ହୋଇପାରିବ ବୋଲି ମତ ଆସିଥିଲା। ସମାରୋପ ବକ୍ତବ୍ୟରେ ଡଃ. କିଶୋର ଚନ୍ଦ୍ର ମହାନ୍ତି ଜାତୀୟ ଶିକ୍ଷାନୀତି ସନ୍ଦର୍ଭରେ ନିଜର ସୁଚିନ୍ତିତ ଓ ବିସ୍ତୃତ ଚିନ୍ତା ବ୍ୟକ୍ତ କରିଥିଲେ। ଇଉରୋପ ମହାଦେଶ ଆଧାରିତ ଶିକ୍ଷାରୁ ମୁକ୍ତ ହୋଇ ପ୍ରଥମତଃ ଶିକ୍ଷା ଭାରତ କେନ୍ଦ୍ରିତ ହୋଇପାରିଛି। ଜୀବନ ବଂଚିବାର କୌଶଳ, ସଂସ୍କୃତିର ବିକାଶ, ବୃତିଗତ ଦକ୍ଷତାର ବିକାଶ ଓ ନିଯୁକ୍ତି, ସୃଜନଶୀଳତାର ବିକାଶ ପରି ବହୁ ବିଷୟରେ ଚିନ୍ତା କରି ବୈଜ୍ଞାନିକ କସ୍ତୁରୀରଙ୍ଗନଙ୍କ ଅଧ୍ୟକ୍ଷତାରେ ଗଠିତ ଶିକ୍ଷା କମିଶନ ବହୁ ନୂତନତାକୁ ସ୍ଥାନ ଦେଇଛି। ଏହି କାର୍ଯ୍ୟକ୍ରମରେ ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷକ ୧୨ ଜଣ, ପ୍ରଧାନ ଶିକ୍ଷକ ୮ ଜଣ, ଅଧ୍ୟାପକ ଓ ପ୍ରାଧ୍ୟାପକ ୧୯ ଜଣ, ଅଧ୍ୟକ୍ଷ ୧୨ ଜଣ, ଶିକ୍ଷା ବିଭାଗୀୟ ଅଧିକାରୀ ୩ ଜଣ, ବିଦ୍ୟା ଭାରତୀ ଓ ଶିକ୍ଷା ବିକାଶ ସମିତି, ଓଡ଼ିଶାଙ୍କ କାର୍ଯ୍ୟକର୍ତ୍ତା ୫ ଜଣ ଅନ୍ୟାନ୍ୟ ୨ ଜଣ ସର୍ବମୋଟ ୬୧ ଜଣ ଶିକ୍ଷାବିତ୍ ଉପସ୍ଥିତ ରହି ସମ୍ପୂର୍ଣ୍ଣତଃ ୱେବିନାରରେ ଭାଗ ନେଇଥିଲେ। କାର୍ଯ୍ୟକ୍ରମର ଶେଷରେ ଧନ୍ୟବାଦ ପ୍ରସ୍ତାବ ରଖାଯାଇଥିଲା ଓ ଶାନ୍ତିମନ୍ତ୍ର ଉଚ୍ଚାରଣ ପୂର୍ବକ ସଭା ସମାପ୍ତ କରାଯାଇଥିଲା।

# ହ୍ୱାଟସ୍ ଆପ୍ ଗ୍ରୁପରେ ସାମିଲ ହୋଇଛନ୍ତି ୯ ଲକ୍ଷ ୨୦ ହଜାରରୁ ଅଧିକ ଚାଷୀ

## ବହୁ ଗୁରୁତ୍ୱପୂର୍ଣ୍ଣ ସୂଚନା ଚାଷୀମାନଙ୍କୁ ସିଧାସଳଖ ପ୍ରଦାନ କରାଯାଇଛି - ମନ୍ତ୍ରୀ ଡ. ସାହୁ

ଭୁବନେଶ୍ୱର,୪।୮ (ନି.ପ୍ର): କୃଷି ଓ ଆନୁସଙ୍ଗିକ କ୍ଷେତ୍ରର ଦ୍ରୁତ ପ୍ରଗତି ଦିଗରେ ସାମାଜିକ ଗଣମାଧମ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଥିବା ପରିପ୍ରେକ୍ଷୀରେ ବିଭାଗ ପକ୍ଷରୁ ସୋସିଆଲ୍ ମିଡ଼ିଆର ବହୁଳ ଉପଯୋଗ କରିବା ଦିଗରେ ଅନେକ ଗୁଡ଼ିଏ ପଦକ୍ଷେପ ନିଆଯାଇଛି। ସଂପ୍ରତି କୋଭିଡ୍-୧୯ ସ୍ଥିତିରେ ଚଷୀମାନଙ୍କ ନିକଟରେ ପହଂଚିବା ଦିଗରେ ସାମାଜିକ ଗଣମାଧମ ବିଶେଷ ଫଳପ୍ରଦ ସାବ୍ୟସ୍ତ ହୋଇପାରିଛି ବୋଲି କୃଷି ଓ କୃଷକ ସଶକ୍ତକରଣ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ, ଉଚ୍ଚ ଶିକ୍ଷା ମନ୍ତ୍ରୀ ଡ. ଅରୁଣ କୁମାର ସାହୁ କହିଛନ୍ତି। ଆଜି ଆୟୋଜିତ ଏକ ଭର୍ଚୁଆଲ୍ ବୈଠକରେ ସାମାଜିକ ଗଣମାଧମର ବ୍ୟବହାର ଦିଗରେ ବିଭାଗ ପକ୍ଷରୁ ଗ୍ରହଣ କରାଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ଓ ଏହାର ଅଗ୍ରଗତି ସମ୍ପର୍କରେ ମନ୍ତ୍ରୀ ଡ. ସାହୁ ସମୀକ୍ଷା କରିଥିଲେ। ଏହି ବୈଠକରେ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକଙ୍କ ସମେତ ଉଦ୍ୟାନ କୃଷି, ମୃତିକା ସଂରକ୍ଷଣ ଓ ଜଳବିଭାଜିକା ଉନ୍ନୟନ, ପ୍ରାଣୀପାଳନ ଓ ପ୍ରାଣୀଚିକିତ୍ସା ଏବଂ ମତ୍ସ୍ୟ ନିର୍ଦ୍ଦେଶକ ପ୍ରମୁଖ ଯୋଗଦେଇଥିଲେ। ଚାଷୀର ଆୟ ବହୁଗୁଣିତଦ କରିବା ଦିଗରେ କୃଷି ସହିତ ଆନୁସଙ୍ଗିକ କୃଷିର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ଦୃଷ୍ଟିରୁ ପ୍ରାଣୀପାଳନ ଓ ପ୍ରାଣୀଚିକିତ୍ସା ଏବଂ ମତ୍ସ୍ୟ ନିର୍ଦ୍ଦେଶାଳୟ ପକ୍ଷରୁ ସୋସିଆଲ୍ ମିଡ଼ିଆର ବହୁଳ ଉପଯୋଗ ନିମନ୍ତେ ଚାଷୀମାନଙ୍କର ହ୍ୱାଟସଆପ୍ ଗ୍ରୁପ୍ ଗଠନ ଉପରେ ମନ୍ତ୍ରୀ ଡ. ସାହୁ ଗୁରୁତ୍ୱାରୋପ କରିଥିଲେ। ପ୍ରତି ପଂଚାୟତରେ ଚାଷୀମାନଙ୍କର ହ୍ୱାଟସଆପ୍ ଗ୍ରୁପ୍ ଗଠନ କରି ଚାଷୀମାନଙ୍କୁ ସିଧାସଳଖ ବିଭିନ୍ନ କୃଷି ସମ୍ବନ୍ଧୀୟ ବାର୍ତ୍ତା ଯୋଗାଇଦେବା ସହିତ ସେମାନଙ୍କର ସମସ୍ୟା ସମ୍ପର୍କରେ ବିହିତ ପଦକ୍ଷେପ ନେବା ପରିପ୍ରେକ୍ଷୀରେ ଆଜି ପର୍ଯ୍ୟନ୍ତ ହ୍ୱାଟସଆପ୍ ଗ୍ରୁପ୍‌ରେ ୯ ଲକ୍ଷ ୨୦ ହଜାରରୁ ଅଧିକ ଚାଷୀଙ୍କୁ ସାମିଲ କରାଯାଇଛି। ସେହିପରି କୃଷି ଓ କୃଷକ ସଶକ୍ତିକରଣ ବିଭାଗର ଟୋଲ୍ ଫ୍ରି ହେଲପଲାଇନ ଆମ କୃଷିରେ ୮ ଲକ୍ଷ ୭୫ ହଜାର ଚାଷୀଙ୍କୁ ସାମିଲ କରାଯାଇପାରିଛି। କୃଷି ବିଭାଗ ଟୁଇଟରରେ ୨୭ ହଜାର ୨୦୦ ଜଣ ବ୍ୟବହାର କରିଥିବା ବେଳେ ଏମ୍-କିଷାନ୍ ପୋର୍ଟାଲ୍ ଜରିଆରେ ପ୍ରାୟ ୧୭ ଲକ୍ଷରୁ ଉର୍ଦ୍ଧ୍ୱ ବାର୍ତ୍ତା ଚାଷୀମାନଙ୍କ ନିକଟକୁ ପ୍ରେରଣ କରାଯାଇଛି। ଏଥି ସହିତ ପ୍ରତି ପଂଚାୟତ ସ୍ତରରେ ଅତି କମ୍‌ରେ ୨୦୦ ଜଣ କୃଷକଙ୍କୁ ହ୍ୱାଟସଆପ୍ ଗ୍ରୁପ୍‌ରେ ସାମିଲ କରାଯିବାର ଲକ୍ଷ୍ୟ ରଖାଯାଇଛି। ଏହି ଗ୍ରୁପ୍ ମାଧମରେ ଚାଷୀମାନଙ୍କୁ ସମୟ ଉପଯୋଗୀ କୃଷି କାର୍ଯ୍ୟ ସମ୍ବନ୍ଧୀୟ ବାର୍ତ୍ତା ପ୍ରେରଣ, ବିଭିନ୍ନ ଅର୍ଥକାରୀ ଓ ଉଦ୍ୟାନକୃଷିଭିତିକ ଫସଲ ଉତ୍ପାଦନର ପଦ୍ଧତିର ଶିକ୍ଷଣୀୟ ଚଳଚ୍ଚିତ୍ର, ଭିଡ଼ିଓ ମାଧମରେ କୃଷକ ମାନଙ୍କୁ ନୂତନ ଜ୍ଞାନକୌଶଳ, ପାଣିପାଗ ସମ୍ବନ୍ଧୀ ଆଗୁଆ ସୂଚନା ଓ ସମ୍ଭାବ୍ୟ ଆପଦକାଳୀନ ପରିସ୍ଥିତିର ସତର୍କ ସୂଚନା ପ୍ରଦାନ, ପ୍ରାକୃତିକ ଦୁର୍ବିପାକ କିମ୍ବା ରୋଗପୋକ ଆକ୍ରମଣ ଦ୍ୱାରା ଉପୁଜିଥିବା ଆପଦକାଳୀନ ପରିସ୍ଥିତିର ମୁକାବିଲା, ସରକାରଙ୍କ ବିଭିନ୍ନ କୃଷକ କଲ୍ୟାଣ ଯୋଜନା, ଚାଷୀମାନଙ୍କର ଉତ୍ପାଦିତ ଦ୍ରବ୍ୟର ବିକ୍ରିବଟାର ସୁଯୋଗ ଓ ବଜାର ସମ୍ବନ୍ଧୀୟ ସୂଚନା, ସନ୍ତୁଳନ ରାସାୟନିକ ସାର ପ୍ରୟୋଗ ଓ ସମନ୍ୱିତ ଖାଦ୍ୟସାର ପରିଚାଳନା ଆଦି ବହୁ ଗୁରୁତ୍ୱପୂର୍ଣ୍ଣ ସୂଚନା ଚାଷୀମାନଙ୍କୁ ସିଧାସଳଖ ପ୍ରଦାନ କରାଯାଇପାରୁଛି। ସାମାଜିକ ଗଣମାଧମ ଜରିଆରେ କୃଷକମାନେ ପ୍ରତିଦିନ ବିଭିନ୍ନ ସୂଚନା ସମ୍ପର୍କରେ ଅବଗତ ହୋଇପାରୁଥିବାରୁ ଅଧିକରୁ ଅଧିକ ଚାଷୀଙ୍କୁ ସାମାଜିକ ଗଣମାଧ୍ୟମ ସହିତ ଜଡ଼ିତ କରାଇବା ଦିଗରେ ବିଭାଗୀୟ କ୍ଷେତ୍ର ଅଧିକାରୀମାନେ ସଚେତନତା ସୃଷ୍ଟି କରିବା ପାଇଁ ମନ୍ତ୍ରୀ ଡ. ସାହୁ କହିଥିଲେ। ବୈଠକରେ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ଡ. ଏମ୍. ମୁଥୁକୁମାର, ଉଦ୍ୟାନକୃଷି ନିର୍ଦ୍ଦେଶକ ରୋହିତ କୁମାର ଲେଙ୍କା, ମୃତିକା ସଂରକ୍ଷଣ ଓ ଜଳବିଭାଜିକା ନିର୍ଦ୍ଦେଶକ ହେମନ୍ତ କୁମାର ପଣ୍ଡା, ପ୍ରାଣୀପାଳନ ଓ ପ୍ରାଣୀଚିକିତ୍ସା ନିର୍ଦ୍ଦେଶକ ରତ୍ନାପକର ରାଉତ ଓ ମତ୍ସ୍ୟ ନିର୍ଦ୍ଦେଶକ ସ୍ମୃତିରଂଜନ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ଶହୀଦ କୋଭିଡ ଯୋଦ୍ଧା...

ପାଇଁ ଶପଥ କରାଯିବ। ରାଜ୍ୟର ବିଭିନ୍ନ ଅଂଚଳକୁ ପିଜି ଡାକ୍ତରମାନଙ୍କୁ ପଠାଯାଇଛି ବୋଲି ମୁଖ୍ୟ ଶାସନ ସଚିବ ସୂଚନା ଦେଇଥିଲେ। କୋଭିଡ ପରିଚାଳନା ସଂପର୍କରେ ବିସ୍ତୃତ ସୂଚନା ଦେଇ ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ କହିଥିଲେ ଯେ ଆମ୍ବୁଲାନ୍‌ସ ସେବାକୁ ଅଧିକ ଫଳପ୍ରଦ କରିବା ପାଇଁ ଆବଶ୍ୟକ ସଂଖ୍ୟକ ଆମ୍ବୁଲାନ୍‌ସ ନିୟୋଜିତ କରିବା ପାଇଁ ଜିଲ୍ଲାପାଳ ମାନଙ୍କୁ କ୍ଷମତା ଦିଆଯାଇଛି। ପ୍ଲାଜମା ଥେରାପି ସଂପର୍କରେ ସୂଚନା ଦେଇ ସେ କହିଥିଲେ ଯେ ବର୍ତ୍ତମାନ ସୁଦ୍ଧା ୧୦୩ ୟୁନିଟ୍ ପ୍ଲାଜମା ସଂଗ୍ରହ ହୋଇଥିବା ବେଳେ ୫୮ ଜଣଙ୍କୁ ପ୍ଲାଜମା ଥେରାପିରେ ଚିକିତ୍ସା କରାଯାଇଛି। ତନ୍ମଧ୍ୟରୁ ୧୧ ଜଣ ଆରୋଗ୍ୟ ହୋଇ ଘରକୁ ଫେରିଛନ୍ତି। ଅନ୍ୟମାନଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଦେଖାଦେଇଛି। ସାରା ରାଜ୍ୟରେ ଚାଲିଥିବା ସ୍ୱାସ୍ଥ୍ୟ ପର୍ଯ୍ୟବେକ୍ଷଣ କାର୍ଯ୍ୟକ୍ରମ ଶେଷ ହୋଇଛି ଏବଂ ଏଥିରେ ୯୯ ପ୍ରତିଶତ ଘର ସର୍ଭେ କରାଯାଇଛି ବୋଲି ବୈଠକରୁ ଜଣାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଆସନ୍ତାକାଲି ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଓ ସ୍ୱାସ୍ଥ୍ୟ ଶିକ୍ଷା ଓ ତାଲିମ ନିର୍ଦ୍ଦେଶକ ଗଞ୍ଜାମ ଗସ୍ତରେ ଯିବେ ବୋଲି ଜଣାଯାଇଛି। ଏହି ଅବସରରେ ବିଭିନ୍ନ ଜିଲ୍ଲାର ପର୍ଯ୍ୟବେକ୍ଷକ ମାନଙ୍କ ସହିତ ମୁଖ୍ୟମନ୍ତ୍ରୀ ସେଠାରେ ସ୍ଥିତି ସଂପର୍କରେ ଆଲୋଚନା କରିଥିଲେ।

### ଆଜି ଅଯୋଧ୍ୟାରେ...

ଏଥିରେ ଦେଶର ବିଭିନ୍ନ ସ୍ଥାନରୁ ଆସିଥିବା ୨ ଲକ୍ଷ ଇଟା ମଧ ବ୍ୟବହାର କରାଯିବ। ମନ୍ଦିର ନିର୍ମାଣ ଶେଷ ହେବାକୁ ପ୍ରାୟ ସାଢ଼େ ତିନିବର୍ଷ ଲାଗିବ ବୋଲି ମୁଖ୍ୟ ସ୍ଥପତିଙ୍କ ପୁତ୍ର ତଥା ସହଯୋଗୀ ଆଶିଷ ସୋମପୁରା କହିଛନ୍ତି। ମନ୍ଦିରର ୫ ମଣ୍ଡପର ନାମକରଣ ଯଥାକ୍ରମେ କୁଡୁ, ରଙ୍ଗ, ନୃତ୍ୟ, କୀର୍ତ୍ତନ ଏବଂ ପ୍ରାର୍ଥନା ରହିବ। ମନ୍ଦିରରେ ଖଞ୍ଜା ହେବାକୁ ଥିବା ବହୁ ସଂଖ୍ୟାରେ ସ୍ତମ୍ଭ ଓ ଅନ୍ୟ କଳାକୃତି ପୂର୍ବରୁ ପ୍ରସ୍ତୁତ ହୋଇ ରହିଛି। ତେଣୁ ଏହାର ନିର୍ମାଣ ଅପେକ୍ଷାକୃତ କମ ସମୟରେ ଶେଷ ହେବ।

### ଲଘୁଚାପ ପ୍ରଭାବରେ...

ଢେଙ୍କାନାଳ, କେନ୍ଦୁଝର,ସମ୍ବଲପୁର ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସମ୍ଭାବନା ରହିଥିବାରୁ ଆଇଏମଡି ପକ୍ଷରୁ ଅରେଂଜ ୱାର୍ଣ୍ଣିଂ ଜାରି କରାଯାଇଛି। ଏହାସହ କେନ୍ଦ୍ରାପଡା, ଜଗତସିଂହପୁର,କଟକ, ଅନୁଗୁଳ,ଦେବଗଡ,କୋରାପୁଟ ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ରହିଥିବାରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ୬ ତାରିଖରେ ସମ୍ବଲପୁର,ଦେବଗଡ,ଝାରସୁଗୁଡା, ବରଗଡ ଓ ସୁନ୍ଦରଗଡ ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ରହିଥିବାରୁ ଅରେଂଜ ୱାର୍ଣ୍ଣିଂ ଏବଂ କେନ୍ଦୁଝର, ଅନୁଗୁଳ, ନୂଆପଡା ,ସୋନପୁର ଓ ବଲାଙ୍ଗୀର ଜିଲ୍ଲାରେ ପ୍ରବଳ ବର୍ଷା ଲାଗି ୟେଲୋ ୱାର୍ଣ୍ଣଙ୍ଗ ଜାରି କରାଯାଇଛି। ୭ ତାରିଖ ବେଳକୁ ବର୍ଷାର ପରିମାଣ ସାମାନ୍ୟ କମ୍ ହୋଇପାରେ। ସୁନ୍ଦରଗଡ, କେନ୍ଦୁଝର ଓ ମୟୁରଭଂଜ ଜିଲ୍ଲାକୁ ପ୍ରବଳ ବର୍ଷା ସମ୍ଭାବନା ପାଇଁ ୟେଲୋ ୱାର୍ଣ୍ଣିଂ ଦିଆଯାଇଛି। ୮ ତାରିଖରୁ ୯ ତାରିଖ ମଧ୍ୟରେ କଳାହାଣ୍ଡି, ବଲାଙ୍ଗୀର, ଝାରସୁଗୁଡା, କନ୍ଧମାଳ, ମୟୁରଭଂଜ ଓ ଢେଙ୍କାନାଳ ଜିଲ୍ଲାରେ ବର୍ଷା ସମ୍ଭାବନା ରହିଛି।

### ଗୋଟିଏ ଦିନରେ ଆଉ ୧୪୮୪...

ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଖୋର୍ଦ୍ଧା ଜିଲ୍ଲାରେ ୨୦୧ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେହିପରି କୋରାପୁଟ ଜିଲ୍ଲାରେ ୪୯ ଜଣ, ମାଲକାନଗିରି ଜିଲ୍ଲାରେ ୩୪ , ମୟୁରଭଂଜ ଜିଲ୍ଲାରେ ୨୮, ନବରଙ୍ଗପୁରରେ ୨, ନୟାଗଡ ଜିଲ୍ଲାରେ ୩୧, ନୂଆପଡା ଜିଲ୍ଲାରେ ୩, ପୁରୀ ଜିଲ୍ଲାରେ ୩୪ , ସମ୍ବଲପୁର ଜିଲ୍ଲାରେ ୮୨, ସୋନପୁର ଜିଲ୍ଲାରେ ୧ ତଥା ସୁନ୍ଦରଗଡ ଜିଲ୍ଲାରେ ୬୪ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

### ରାଜନୈତିକ...

ସ୍କୁଟି ପଛରେ ବସିଥିବା ତପନର କାନ୍ଧରେ ଏକ ଚଟା ବସାଇଲା। ହଣାଖାଇ ମଧ୍ୟ ସ୍କୁଟିରେ ସେମାନେ ପଳାଇବାକୁ ଚେଷ୍ଟା କରୁଥିବା ବେଳେ କିଛି ଦୂରରେ ଛିଡ଼ା ହୋଇଥିବା ପରମେଶ୍ୱର ପଣ୍ଡାଙ୍କ ପୁତ୍ର ତଥା ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ବସନ୍ତ ପଣ୍ଡା ଡାକ ପକାଇଲାରୁ ସେଠାରେ ଲୁଚି ରହିଥିବା ବୁଆଁଳ ଗ୍ରାମର ଚିକୁ ବେହେରା, ଗୋପୀନାଥ ନାଥ, ବିଜୁଳି ଜେନା, ଅଜୁ ଜେନା, ଶଙ୍କର ଜେନା, ଲିଟୁ ଜେନା, ସୁଧୁରୀ ଜେନା ଓ ପଞ୍ଚୁଆ ଜେନା ପ୍ରମୁଖ ବିଭିନ୍ନ ମାରଣାସ୍ତ୍ର ନେଇ ପ୍ରିୟବ୍ରତଙ୍କ ସ୍କୁଟି ନିକଟକୁ ଦୌଡ଼ି ଆସିଥିଲେ। ପ୍ରିୟବ୍ରତ ଗାଡ଼ି ଚଳାଇ ଯିବାକୁ ଉଦ୍ୟତ ହେଉଥିବା ବେଳେ ସେମାନେ ପଛରୁ ଓ ପାର୍ଶ୍ୱରୁ ଆକ୍ରମଣ ଜାରି ରଖଥିଲେ। ଶେଷରେ ବାଧ୍ୟ ହୋଇ ତପନ ଓ ପ୍ରିୟବ୍ରତ ଦୌଡ଼ିବାକୁ ଚେଷ୍ଟା କରିଥିଲେ। ୩/୪ ଚଟା ଖାଇ ମଧ୍ୟ ପ୍ରିୟବ୍ରତ ଦୌଡ଼ି ପଳାଇବାରେ ସକ୍ଷମ ହୋଇଥିବା ବେଳେ ତପନ କିଛିବାଟ ଦୌଡ଼ି ଯାଇ ତଳେ ପଡ଼ିଯାଇଥିଲା। ମାତ୍ର ଆକ୍ରମଣକାରୀମାନେ ତାଙ୍କୁ ବାରମ୍ବାର ହାଣି ଚାଲିଥିଲେ। ତେବେ ପ୍ରିବବ୍ରତକୁ ପଛରୁ କିଏ ଜଣେ ଗୋଡ଼ାଇ ଗୋଡ଼ାଇ ଅଶ୍ଳୀଳ ଭାଷାରେ ଗାଳିଦେବା ସହ ଦୁଇରାଉଣ୍ଡ ଫାୟାରିଂ କରିଥିବା ସେ ପ୍ରକାଶ କରିଛନ୍ତି। ବନ୍ଧୁକ ଆବାଜ ଶୁଣି ଲୋକେ ରୁଣ୍ଡ ହେବା କ୍ଷଣି ଆକ୍ରମଣକାରୀମାନେ ସେଠାରୁ ପଳାଇ ଯାଇଥିଲେ। ସ୍ଥାନୀୟ ଲୋକେ ତପନଙ୍କ ଘରକୁ ଖବର ଦେବା ସହ ତାଙ୍କୁ ଓ ପ୍ରିୟବ୍ରତକୁ ଆଣି ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ତପନଙ୍କ ଅବସ୍ଥା ସଂକଟାପନ୍ନ ହେବାରୁ ଡାକ୍ତରଙ୍କ ପରାମର୍ଶ କ୍ରମେ ତାଙ୍କୁ ପରିବାର ଲୋକେ କଟକ ବଡ଼ଡାକ୍ତରଖାନା ସ୍ଥାନାନ୍ତର କରିଥିଲେ। କଟକ ଯିବା ବାଟରେ ସୋରଠାରେ ରାତି ପ୍ରାୟ ସାଢ଼େ ୧୧ଟା ବେଳେ ତପନର ମୃତ୍ୟୁ ହୋଇଯାଇଥିଲା। ଅନ୍ୟପକ୍ଷରେ ଚିକିତ୍ସା ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପ୍ରିୟବ୍ରତଙ୍କ ଅବସ୍ଥା ସୁଧୁରୁଥିବା ଲକ୍ଷ୍ୟ କରାଯାଇଛି। ଏନେଇ ପ୍ରିୟବ୍ରତଙ୍କ ପିତା ମୁରଲୀଧର ମହାପାତ୍ର ସଦର ଥାନା ଅଧୀନସ୍ଥ ହଳଦୀପଦା ଫାଣ୍ଡିରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ୨୧୫ ନଂର ଏକ ମାମଲା ରୁଜୁ ସହ ଅଭିଯୁକ୍ତମାନଙ୍କୁ ଗିରଫ କରିବା ପାଇଁ ପୁଲିସ ଉଦ୍ୟମ ଜାରି ରଖିଛି। ତେବେ ସ୍ଥାନୀୟ ରାଜନୀତିକୁ ନେଇ ବିଜେପି ଓ ବିଜେଡି ମଧ୍ୟରେ ଦୀର୍ଘଦିନ ଧରି ଛକାପଞ୍ଝା ଚାଲିଥିଲା। ନିକଟ ଭବିଷ୍ୟତରେ ସଦର ବିଧାନସଭା ଆସନ ପାଇଁ ଉପ-ନିର୍ବାଚନ ହେବାକୁ ଯାଉଥିବା ବେଳେ ପୂର୍ବ ରାଜନୈତିକ ଶତ୍ରୁତାରୁ ଏହି ସଂଘବଦ୍ଧ ଆକ୍ରମଣ ହୋଇଥିବା ପ୍ରାଥମିକ ତଦନ୍ତରୁ ପୁଲିସ ଜାଣିବାକୁ ପାଇଛି।

### ଭୂଷଣ ଷ୍ଟିଲ୍ ନାଁରେ ମିଳିମିଶି ...

ଇନ୍‌ସଲଭ୍ୟାନ୍‌ସି ବ୍ୟାଙ୍କ୍ରପ୍ସି କୋର୍ଡ ୨୦୧୬ ଅନୁଯାୟୀ ନ୍ୟାସନାଲ କମ୍ପାନୀ ଲ ଟ୍ରିବ୍ୟୁନାଲ୍‌ଙ୍କ ଦ୍ୱାରସ୍ଥ ହୋଇଥିଲା। ଶୁଣାଣି ବେଳେ ୪୮ ହଜାର କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଫାଇନାନସିଆଲ କ୍ରେଡିଟର ଏବଂ ଅପରେସନାଲ କ୍ରେଡିଟର ପାଇବାକୁ ଆକଳନ କରାଯାଇଥିଲା। ଏଥିମଧ୍ୟରୁ ରାଜ୍ୟ ସରକାରଙ୍କୁ ପ୍ରବେଶ କର ବାବଦକୁ ୧୩୯ କୋଟି ୧୫ ଲକ୍ଷ ୮୦ ହଜାର ୫୦୪ ଟଙ୍କା ମିଳିବା କଥା। ରାଜ୍ୟ ସରକାର ୪୫ ଦିନ ମଧ୍ୟରେ ମଧ ଭୂଷଣ ଷ୍ଟିଲ୍ ଆଣ୍ଡ ପାୱାର ବିରୁଦ୍ଧରେ କୌଣସି ଅପିଲ୍ କଲେ ନାହିଁ। ପାଖାପାଖି ଅଢେଇ ମାସ ପରେ ଅର୍ଥାତ୍ ୧୮ ନଭେମ୍ବର ୨୦୧୯ ରେ ରାଜ୍ୟ ସରକାର ରେଜୁଲେସନ ପ୍ରଫେସନାଲ ପ୍ଲାନ ଅନୁମୋଦନ ବିରୋଧରେ କମ୍ପାନୀ ଲ ଟ୍ରିବ୍ୟୁନାଲଙ୍କ ନିକଟରେ ଅପିଲ କରିଥିଲେ। ରାଜ୍ୟ ସରକାରଙ୍କ ଅପିଲ୍ ଖାରଜ ହୋଇଥିଲା। ଏଥିରୁ ସ୍ପଷ୍ଟ ଅନୁମେୟ ହେଉଛି ବିଜୁ ଜନତା ଦଳର ନେତା ଏବଂ ରାଜ୍ୟ ସରକାରଙ୍କର ଉଚ୍ଚ ପଦସ୍ଥ ଅମଲା ରାଜ୍ୟର ୧୪୦ କୋଟି ଟଙ୍କାକୁ ପାଣିରେ ପକାଇ ଦେଇଛନ୍ତି ବୋଲି କଂଗ୍ରେସ କହିଛି। ରାଜ୍ୟ ସରକାର ସୁପ୍ରିମ୍‌କୋର୍ଟରେ ଅପିଲ କରିବା ସହିତ କେଉଁ ଦୋଷୀ ଅଧିକାରୀଙ୍କ ଚକ୍ରାନ୍ତ ଯୋଗୁଁ ରାଜ୍ୟ ୧୪୦ କୋଟି ଟଙ୍କା ହରାଉଛି, ତାହାର ଉପଯୁକ୍ତ ତଦନ୍ତ କରି ସଂପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ପଦକ୍ଷେପ ନିଅନ୍ତୁ ବୋଲି କଂଗ୍ରେସ ଦାବି କରିଛି।
ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଜିନେଶ ଦାସ, ସୁଦର୍ଶନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ନନ୍ଦିନୀ ଦେବୀଙ୍କ ଶ୍ରାଦ୍ଧ ଦିବସରେ ପ୍ରତିମୂର୍ତ୍ତିର ରକ୍ଷଣା ବେକ୍ଷଣ ଦାବି

ଭୁବନେଶ୍ୱର,୪।୮ (ନି.ପ୍ର): ଓଡ଼ିଶାର ପ୍ରଥମ ତଥା ଏକମାତ୍ର ମହିଳା ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ଶ୍ରାଦ୍ଧ ଦିବସ ଅବସରରେ ଉତ୍କଳ ସମ୍ମିଳନୀ ପକ୍ଷରୁ ବରପୁତ୍ରୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି। ଏହି ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ଉତ୍କଳ ସମ୍ମିଳନୀ ମଂଚେଶ୍ୱର ଶିଳ୍ପାଂଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ସଭାପତିତ୍ୱ କରି ପ୍ରତିମୂର୍ତ୍ତି ଗୁଡ଼ିକର ରକ୍ଷଣା ବେକ୍ଷଣ ଦାବି କରିଥିଲେ। ଭୁବନେଶ୍ୱରରେ ଥିବା ବରପୁତ୍ରୀ ଓ ବରପୁତ୍ର ମାନଙ୍କର ପ୍ରତିମୂର୍ତ୍ତି ଗୁଡ଼ିକ ରକ୍ଷଣା ବେକ୍ଷଣ ଅଭବାରୁ ନଷ୍ଟ ହେବାକୁ ବସିଛି। କେତେକ ସ୍ଥାନରେ ପ୍ରତିମୂର୍ତ୍ତି ବସିଥିବା ପିଣ୍ଡି ଗୁଡ଼ଇକ ଭାଙ୍ଗି ପଡ଼ିଲାଣିତ ଅଢେ କେଉଁଠି ପିଣ୍ଡି ଉପରେ ଗଛ ଉଠିଲାଣି। ପ୍ରତିମୂର୍ତ୍ତି ଉପରେ ପଡୁଥିବା ଫୁଲମାଳ ଜନ୍ମ ଦିନରେ ପଡ଼ିଲେ ଶ୍ରାଦ୍ଧ ଦିବସରେ ଖୋଲାଯାଉଛି ଓ ଶ୍ରାଦ୍ଧ ଦିବସ ଫୁଲମାଳ ଜୟନ୍ତୀରେ ଖୋଲାଯାଉଛି। ଏଥିପାଇଁ ପ୍ରତିମୂର୍ତ୍ତି ନଷ୍ଟ ହେଉଛି। ପ୍ରତିମୂର୍ତ୍ତି ପ୍ରତଷ୍ଠା ହୋଇଥିବା ଛୋଟ ପଡ଼ିଆର ମଧ ମା ବାପା ନଥିଲା ଭଳି। କେବେଳ ମଧୁବାବୁଙ୍କ ପ୍ରତିମୂର୍ତ୍ତି ବସିଥିବା ପଡ଼ିଆ ସରକାରଙ୍କ ଦ୍ୱାରା ରକ୍ଷଣାବେକ୍ଷଣ କରାଯାଉଥିବା ବେଳେ ବୀର ସୁରେନ୍ଦ୍ର ସାଏଙ୍କ ପଡ଼ିଆ ପ୍ରଭୁଜୀ ଇଂରାଜୀ ମିଡ଼ିୟମ ସ୍କୁଲ ଓ ଗଙ୍ଗାଧର ମେହେର ଓ ଲକ୍ଷ୍ମଣ ନାୟକଙ୍କ ପଡ଼ିଆ କଳିଙ୍ଗ ଡାକ୍ତରଖାନା ଦ୍ୱାରା ବେସରକାରି ଭାବେ ଯତ୍ନ ନିଆଯାଉଛି। ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଉପଦେଷ୍ଟା ନିମାଇଁ ଚରଣ ଦାସ, ଉପ-ସଭାପତି ଶିତଳ ଚନ୍ଦ୍ର ମହାନ୍ତି, ଯୁଗ୍ମ-ସମ୍ପାଦକ ଅଶୋକ କୁମାର ପାଲଟା ସିଂ, ବାସନ୍ତି ତ୍ରିପାଠୀ, ଅକ୍ଷୟ ଜେଠୀ, ନିରଂଜନ ପାତ୍ର, ଗୋପି ପଟ୍ଟନାୟକ, ପ୍ରକାଶ କୁମାର ସାମଲ ଓ ସୁଧାଂଶୁ ସାହୁ ଆଦି ବହୁ ସଦସ୍ୟ ଯୋଗ ଦେଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

# କେନ୍ଦ୍ରମନ୍ତ୍ରୀ ଅମିତ ଶାହାଙ୍କ ଆରୋଗ୍ୟ କାମନାରେ ଦୀପଦାନ

ବାଲେଶ୍ୱର,୪।୮ (ନି.ପ୍ର): ଦିବଂଗତ ବାଲେଶ୍ୱର ବିଧାୟକ ସ୍ୱର୍ଗତ ମଦନ ମୋହନ ଦତ୍ତ ରକ୍ଷା ବନ୍ଧନ ପରିପେକ୍ଷୀରେ ବିଭିନ୍ନ କାର୍ଯ୍ୟକ୍ରମମାନ ହାତକୁ ନେଉ ଥିବାବେଳେ ତାଙ୍କ ଅବର୍ତ୍ତମାନରେ ବିଜେପି, ସଦର ନିର୍ବାଚନ ମଣ୍ଡଳୀର କାର୍ଯ୍ୟକର୍ତ୍ତାଙ୍କ ପକ୍ଷରୁ ମୋତିଗଞ୍ଜ ବଜାରରେ ବ୍ୟବସାୟୀ ଓ ସାଧାରଣ ଜନତାଙ୍କ ମଧ୍ୟରେ ବିଜେପିର ସଂପର୍କ ପତ୍ର ବଣ୍ଟନ କରାଯାଇଛି। ଏଥି ସହିତ ଆଗାମୀ ଦିନରେ ତୃଣମୂଳ ସ୍ତରର ଜନତାଙ୍କ ହକ୍‌ର ଲଢେଇକୁ ବିଜେପି ଆହୁରି ଅଧିକ ଶାଣିତ କରିବାକୁ ସଂକଳ୍ପବଦ୍ଧ ବୋଲି ଉପସ୍ଥିତ କାର୍ଯ୍ୟକର୍ତ୍ତାମାନେ ଲୋକଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଏହା ବ୍ୟତୀତ କାର୍ଯ୍ୟକର୍ତ୍ତା ଓ ନେତୃତ୍ୱଙ୍କ ଉପସ୍ଥିତିରେ କେନ୍ଦ୍ର ଗୃହ ମନ୍ତ୍ରୀ ତଥା ପୂର୍ବତନ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହାଙ୍କ ଆଶୁ ଆରୋଗ୍ୟ କାମନା ସହ ସମସ୍ତ କରୋନା ପୀଡ଼ିତଙ୍କର ମଧ୍ୟ ଆଶୁ ଆରୋଗ୍ୟ କାମନା କରାଯାଇଥିଲା। ଏଥି ନିମନ୍ତେ ସ୍ଥାନୀୟ ଗଣେଶ ମନ୍ଦିରରେ ସାମୂହିକ ଦୀପ ଦାନ କରାଯାଇଥିଲା। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଗତ ଦୁଇ ଦିନ ତଳେ କେନ୍ଦ୍ର ଗୃହ ମନ୍ତ୍ରୀଙ୍କୁ କରୋନା ଭୁତାଣୁ ଜନିତ ପଜିଟିଭ୍ ଚିହ୍ନଟ ହୋଇଥିବା ସ୍ଥଳେ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଅଛି। ଚିତ୍ତରଞ୍ଜନ ପଣ୍ଡା, ରବିନାରାୟଣ ମହାପାତ୍ର, ସୀତାକାନ୍ତ ସ୍ୱାଇଁ, ପର୍ଶୁରାମ ବେହେରା, ଶୁଭଙ୍କର ମହାପାତ୍ର, ସିପ୍ରା ବାଜପେୟୀ, ଗୌରାଙ୍ଗ ଦାସ, ସୁଜିତ ଦେବ, ପ୍ରଦୀପ ପତି, ଉପେନ୍ଦ୍ର ଶତପଥୀ, ମାନସ କୁମାର ଦତ୍ତ, ଦିପୁ ଗିରି, ଅନନ୍ତ ନାୟକ, ଲୋକନାଥ ଭୂୟାଁ, ମନୋହର ପେରିୱାଲ, ବିଭୁପଦ ଦାସ, ଧୀରଜ ମହାନ୍ତି, ପ୍ରବୀର ଶଙ୍କର ଦାଶ, ବିବେକାନନ୍ଦ ରାଉତ, ବାବୁଲି ଧଳ, କୌଶିକ ଚାନ୍ଦ, ମନ୍ମୟ ଦାସ, ଅରୁପ ଜେନା, ମହୁଆ ପ୍ରଧାନ, ସସ୍ମିତା ଦାଶ, ସଞ୍ଜୀବ ପ୍ରଧାନ, ସରୋଜ ହାଜରା, ଅନିତା ଦାସ, ତରୁଲତା ମହାନ୍ତି, ରାକେଶ ପାଢୀ, ଦିନେଶ ରଣା, କାର୍ତ୍ତିକ ମାଝୀ, ସୌମ୍ୟଜିତ ଜେନା, ଶୋଭାକର ସାହୁ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ବିଶିଷ୍ଟ କଣ୍ଠଶିଳ୍ପୀ ସଞ୍ଜୟ ତନ୍ତୀଙ୍କ ମୃତ୍ୟୁର ଉଚ୍ଚ ସ୍ତରୀୟ ତଦନ୍ତ ଦାବି କଲେ ଜୁଏଲ ଓରାମ

ରାଉରକେଲା,୪।୮ (ନି.ପ୍ର): ପୂର୍ବତନ କେନ୍ଦ୍ର ମନ୍ତ୍ରୀ ତଥା ସୁନ୍ଦରଗଡ ସାଂସଦ ଜୁଏଲ ଓରାମ ବିଶିଷ୍ଟ କଣ୍ଠଶିଳ୍ପୀ ସଞ୍ଜୟ ତନ୍ତୀଙ୍କ ମୃତ୍ୟୁର ଉଚ୍ଚ ସ୍ତରୀୟ ତଦନ୍ତ ଦାବି କରିଛନ୍ତି। ସେ ଏ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପତ୍ର ଲେଖିଛନ୍ତି। ସେ ଏହି ପତ୍ରରେ କହିଛନ୍ତି ଯେ ଉପଯୁକ୍ତ ଚିକିତ୍ସା ଅଭାବରୁ ବିଶିଷ୍ଟ କଣ୍ଠଶିଳ୍ପୀ ସଞ୍ଜୟ ତନ୍ତୀଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ତେଣୁ ଏହାର ଉଚ୍ଚ ସ୍ତରୀୟ ତଦନ୍ତ କରି ଦୋଷୀବ୍ୟକ୍ତି ଏବଂ ହସ୍ପିଟାଲ୍ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ତାଙ୍କ ପତ୍ନୀ ଶ୍ରୀମତୀ ରମିତା ତନ୍ତୀଙ୍କୁ ଉଚିତ ନ୍ୟାୟ ପ୍ରଦାନ କରିବା ପାଇଁ ସେ ମୁଖ୍ୟମନ୍ତ୍ରୀଙ୍କୁ ଏହି ପତ୍ରରେ ଦାବି କରିଛନ୍ତି।

# ପ୍ରଧାନମନ୍ତ୍ରୀଙ୍କ ରାମ ମନ୍ଦିର ଶିଳାନ୍ୟାସ କାର୍ଯ୍ୟକ୍ରମକୁ ସିପିଆଇର ନିନ୍ଦା

ଭୁବନେଶ୍ୱର,୪।୮ (ନି.ପ୍ର): ସମଗ୍ର ଭାରତରେ କରୋନା ମହାମାରୀ ନିୟନ୍ତ୍ରଣ ପାଇଁ ବିଭିନ୍ନ କଟକଣା ସତ୍ତ୍ୱେ ଉଦ୍‌ବେଗଜନକ ଭାବେ କରୋନା ସଂକ୍ରମଣ ବଢୁଥିବାବେଳେ ଏହି ଧର୍ମ ନିରପେକ୍ଷ ରାଷ୍ଟ୍ରର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅଗଷ୍ଟ ୫ ତାରିଖରେ ଅଯୋଧାରେ ରାମ ମନ୍ଦିର ଶିଳାନ୍ୟାସ ଦେବା କାର୍ଯ୍ୟକ୍ରମକୁ ସିପିଆଇ ଓଡ଼ିଶା ରାଜ୍ୟ ପରିଷଦ ପକ୍ଷରୁ ରାଜ୍ୟ ସମ୍ପାଦକ ଆଶିଷ କାନୁନ୍‌ଗୋ ଘୋର ନିନ୍ଦା କରିଛନ୍ତି। ନିଜେ ପ୍ରଧାନମନ୍ତ୍ରୀ ଓ ତାଙ୍କ ନେତୃତ୍ୱାଧୀନ କେନ୍ଦ୍ର ସରକାର କରୋନା ମହାମାରୀ ନିୟନ୍ତ୍ରଣ ଆଳ ଦେଖାଇ ସମଗ୍ର ଭାରତରେ ସମସ୍ତ ରାଜନୈତିକ ଓ ଧର୍ମୀୟ କାର୍ଯ୍ୟକ୍ରମ ଉପରେ ଅଙ୍କୁଶ ଲଗାଇଛନ୍ତି। ଜନଗଣଙ୍କ ଜୀବନ ଜୀବିକା ଦାବି ନେଇ ସାଙ୍କେତିକ ପ୍ରତିବାଦ ଅଥବା ଦାବି ଉପସ୍ଥାପନ ବେଳେ ରାଜନୈତିକ ଓ ସାମାଜିକ କର୍ମୀଙ୍କ ବିରୁଦ୍ଧରେ ମକଦ୍ଦମା କରିବା ସହ ଜରିମାନା ଆଦାୟ କରୁଛନ୍ତି। କରୋନା କଟକଣା ଲାଗୁ ହୋଇଥିଲାବେଳେ ଏହି ସମୟରେ ଖୋଦ ପ୍ରଧାନମନ୍ତ୍ରୀ ଅଯୋଧାରେ ଅଗଷ୍ଟ ୫ରେ ହଜାର ହଜାର ଭକ୍ତଙ୍କ ସମାବେଶ କରାଇ ରାମମନ୍ଦିର ଶିଳାନ୍ୟାସ କରିବା ପ୍ରଧାନମନ୍ତ୍ରୀଙ୍କ ସାମ୍ବିଧାନିକ ପଦ ମର୍ଯ୍ୟାଦାର ଅପବ୍ୟବହାର କରୁଛନ୍ତି।

# ରାଜ୍ୟରେ ବିଭିନ୍ନ ଜିଲ୍ଲାରେ କରୋନା ସ୍ଥିତି

ଭୁବନେଶ୍ୱର,୪।୮ (ନି.ପ୍ର): ଆଜି ଗଂଜାମ ଜିଲ୍ଲାରେ ୨୮୮ କରୋନା ମାମଲା ସାମନାକୁ ଆସିବା ପରେ ଏହି ଜିଲ୍ଲା କରୋନା ସଂକ୍ରମଣ ମାମଲାରେ ସବୁଠାରେ ଆଗରେ ରହିଛି । ଜିଲ୍ଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ୧୧୬୧୧ରେ ପହଂଚିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦ୍ୱାରା ଏହି ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଆଜି ସୁଦ୍ଧା ଅନୁଗୁଳ ଜିଲ୍ଲାରେ ୩୮୧, ବାଲେଶ୍ୱର ଜିଲ୍ଲାରେ ୧୧୨୮, ବରଗଡ ଜିଲ୍ଲାରେ ୪୭୩, ଭଦ୍ରକ ଜିଲ୍ଲାରେ ୭୧୬ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ବଲାଙ୍ଗିର ଜିଲ୍ଲାରେ ୫୧୯ . ବୌ ଦ୍ଧ ଜିଲ୍ଲାରେ ୧୫୩, କଟକ ଜିଲ୍ଲାରେ ୨୪୫୮, ଦେବଗଡ ଜିଲ୍ଲାରେ ୯୬, ଢେଙ୍କାନାଳ ଜିଲ୍ଲାରେ ୪୨୦. ଗଜପତି ଜିଲ୍ଲାରେ ୧୭୦୦, ଜଗତସିଂହପୁର ଜିଲ୍ଲାରେ ୭୮୪ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଯାଜପୁର ଜିଲ୍ଲାରେ ୧୪୦୨, ଝାରସୁଗୁଡା ଜିଲ୍ଲାରେ ୩୩୩, କଳାହାଣ୍ଡି ଜିଲ୍ଲାରେ ୩୦୬, କନ୍ଧମାଳ ୬୭୮, କେନ୍ଦ୍ରାପଡା ଜିଲ୍ଲାରେ ୫୩୭, କେନ୍ଦୁଝର ଜିଲ୍ଲାରେ ୮୫୬, ଖୋର୍ଦ୍ଧା ଜିଲ୍ଲାରେ ୫୧୧୫ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । କୋରାପୁଟ ଜିଲ୍ଲାରେ ୯୭୫ , ମାଲକାନଗିରି ଜିଲ୍ଲାରେ ୬୬୩, ମୟୁରଭଂଜ ଜିଲ୍ଲାରେ ୭୪୯. ନବରଙ୍ଗପୁର ଜିଲ୍ଲାରେ ୩୦୮ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇ ସାରିଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ନୟାଗଡ ଜିଲ୍ଲାରେ ୭୧୭, ନୂଆପଡା ଜିଲ୍ଲାରେ ୧୫୮ , ପୁରୀ ଜିଲ୍ଲାରେ ୯୧୯, ରାୟଗଡା ଜିଲ୍ଲାରେ ୧୧୩୨. ସମ୍ବଲପୁର ଜିଲ୍ଲାରେ ୬୬୩. ସୁବର୍ଣ୍ଣପୁର ଜିଲ୍ଲାରେ ୧୧୦ ଓ ସୁନ୍ଦରଗଡ ଜିଲ୍ଲାରେ ୧୬୨୧ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

## ୟୁପିଏସସି ପରୀକ୍ଷାରେ କୃତକାର୍ଯ୍ୟ ଓଡିଆଙ୍କୁ ପିସିସି ସଭାପତିଙ୍କ ଶୁଭେଚ୍ଛା

ଭୁବନେଶ୍ୱର, ୦୪ ଅଗଷ୍ଟ - ଚଳିତ ବର୍ଷ ୟୁପିଏସ୍‌ସି ସିଭିଲ୍ ସର୍ଭିସ ପରୀକ୍ଷାରେ ପ୍ରଥମ ୧୦ ଜଣଙ୍କ ମଧ୍ୟରେ ଓଡିଶାର ଦୁଇଜଣ ସ୍ଥାନ ପାଇଛନ୍ତି । ୮ ସ୍ଥାନରେ ଅଭିଷେକ ସରାଫ ରହିଥିବା ବେଳେ୧୦ମ ସ୍ଥାନରେ ସଂଜିତା ମହାପାତ୍ର ଅଛନ୍ତି । ଏହା ଓଡିଶା ପାଇଁ ଖୁସିର କଥା ବୋଲି ପ୍ରକାଶ କରିବା ସହ ଏହି ଦୁଇଜଣଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକ ।

# ଦିନକରେ ୩୭ ଜଣ ନୂଆ ପଜିଟିଭ୍ ଚିହ୍ନଟ

## ୧୧୨୮ରେ ପହଁଚିଲା ଜିଲ୍ଲାର ସଂକ୍ରମିତଙ୍କ ସଂଖ୍ୟା

ବାଲେଶ୍ୱର,୪।୮ (ନି.ପ୍ର): ଦିନକୁ ଦିନ ଦେଶରେ ବୃଦ୍ଧି ପାଉଥିବା କରୋନା ସଂକ୍ରମଣ ସବୁ ବର୍ଗର ଲୋକଙ୍କ ପାଇଁ ଚିନ୍ତାର କାରଣ ହୋଇଛି । ଅଦ୍ୟାବଧି ଦେଶରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୧୮ ଲକ୍ଷ ୭୮ ହଜାର ୩୮୨ରେ ପହଞ୍ଚିଥିବା ବେଳେ ମୃତ୍ୟୁ ସଂଖ୍ୟା ମଧ୍ୟ ୩୯ ହଜାର ୧୮୮ ଛୁଇଁଛି । ଅନୁରୂପ ଭାବେ ଓଡ଼ିଶାରେ ଗତ ୨୪ ଘଣ୍ଟା ମଧ୍ୟରେ ୧୩୮୪ଜଣ ନୂଆ କରୋନା ପଜିଟିଭ୍ ଚିହ୍ନଟ ସହ ରାଜ୍ୟରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୩୭ହଜାର ୬୮୧ରେ ପହଞ୍ଚିଛି । ସେହିଭଳି ବାଲେଶ୍ୱରରେ ଗତ କିଛିଦିନ ଧରି କ୍ରମାଗତ ବଢ଼ି ଚାଲିଥିବା କରୋନା ସଂକ୍ରମଣକୁ ନେଇ ଜିଲ୍ଲାବାସୀଙ୍କ ମଧ୍ୟରେ ଆତଙ୍କ ଦେଖାଯାଇଛି । ବିଶେଷ କରି ସ୍ଥାନୀୟ ସଂକ୍ରମଣ ବୃଦ୍ଧି ଯୋଗୁଁ ଜିଲ୍ଲାର ସ୍ଥିତି ସଙ୍ଗୀନ ଆଡ଼କୁ ଯାଉଥିବା ଲକ୍ଷ୍ୟ କରାଯାଇଛି । ଏହା ଗୋଷ୍ଠୀ ସଂକ୍ରମଣର ରୂପ ନେବାକୁ ବସିଥିବା ବିଭିନ୍ନ ମହଲରୁ ମତ ପ୍ରକାଶ ପାଇଛି । ତେବେ ଅନ୍ୟଦିନ ତୁଳନାରେ ଗତ ୨୪ ଘଣ୍ଟା ମଧ୍ୟରେ ୩୭ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଆଜି ଜିଲ୍ଲାର କରୋନା ସଂକ୍ରମିତଙ୍କ ସଂଖ୍ୟା ୧୧୨୮ରେ ପହଞ୍ଚିଛି । ଅଦ୍ୟାବଧି ୭୭୧ ଜଣ ସୁସ୍ଥ ହୋଇଥିବା ବେଳେ ଏକ୍ଟିଭ୍ ଥିବା ୩୫୧ଜଣ କରୋନା ଆକ୍ରାନ୍ତଙ୍କୁ ଏବେ କୋଭିଡ୍ ହସପିଟାଲରେ ରଖି ଚିକିତ୍ସା କରାଯାଉଛି । ତେବେ ଗତ କିଛିଦିନ ଧରି ଜିଲ୍ଲାରେ କରୋନା ସଂକ୍ରମଣ ବଢ଼ିଚାଲିଥିବା ବେଳେ ଅଗଷ୍ଟ ମାସରେ ସମ୍ଭାବ୍ୟ ସ୍ଥିତିକୁ ନେଇ ଆଶଙ୍କା ଦେଖାଦେଇଛି । ଏଭଳି ସ୍ଥିତିରେ ଜନସାଧାରଣ ଅଧିକରୁ ଅଧିକ ସତର୍କତା ଅବଲମ୍ବନ ସହ କୋଭିଡ୍ ନିୟମ ପାଳନ ପାଇଁ ପ୍ରଶାସନ ପକ୍ଷରୁ ନିବେଦନ କରାଯାଇଛି ।

# ପ୍ଲାଜ୍‌ମା ଦାନ କଲେ ଢେଙ୍କାନାଳର ୪ ଯୁବକ

ଭୁବନେଶ୍ୱର,୪।୮ (ନି.ପ୍ର): ଢେଙ୍କାନାଳ ଜିଲ୍ଲାରେ ପ୍ରଥମ ଥର ପାଇଁ ୪ ଜଣ କରୋନା ଆରୋଗ୍ୟ ପ୍ଲାଜ୍‌ମା ଦାନ କରିଛନ୍ତି । ଏମାନେ ହେଲେ ସାନ ବ୍ରହ୍ମପୁରର ପ୍ରୀତିରଞ୍ଜନ ନାୟକ (୨୨ ବର୍ଷ), ଜିରାଳର ମାନସ ରଞ୍ଜନ ରାଉତ (୪୦ ବର୍ଷ) ଓ ସରୋଜ କୁମାର ଝୁଂଟିଆ (୨୬ ବର୍ଷ) ଏବଂ ନୂଆ ଆଲ୍‌ତୁମା ର ଆଉରଙ୍ଗଜେବ୍ ନାୟକ (୪୪ ବର୍ଷ) । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ଗତକାଲି ଶକ୍ତି, ଶିଳ୍ପ, ଏମ୍‌ଏସ୍‌ଏମ୍‌ଇ ଓ ଗୃହ ରାଷ୍ଟ୍ର ମନ୍ତ୍ରୀ କ୍ୟାପଟେନ୍ ଦିବ୍ୟ ଶଙ୍କର ମିଶ୍ର ଦିନିକିଆ ଢେଙ୍କାନାଳ ଗସ୍ତ କରି ଏ ସଂପର୍କରେ ବୈଠକ ଆୟୋଜନ କରି ଆରୋଗ୍ୟ ବ୍ୟକ୍ତିମାନଙ୍କୁ ପ୍ଲାଜ୍‌ମା ଦାନ କରି ଅନ୍ୟ ଆକ୍ରାନ୍ତଙ୍କ ଅମୂଲ୍ୟ ଜୀବନ ର କ୍ଷା କରିବାକୁ ନିବେଦନ କରିଥିଲେ । ଏହି କାର୍ଯ୍ୟକ୍ରମ ରେ ରାଜ୍ୟ ଖଣି, ଇସ୍ପାତ ଓ ପୂର୍ତ୍ତ ମନ୍ତ୍ରୀ ଶ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ପରଜଙ୍ଗ ବିଧାୟକ ଡା. ନୃସିଂହ ଚରଣ ସାହୁ, ଢେଙ୍କାନାଳ ବିଧାୟକ ଶ୍ରୀ ସୁଧୀର କୁମାର ସାମଲ ପ୍ରମୁଖ ଉପସ୍ଥିତ ରହି ସକ୍ରିୟ ସହଯୋଗ ପ୍ରଦାନ କରିଥିଲେ । ତାଲିକା ଅନୁଯାୟୀ ଜିଲ୍ଲାରେ ୫୩ ଜଣ ପ୍ଲାଜ୍‌ମା ଦାନ ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । କରୋନା ପୀଡ଼ିତ ସୁସ୍ଥ ହେବା ପରେ ୪ ସପ୍ତାହ ପରେ ପ୍ଲାଜ୍‌ମା ଦାନ କରିପାରିବେ । ଏଥି ପାଇଁ ବ୍ୟକ୍ତିଙ୍କୁ ୧୮ରୁ ୬୦ ବର୍ଷ ବୟସ ଏବଂ ୫୫ କେଜି ହୋଇଥିବା ଆବଶ୍ୟକ । ଏ ବିଷୟରେ ଗଣମାଧ୍ୟମର ପ୍ରତିନିଧିମାନେ ଗାଆଁଗହଳିରେ ବାର୍ତ୍ତା ପହଂଚାଇବା ପରି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନେଇପାରିବେ ବୋଲି ମନ୍ତ୍ରୀ କ୍ୟାପଟେନ୍ ମିଶ୍ର ଆହ୍ୱାନ ଦେଇଥିଲେ । ମନ୍ତ୍ରୀ ପ୍ଲାଜ୍‌ମା ଦାନ କରିଥିବା ଯୁବକମାନଙ୍କୁ ଏହି ମହତ୍ କାର୍ଯ୍ୟ ନିମନ୍ତେ ସାଧୁବାଦ ଜଣାଇବା ସହ ତାଙ୍କର ଏହି ମଣିଷପଣିଆ ଅନ୍ୟମାନଙ୍କୁ ପ୍ରୋତ୍ସାହିତ କରିବ ବୋଲି କହିଛନ୍ତି ।

# ପ୍ରେମକରି ନୋଟାରୀ ବିବାହ ପରେ ପ୍ରତାରଣା : ନ୍ୟାୟପାଇଁ ଥାନାର ଦ୍ୱାରସ୍ଥ

ଜଳେଶ୍ୱର,୪।୮ (ନି.ପ୍ର): ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକ ଅନ୍ତର୍ଗତ ରାଇବଣିଆ ଥାନାର ମହୁଲକୁଲି ଗ୍ରାମର କେନ୍ଦ ଜେନାଙ୍କ ଜ୍ୟେଷ୍ଠପୁତ୍ର ସ୍ୱାଧିନ ଜେନା (୧୯) ଶ୍ରୀରାମପୁର ପଂଚାୟତ ଅଧିନ ଶ୍ରୀରାମପୁର ଗ୍ରାମର ଲକ୍ଷ୍ମୀଧର ମଲ୍ଲିକଙ୍କ କନ୍ୟା ମାଳତୀ ମଲ୍ଲିକ (୧୮) (ଛଦ୍ମନାମ)ଙ୍କୁ ବହୁଦିନରୁ ଭଲ ପାଇ ଆସୁଥିଲେ । ସ୍ୱାଧିନ ବାରିପଦାରେ ଫାର୍ମାସିଷ୍ଟ ପଢୁଥିବା ବେଳେ ଝିଅ ବାଲେଶ୍ୱରରେ ବି-ଟେକ୍ ପଢୁଥିଲେ । ଗତ ଜୁଲାଇ ୧୧ ତାରିଖରେ ଉଭୟେ ଘରେ କିଛି ନ ଜଣାଇ ଜଳେଶ୍ୱର ନୋଟାରୀରେ ପରସ୍ପରକୁ ବିବାହ କରିଥିଲେ । ଗତ ୧ ତାରିଖ ରାତିରେ ସ୍ୱାଧିନ ଝିଅକୁ ନେଇ କୁଆଡେ ପଳାଇବାପରେ ତା ସହିତ ଶାରିରୀକ ସଂପର୍କ ରଖିଥିଲେ । ବାପା ମା ଖୋଜାଖୋଜି କରିଥିଲେ ମଧ୍ୟ ପାଇନଥିଲେ । ସେମାନେ ମୟୂରଭଂଜ ଜିଲାର ମୋରଡା ଅଂଚଳରେ ରହିବା ସମୟରେ ସ୍ୱାଧିନର ପରିବାର ପକ୍ଷରୁ ଫୋନ୍‌ଯୋଗେ ଉଭୟଙ୍କୁ ଘରକୁ ଡାକିଥିଲେ । ସ୍ୱାଧିନକୁ କେଉଁଠି ଲୁଚାଇ ରଖିବା ପରେ ଝିଅକୁ ପିଟାମରା କରି ଗତକାଲି ସୋମବାର ସଂଧ୍ୟାରେ ଶ୍ରୀରାମପୁର ଗାଁ ମୁଣ୍ଡରେ ପୁଅର ମା ଓ ବଡବାପା ଛାଡି ପଳାଇବା ସମୟରେ ଝିଅ ଚିତ୍କାର କରିଥିଲା । ଫଳରେ ଗ୍ରାମବାସୀ ସେମାନଙ୍କୁ ଅଟକ ରଖି ସମାଧାନ ଲାଗି ଚେଷ୍ଟା କରିଥିଲେ ଓ ରାଇବଣିଆ ଥାନାକୁ ଜଣାଇଥିଲେ । ରାଇବଣିଆ ଥାନା ଅଧିକାରୀ ମାକୁ ଉଦ୍ଧାର କରିଥିବା ବେଳେ ବଡବାପା ଗ୍ରାମବାସୀଙ୍କ ଦ୍ୱାରା ଅଟକ ରହଥିଲେ । ସ୍ଥାନୀୟ ସରପଂଚ ଓ ଗାଁ ମୁଖିଆ ଦ୍ୱାରା ଉଭୟ ପକ୍ଷ ସହିତ ଆଲୋଚନା ଜାରି ରଖିଥିଲେ ମଧ୍ୟ ଅଦ୍ୟବଧି କୌଣସି ସମାଧାନ ହୋଇନାହିଁ । ଝିଅର ବାପା ରାଇବଣିଆ ଥାନାରେ ଅଭିଯୋଗ କରିଥିଲେ ହେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନଥିବା ଝିଅର ପରିବାର ପକ୍ଷରୁ ଅଭିଯୋଗ ହୋଇଛି । ଝିଅର ବାପା, ମା ରାଇବଣିଆ ଥାନାରେ ଦ୍ୱାରସ୍ଥ ହୋଇ ତାଙ୍କ ଝିଅର ଭବିଷ୍ୟତ ପାଇଁ ଆକୁଳ ନିବେଦନ କରିଛନ୍ତି ।

## ଅଘୋଷିତ ବିଦ୍ୟୁତ୍ କାଟକୁ ନେଇ ଅସନ୍ତୋଷ

# 'ନେସ୍କୋ'ଏସଡିଓଙ୍କୁ ଉପଭୋକ୍ତାଙ୍କ ଆନ୍ଦୋଳନ ଚେତାବନୀ

ବାଲେଶ୍ୱର,୪।୮ (ନି.ପ୍ର): ବାଲେଶ୍ୱର ସହର ସମେତ ଜିଲ୍ଲାରେ ଗତ କିଛିଦିନ ଧରି ହେଉଥିବା ଅଘୋଷିତ ବିଦ୍ୟୁତ୍ କାଟକୁ ନେଇ ଉପଭୋକ୍ତା ମହଲରେ ଅସନ୍ତୋଷ କ୍ରମଶଃ ଦାନା ବାନ୍ଧିବାରେ ଲାଗିଛି । ଏହାକୁ ନେଇ ସହରର ବହୁ ସଚେତନ ଉପଭୋକ୍ତା ଆଜି ବିଦ୍ୟୁତ୍ ବଣ୍ଟନକାରୀ ସଂସ୍ଥା 'ନେସ୍କୋ'ର ବିଦ୍ୟୁତ୍ ମାର୍ଗସ୍ଥିତ ଉପଖଣ୍ଡ ଅଧିକାରୀଙ୍କୁ ସାକ୍ଷାତ କରିଛନ୍ତି । ଅଘୋଷିତ ବିଦ୍ୟୁତ୍ କାଟ ବନ୍ଦ କରାନଗଲେ ଆଗାମୀ ଦିନରେ ପୁଣି ଏକ ଜନ ଆନ୍ଦୋଳନ ହେବାକୁ ଯାଉଥିବା ନେଇ ସେମାନେ ଚେତାବନୀ ଦେଇଥିଲେ । ଏନେଇ



ଦୀର୍ଘ ସମୟ ଧରି ଆଲୋଚନା ହୋଇଥିଲା । ବିଗତ ଦିନର ଲୋ'-ଭୋଲ୍ଟେଜ ସମସ୍ୟା ସମାଧାନ ହୋଇଥିବା ବେଳେ ମେଣ୍ଟେନାନ୍ସ ପାଇଁ ଗତ କିଛିଦିନ ଧରି ବେଳେ ବେଳେ ବିଦ୍ୟୁତ୍ କାଟ ହେଉଥିବା ଏସଡିଓ -୧ ଇଂ ସୌମ୍ୟରଂଜନ ନାୟକ କହିଥିଲେ । ସାଧାରଣତଃ ବିଦ୍ୟୁତ୍ କାଟ ପୂର୍ବରୁ ବିଭାଗ ପକ୍ଷରୁ ସୂଚନା ଦିଆଯାଇଥାଏ । ମାତ୍ର ହଠାତ୍ ଆବଶ୍ୟକ ହେଉଥିବା ମେଣ୍ଟନାନ୍ସ ଓ ବ୍ରେକଡାଉନ୍ ବାନ୍ଧିବା ପାଇଁ ବିଦ୍ୟୁତ୍ କାଟ ବାବଦରେ ସୂଚନା ଦେବାକୁ ସମୟ ମିଳେ ନାହିଁ ବୋଲି ସେ କହିଥିଲେ । ତେବେ ଆଗାମୀ ଦିନରେ ଯେପରି ଏ ସମସ୍ୟା ନ ହେବ ସେଥିଲାଗି ଉଚିତ ପଦକ୍ଷେପ ନିଆଯାଉଥିବା ଏସଡିଓ ଶ୍ରୀ ନାୟକ ପ୍ରତିଶ୍ରୁତି ଦେଇଥିଲେ । ଆଲୋଚନା ବେଳେ ସରୋଜ କୁମାର ମହାପାତ୍ର, ପ୍ରାର୍ଥ ପ୍ରତୀମ କର, ଦିଲ୍ଲୀପ ପିରିଡ଼ା, ଅମୂଲ୍ୟ ମହାନ୍ତି, ସୁଶୀଲ ମହାନ୍ତି, ଶେଖ୍ ରାଜୁ ପ୍ରମୁଖ ଉପସ୍ଥିତ ଥିଲେ ।

## କରୋନାରେ ଦେଶରେ ଗତ ୨୪ ଘଂଟାରେ ୮୦୩ ଜଣଙ୍କର ମୃତ୍ୟୁ

ନୂଆଦିଲ୍ଲୀ, ୦୪ ଅଗଷ୍ଟ - ଦେଶରେ ଗତ ୨୪ଘଂଟା ମଧ୍ୟରେ ୫୨୦୫୦ ଟି ନୂଆ କରୋନା ମାମଲା ସାମନାକୁ ଆସିଛି । ଗତ ୨୪ ଘଂଟା ମଧ୍ୟରେ ୮୦୩ ଜଣଙ୍କର ମୃତ୍ୟୁ ଘଟିଛି । ଆଜି ସକାଳେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ, ଦେଶରେ ବର୍ତ୍ତମାନ ୫,୮୬,୨୯୮ ସକ୍ରିୟ ରୋଗୀ ଅଛନ୍ତି । ଏଥି ସହିତ ବର୍ତ୍ତମାନ ସୁଦ୍ଧା ୩୮୯୩୮ ମୃତ୍ୟୁବରଣ କରିଛନ୍ତି। ଦେଶରେ ମୋଟ ୧୨୩୫୦୯ ରୋଗୀ ସୁସ୍ଥ ହୋଇ ସାରିଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶ କରାଯାଇଛି ।

# ଓମ୍ ପ୍ରସାଦ ମହାନ୍ତି ଆଇ.ଏ.ଏସ୍ ପରୀକ୍ଷାରେ କୃତକାର୍ଯ୍ୟ

ଜଳେଶ୍ୱର,୪।୮ (ନି.ପ୍ର): ଜଣେ ମେଧାବୀ, ଶାନ୍ତ ଓ ପ୍ରଶାସନୀକ ସେବାରେ ଚାକିରୀ କରିବାର ସ୍ୱପ୍ନ ଦେଖୁଥିବା ଓମ୍ ପ୍ରସାଦ ମହାନ୍ତି ଆଜି ଆଇ.ଏ.ଏସ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି । ଓଡିଶାର ୨୦ଜଣ ଆଇ.ଏ.ଏସ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ଓମ୍ ପ୍ରସାଦ ମହାନ୍ତି ଅନ୍ୟତମ । କଟକର ଆଠଗଡ ଅଂଚଳରେ ବାପା ଗୌରିଶଂକର ମହାନ୍ତି ଓ ମାତା ସୁପ୍ରଭା ମହାନ୍ତିଙ୍କ କୂଳ ମଣ୍ଡନ କରିଥିଲେ ମଧ୍ୟ ବହୁ ସମୟରେ ଶ୍ୱଶୁର ଘର ଜଳେଶ୍ୱରର ଶାନ୍ତିଆରେ ଅତିବାହିତ କରିଥାନ୍ତି । ସେ ଜଳେଶ୍ୱରର ପାଣି ପବନ ସହିତ ଓତଃପ୍ରତଃଭାବେ ଜଡିତ ଥିବା ବେଳେ ଶ୍ୱଶୁର ଡ. ଲଳିତ ରଂଜନ ସେନାପତି, ଶାଶୁ ଚାରୁବାଳା ସେନାପତି ଓ ସ୍ତ୍ରୀ ସୌମ୍ୟଶ୍ରୀ ସେନାପତିଙ୍କ ଅଧିକ ପ୍ରତ୍ସାହନରେ ଆଇ.ଏସ୍.ଏସ୍ ପରୀକ୍ଷାପାଇଁ ପ୍ରସ୍ତୁତି ହୋଇ ଶେଷରେ ସଫଳ ହୋଇଥିବା ଶ୍ୱଶୁର ପ୍ରାଧ୍ୟାପକ ଡ. ଲଳିତ ରଂଜନ ସେନାପତି ଏକ ପ୍ରେସ୍ ଇସ୍ତାହାରରେ ଜଣାଇଛନ୍ତି । ଓମ୍‌ପ୍ରସାଦ ଯାଜପୁର ଜିଲାର ଜିନ୍ଦଲ କମ୍ପାନୀରେ ଅଧିକାରୀ ରୂପେ କାର୍ଯ୍ୟ କରୁଥିବା ସମୟରେ ସେଠାରୁ ଛୁଟିରେ ଆସି ଦିଲ୍ଲୀରେ ଆ.ଏସ୍.ଏସ୍ କୋଚିଂ ନେଇଥିଲେ । ସେ ଓ.ଏସ୍ ପରୀକ୍ଷାରେ ମଧ୍ୟ ସଫଳ ହୋଇଥିଲେ । ଆଜି ସେ ଓଏସ୍ ରେ ଜଏନ୍ କରିବାପାଇଁ ଗଲାବେଳେ ହଠାତ୍ ଖବର ପାଇ ଘରକୁ ଫେରିଛନ୍ତି । ସେ ଦିନକୁ ୧୦ ଘଣ୍ଟାରୁ ଅଧିକ ସମୟ ପରୀକ୍ଷାପାଇଁ ପ୍ରସ୍ତୁତି ହେଉଥିବା ସାମ୍ବାଦିକଙ୍କ ପ୍ରଶ୍ନ ଉତ୍ତରରେ କହିଛନ୍ତି । ତାଙ୍କର ସଫଳତାର ଶ୍ରେୟ ବାପା, ମା, ଶ୍ୱଶୁର, ଶାଶୁ, ପରିବାରବର୍ଗଙ୍କ ସହିତ ସ୍ତ୍ରୀ ସୌମ୍ୟଶ୍ରୀ ସେନାପତିଙ୍କୁ ପ୍ରଦାନ କରିଛନ୍ତି । ଫଳରେ ଜଳେଶ୍ୱର ଅଂଚଳରେ ଆନନ୍ଦର ଲହରୀ ଖେଳି ଯାଇଛି ।



# ପ୍ରବାସୀ ଶ୍ରମିକମାନଙ୍କୁ ରାଜ୍ୟରେ ଚାକିରୀ ଦେବା ମନ୍ତବ୍ୟ : ଅମର ପଟ୍ଟନାୟକଙ୍କୁ ବିଜେପିର ଟାର୍ଗେଟ୍

ଭୁବନେଶ୍ୱର,୪।୮ (ନି.ପ୍ର): ପ୍ରବାସୀ ଶ୍ରମିକଙ୍କ ପାଇଁ ବିଜେଡି ରାଜ୍ୟସଭା ସାଂସଦ ଅମର ପଟ୍ଟନାୟକ ଚାକିରୀ ଦେବା ପାଇଁ ଚେଷ୍ଟା କରିବି ବୋଲି କହିବା ଅତ୍ୟନ୍ତ ହାସ୍ୟାସ୍ପଦ । ଦୀର୍ଘ ୨୦ ବର୍ଷ ନିରଙ୍କୁଶ ଶାସନ ପରେ ବି ରାଜ୍ୟସରକାର ଶ୍ରମିକଙ୍କ ମାନଙ୍କୁ କାମ ଯୋଗାଇ ପାରିଲେ ନାହିଁ । ଯାହା ଫଳରେ ସେମାନେ କମ ଦରମାରେ ଅନ୍ୟ ରାଜ୍ୟରେ ଦାଦନ ଖଟୁଛନ୍ତି । ଆଉ ଏବେ ଏକ ନୂଆ ଭେଳିକି ଦେଖାଇ ବିଜେଡି ସାଂସଦ ଚାକିରୀ ଦେବା ଅଭିଯାନ ଆରମ୍ଭ କରିବା କହି ଓଡିଶାବାସୀଙ୍କୁ ପୁଣିଥରେ ଭ୍ରମିତ କରିବାକୁ ଚେଷ୍ଟା କରୁଛନ୍ତି ବୋଲି ବିଜେପି ରାଜ୍ୟ ସାଧାରଣ ସଂପାଦକ ଶ୍ରୀ ଗୋଲକ ମହାପାତ୍ର ଅଭିଯୋଗ କରିଛନ୍ତି । ଶ୍ରୀ ମହାପାତ୍ର କହିଛନ୍ତି ଯେ, ରାଜ୍ୟ ବାହାରେ ପାଖାପାଖି ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଓଡିଆ ବିଭିନ୍ନ କାର୍ଯ୍ୟରେ ନିୟୋଜିତ ରହିଥିଲେ । କରୋନା ମହାମାରୀ ସମୟରେ ବିଭିନ୍ନ ସଂସ୍ଥା ବନ୍ଦ ହୋଇଥିବାରୁ ପ୍ରବାସୀ ଶ୍ରମିକମାନେ ଏବେ ନିଜ ନିଜ ଗାଁରେ ଅଛନ୍ତି । ପ୍ରବାସୀ ଶ୍ରମିକମାନଙ୍କର ଚାକିରୀ କରୁଥିବା ସ୍ଥାନ, କେଉଁ ବିଭାଗ, କେଉଁ ପଦବୀ, କେତେ ଦରମା ଏବଂ କେତେ ବର୍ଷର ଅଭିଜ୍ଞତା ଆଦିର ଏକ ତାଲିକା ପ୍ରସ୍ତୁତ କରି ଦକ୍ଷତା ଅନୁଯାୟୀ ନିଜ ରାଜ୍ୟରେ ସରକାର ସେମାନଙ୍କୁ ନିଯୁକ୍ତି ଦିଅନ୍ତୁ । ମାନ୍ୟବର ସୁପ୍ରିମକୋର୍ଟ ପ୍ରବାସୀ ମାନଙ୍କର ଦକ୍ଷତା ମ୍ୟାପିଂ କରିବା ପାଇଁ ସମସ୍ତ ରାଜ୍ୟସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । କିନ୍ତୁ ରାଜ୍ୟସରକାର ଏପର୍ଯ୍ୟନ୍ତ ଏହାକୁ ଲାଗୁ କରିନାହାଁନ୍ତି । ଚଳିତ ବର୍ଷ ଜାନୁଆରୀ ୧୫ ତାରିଖରେ ପ୍ରବାସୀ ଶ୍ରମିକମାନଙ୍କୁ ସୁରକ୍ଷା ଓ ସହାୟତା ପାଇଁ ରାଜ୍ୟ ସରକାର ୫୦୦ ଶହ ଟଙ୍କାର କର୍ପସ ପାଣ୍ଠି ଗଠନ କରିଥିଲେ । ଏଥିରେ ରାଜ୍ୟ ସରକାର ୧୧ଟି ଜିଲ୍ଲାକୁ ସାମିଲ କରିଥିଲେ ବି ଅନେକ ଜିଲ୍ଲାରେ ଏପର୍ୟ୍ୟନ୍ତ ଏହାକୁ ଲାଗୁ କରାଯାଇ ନାହିଁ । ପ୍ରବାସୀ ଶ୍ରମିକଙ୍କ ସହାୟତା ପାଇଁ ପ୍ରତି ପଂଚାୟତରେ ଶ୍ରମିକ ମିତ୍ର ନିଯୁକ୍ତ କରାଯିବା କଥା କୁହାଯାଇଥିଲା କିନ୍ତୁ ତାହା ହୋଇନାହିଁ । ଏବେ ବିଜେଡି ସାଂସଦ ୩ଟି ଜିଲ୍ଲାର ୨୦୦ ପ୍ରବାସୀ ଶ୍ରମିକଙ୍କୁ ଏକ ଘରୋଇ କଂପାନୀରେ ରୋଜଗାର ଦେବା କଥା କହି କେବଳ ବାହା ବାହା ନେବାକୁ ବସିଛନ୍ତି । ସେଥିରେ ପୁଣି ବିଜେଡି ଆଇଟି କୋଅର୍ଡିନେଟରଙ୍କ ସହ ଯୋଗାଯୋଗ କରିବା ପାଇଁ ସାଂସଦ କହିଛନ୍ତି । ଏଥିରୁ ସ୍ପଷ୍ଟ ଯେ, ବିଜେଡି ସମର୍ଥୀତ ଲୋକଙ୍କୁ ନିଯୁକ୍ତି ଦେବାରେ ପ୍ରାଧାନ୍ୟ ଦିଆଯିବ । ଗରିବ ଓଡିଆ ମାନଙ୍କୁ କାହିଁକି ବୋକା ବନେଇବା ପାଇଁ ଚେଷ୍ଟା କରୁଛନ୍ତି ଅମର ବାବୁ । ଅମର ବାବୁଙ୍କ ଦଳର ସରକାର ରାଜ୍ୟରେ ଅଛି । ସେ ସରକାରଙ୍କୁ କୁହନ୍ତୁ ସଂପୂର୍ଣ୍ଣ ପ୍ରବାସୀ ଶ୍ରମିକଙ୍କ ତଥ୍ୟ ଯୋଗାଇ ଦେବେ । ଅମର ବାବୁଙ୍କ ସରକାର ୨୦ ବର୍ଷ ଧରି ଚାକିରୀ ଓ ରୋଜଗାର ସୃଷ୍ଟି କରିପାରିଲେ ନାହିଁ ବୋଲି ଶ୍ରୀ ମହାପାତ୍ର ଅଭିଯୋଗ କରିଛନ୍ତି ।

# ଜୀବିକା ମିଶନ ଓ କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ ପ୍ରବାସୀ ଓଡିଆ ମାନଙ୍କୁ ତାଲିମ ଶିବିର




ଜଳେଶ୍ୱର,୪।୮ (ନି.ପ୍ର): ଗରିବ କଲ୍ୟାଣ ରୋଜଗାର ଅଭିଯାନର ଯୋଜନାରେ ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକର ୩୫ଟି ପଂଚାୟତର ୩୫ଜଣ ପ୍ରବାସୀ ଓଡିଆ ଯୁବକମାନଙ୍କୁ ଜଳେଶ୍ୱର ଜୀବିକା ମିଶନ ଓ କୃଷି ବିଜ୍ଞାନ କେନ୍ଦ୍ର ବାଲେଶ୍ୱର ଆନୁକୂଲ୍ୟରେ ୩ ଦିନିଆ ତାଲିମ ଶିବିର ଜଳେଶ୍ୱର ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ପ୍ରବାସୀ ମାନଙ୍କୁ କୁକୁଡା ଚାଷ କରି ସ୍ୱାବଲମ୍ବୀ କରାଇବା ଉଦ୍ଦେଶ୍ୟରେ କେନ୍ଦ୍ର ସରକାରଙ୍କ ଏହା ପ୍ରୟାସ ବୋଲି ଜଣାଯାଇଛି । ଆଜି ମଙ୍ଗଳବାର ପୂର୍ବାହ୍ନରେ ଏହି ଶିବିରକୁ ଉଦ୍‌ଘାଟନ କରାଯାଇଛି । ଗୃହ ବୈଜ୍ଞାନିକ ଡ. ଅମିତ୍ରା ରାଣୀ ପାତ୍ର, ବନ୍ୟଜନ୍ତୁ ବୈଜ୍ଞାନିକ ସେଫାଳି ରାଉତ, ଜୀବିକା ମିଶନର ଜିଲା ପ୍ରକଳ୍ପ ମ୍ୟାନେଜର ଚନ୍ଦନ କୁମାର ବେହେରା, ବ୍ଲକ ପ୍ରକଳ୍ପ ମ୍ୟାନେଜର ତାପସ କୁମାର ମହାନ୍ତି , ବ୍ଲକ ସଂଯୋଜକା ମଧୁମିତା ଦାସ ଉପସ୍ଥିତ ରହି ପ୍ରବାସୀ ଓଡିଆ ଯୁବକ ମାନଙ୍କୁ ତାଲିମ ଦେଇଥିଲେ । ଏହି ତାଲିମ କାର୍ଯ୍ୟକ୍ରମ ଆସନ୍ତା ୬ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଜଣାଯାଇଛି ।

# ଅଯୋଧ୍ୟା ଶ୍ରୀରାମ ମନ୍ଦିର ନିର୍ମାଣ ପାଇଁ ଭୂମିପୂଜନ ଆଜି

## ଘରେ ଘରେ ଉତ୍ସବ ପାଳନ ପାଇଁ ବିଶ୍ୱହିନ୍ଦୁ ପରିଷଦର ନିବେଦନ

ବାଲେଶ୍ୱର,୪।୮ (ନି.ପ୍ର): ଅଯୋଧ୍ୟାରେ ରାମ ଜନ୍ମଭୂମିରେ ମର୍ଯ୍ୟାଦା ପୁରୁଷ ପ୍ରଭୁ ଶ୍ରୀରାମଙ୍କ ଭବ୍ୟ ମନ୍ଦିର ନିର୍ମାଣ ପାଇଁ ଭୂମିପୂଜନ କାର୍ଯ୍ୟକ୍ରମ ଆରମ୍ଭ ହେବାକୁ ନେଇ ଶ୍ରଦ୍ଧାଳୁଙ୍କ ସମେତ ଜନସାଧାରଣଙ୍କ ମଧ୍ୟରେ ଖୁସୀ ପରିଲକ୍ଷିତ ହୋଇଛି । ୫ ତାରିଖରେ ପ୍ରଧାମନ୍ତ୍ରୀ ଏହି ଉତ୍ସବରେ ଯୋଗଦେବାକୁ ଯାଉଛନ୍ତି । ଏଭଳି ସ୍ଥିତିରେ ଭୂମି ପୂଜନ ଉତ୍ସବକୁ ଘରେ ଘରେ ପାଳନ ପାଇଁ ବିଶ୍ୱ ହିନ୍ଦୁପରିଷଦ ପକ୍ଷରୁ ଜନସାଧାରଣଙ୍କୁ ନିବେଦନ କରାଯାଇଛି । ବିଶ୍ୱ ହିନ୍ଦୁପରିଷଦ ପ୍ରାନ୍ତୀୟ ଉପାଧ୍ୟକ୍ଷ ଭଗବାନ ଦାସ ଖଣ୍ଡେଲୱାଲ, ବାଲେଶ୍ୱର ଜିଲ୍ଲା



କାର୍ଯ୍ୟକାରୀ ସଭାପତି ଦେବାଶିଷ ମହାନ୍ତି ଏକ ପ୍ରେସ୍ ବୃତ୍ତିରେ କହିଛନ୍ତି କି ଦୀର୍ଘ ୫ଶହ ବର୍ଷ ସାଧନାର ଫଳ ସ୍ୱରୂପ ଶ୍ରୀରାମ ମନ୍ଦିର ନିର୍ମାଣର ଶୁଭ ମୁହୂର୍ତ୍ତ ପହଞ୍ଚିଛି । ଏହି ମନ୍ଦିର ନିର୍ମାଣ ପାଇଁ ପିଢ଼ି ପିଢ଼ି ଧରି ରାଜା, ମହାରାଜା, ସାଧୁସନ୍ଥ ଓ ଭକ୍ତମାନେ ଉଦ୍ୟମ କରିଆସିଥିଲେ । ଶେଷରେ ଏହି ଶୁଭ ବେଳ ଉପନୀତ ହେବା ସହ କେବଳ ଅଯୋଧ୍ୟା ନୁହେଁ ବରଂ ସମଗ୍ର ଦେଶରେ ଲୋକେ ଆନନ୍ଦିତ ହୋଇଛନ୍ତି । ପ୍ରତ୍ୟେକ ପରିବାର ଏହି ଶୁଭକାର୍ଯ୍ୟକୁ ଉତ୍ସବ ଆକାରରେ ପାଳନ ପାଇଁ ବିଶ୍ୱହିନ୍ଦୁ ପରିଷଦର କର୍ମକର୍ତ୍ତାମାନେ ସମସ୍ତଙ୍କୁ ନିବେଦନ କରିଛନ୍ତି ।

## ହାଇସ୍କୁଲ ଶିକ୍ଷକ ସଂଘ ତରଫରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୧ ଲକ୍ଷ ଟଙ୍କା ପ୍ରଦାନ

ଭୁବନେଶ୍ୱର, ୦୪ ଅଗଷ୍ଟ - ରାଜ୍ୟରେ କୋଭିଡ୍-୧୯ ସ୍ଥିତିର ମୁକାବିଲା ପାଇଁ ଅଣ ଅନୁଦାନ ପ୍ରାପ୍ତ ନିଖିଳ ଓଡିଶା ୧୭୭ ହାଇସ୍କୁଲ ଶିକ୍ଷକ ସଂଘ ପକ୍ଷରୁ ଆଜି ଓଡିଶା ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୧ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି । ଆଜି ପୂର୍ବାହ୍ନରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଶ୍ରୀ ସମୀର ରଞ୍ଜନ ଦାଶଙ୍କୁ ମା ଅମ୍ବିକା ଏସ୍.ସି.ଏସ୍.ଟି ଶିକ୍ଷା ସେବାଶ୍ରମ ଅନୁଷ୍ଠାନ, ଜଗତସିଂହପୁରର ସଂପାଦକ ଶ୍ରୀ ଜୀବନ ସାମନ୍ତରାୟ ଏହି ଅର୍ଥରାଶିକୁ ଚେକ୍ ଆକାରରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠି ଉଦ୍ଦେଶ୍ୟରେ ପ୍ରଦାନ କରିଛନ୍ତି । ଏହି ଅବସରରେ ଓଡିଶା ହାଇକୋର୍ଟର ବରିଷ୍ଠ ଆଇନ୍‌ଜୀବୀ ଶ୍ରୀ ନାଗାର୍ଜୁନ ସେଠୀ ଏବଂ ଆଇନ୍‌ଜୀବୀ ଶ୍ରୀ ପିତାମ୍ବର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

# ରାମ ମନ୍ଦିର ଆନ୍ଦୋଳନ ସହ ସ୍ମୃତିକୁ ମନେ ପକାଇଲେ ଜୁଏଲ ଓରାମ

ରାଉରକେଲା, ୦୪ ଅଗଷ୍ଟ (ହି.ସ.) ପୂର୍ବତନ କେନ୍ଦ୍ର ମନ୍ତ୍ରୀ ତଥା ସୁନ୍ଦରଗଡ ସାଂସଦ ଜୁଏଲ ଓରାମ ରାମ ମନ୍ଦିର ଆନ୍ଦୋଳନ ସହ ସ୍ମୃତିକୁ ମନେ ପକାଇ ସେ ସମୟର କିଛି ଫଟୋ ସୋସିଆଲ ମିଡିଆରେ ଶେୟାର କରିଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ ପ୍ରଭୁ ଶ୍ରୀରାମଙ୍କ କାର୍ଯ୍ୟରେ ଗୁଣ୍ଡୁଚି ମୂଷାଭଳି ପ୍ରତ୍ୟକ୍ଷ ଭାବେ ସେବା କରିବାରେ ମୋର ଭୂମିକା ରହିଥିବାରୁ ମୁଁ ଆଜି ନିଜକୁ ଗର୍ବ ଅନୁଭବ କରୁଛି । ଉତ୍କଳପ୍ରାନ୍ତର ପ୍ରାନ୍ତ ପ୍ରମୁଖ ଭାବେ ୧୯୯୨ ମସିହା ନଭେମ୍ବର ୨୦ ତାରିଖରୁ ଡିସେମ୍ବର ୭ ପର୍ଯ୍ୟନ୍ତ କରସେବକମାନଙ୍କ ସହିତ ଅଯୋଧାରେ ରହିବାର ସୁଯୋଗ ମିଳିଥିଲା, ସେଥିପାଇଁ ନିଜକୁ ଧନ୍ୟ ମନେକରୁଛି ବୋଲି ସେ କହିଛନ୍ତି । ସେ କହିଛନ୍ତି ଯେ ଦୀର୍ଘ ଚାରି ଦଶନ୍ଧି ଧରି ଏହି ରାମଜନ୍ମଭୂମୀ ଆନ୍ଦୋଳନରେ କାରସେବାର ନେତୃତ୍ୱନେବା ଠାରୁ ଆରମ୍ଭ କରି ଗ୍ରାମଗ୍ରାମ ବୁଲି ଶିଳା ପୂଜନ ଓ ଇଟା, ଅର୍ଥ, ଚାଉଳ, ଡାଲି ଆଦି ସଂଗ୍ରହ, ସାଧୁସନ୍ଥଙ୍କ ସହ ଗାଁଗାଁ ବୁଲି ରାମକଥାର ପ୍ରଚାର ଆଦି ଅନେକ କାର୍ଯ୍ୟରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଜଡ଼ିତ ରହିଛି, ଯାହାର କିଛି ଫଟୋ ଏଥିରେ ସଂଲଗ୍ନ କରୁଛି ବୋଲି ଲେଖି ଫଟୋ ଶେୟାର କରିଛନ୍ତି ।

## ରାଜ୍ୟରେ ଗତ ୨୪ ଘଂଟା ମଧ୍ୟରେ ୧୪୦୦୨ କରୋନା ପରୀକ୍ଷଣ

ଭୁବନେଶ୍ୱର, ୦୪ ଅଗଷ୍ଟ - ରାଜ୍ୟରେ ଗତ ୨୪ ଘଂଟା ମଧ୍ୟରେ ୧୩୨୭୨ କରୋନା ପରୀକ୍ଷଣ ହୋଇଛି । ଆଜି ସୁଦ୍ଧା ରାଜ୍ୟରେ ମୋଟ ୫୭୦୫୯୦ କରୋନା ପରୀକ୍ଷଣ କରା ଯାଇଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo